


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୧ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 JANUARY 2022
Vol.No. 33 ■ No. 29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଫେବୃଆରୀ ୧ରୁ ବଜେଟ୍ ଉପସ୍ଥାପନ କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ,୩୦/୦୧: ଫେବ୍ରୁଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ । କରୋନା ମହାମାରୀ ସମୟରେ ବଜେଟ୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ବଜେଟ୍ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଟିମରେ ୫ ଜଣ ଅନୁଭବୀ ଏବଂ ଦକ୍ଷତା ସମ୍ପର୍ଣ୍ଣ ଆଇଏଏସ୍ ଅଧିକାରୀ ଅଛନ୍ତି । ତେବେ ନିର୍ମଳାଙ୍କ ଏହି ଟିମରେ ଅଛନ୍ତି ୧୯୮୭ ବ୍ୟାଚର ଓଡ଼ିଶା କ୍ୟାଡରର ଦୁଇ ଆଇଏଏସ୍ ଅଧିକାରୀ । ନିବେଶ ଏବଂ ସାର୍ବଜନୀନ ସମ୍ପତି ପରିଚାଳନା ବିଭାଗର ସଚିବ ତୁହିନିକାନ୍ତ ପାଣ୍ଡେ ଏବଂ ଫିନାନସିଆଲ ସର୍ଭିସେସ ବିଭାଗର ସଚିବ ଦେବାଶିଷ ପଣ୍ଡା ଏବେ ନିର୍ମଳାଙ୍କ ଟିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି । ୨୦୧୯ରୁ ଏହି ପଦବୀରେ ରହିଥିବା ତୁହିନକାନ୍ତ ପାଣ୍ଡେ ଏୟାର ଇଣ୍ଡିଆର ଘରୋଇକରଣରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ତାଙ୍କ ପାଖରେ ୧୭ଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ପୁଞ୍ଜି ପତ୍ୟାହାର ଦାୟିତ୍ୱ ରହିଛି । ଯେଉଁଥିରେ ଭାରତୀୟ ଜୀବନ ବୀମାର ମେଗା ଲିଷ୍ଟ ରହିଛି । କ୍ରମାଗତ ତୃତୀୟ ଥର ପାଇଁ ତୁହିନିକାନ୍ତ ବଜେଟ୍ ଟିମରେ ସାମିଲ ହୋଇଛନ୍ତି । ସେହିପରି ବଜେଟରେ ଅର୍ଥମନ୍ତ୍ରୀଙ୍କ ଆର୍ଥିକ ସେବା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବାର ସମ୍ଭବାନା ରହିଛି । ଯାହାକୁ କାର୍ଯ୍ୟକାରୀ କରିବାର ଦାୟୀତ୍ୱ ଦେବାଶିଷ ପଣ୍ଡାଙ୍କର ରହିବ । ବଜେଟରେ ସାମାଜିକ ଯୋଜନା ଗୁଡିକର କ୍ରିୟାନ୍ୱୟନ କରିବାରେ ତାଙ୍କର ଭୂମିକା ରହିଛି । ଏଥିସହ ଆର୍ଥିକ ସେବା କ୍ଷେତ୍ରକୁ ସୁଦୃଢ ତଥା ବ୍ୟବସ୍ଥିତ କରିବା ପାଇଁ ଶ୍ରୀ ପଣ୍ଡା ରିଜର୍ଭ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାର ଗୁରୁ ଦାୟୀତ୍ୱ ରହିବ । ତେବେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହି ୫ ଜଣିଆ ଟିମରେ ଅର୍ଥ ସଚିବ ଟିଭି ସୋମନାଥନ, ରାଜସ୍ୱ ସଚିବ ତରୁଣ ବଜାଜ, ଆର୍ଥିକ ବ୍ୟାପାର ସଚିବ ଅଜୟ ସେଠୀ ସାମିଲ ଅଛନ୍ତି ।

## କାହା କ୍ଷେତ୍ରରେ ଘାତକ ହେଉଛି ଓମିକ୍ରନ ?




ନୂଆଦିଲ୍ଲୀ,୩୦/୦୧: ଦେଶରେ କରୋନା ସଂକ୍ରମଣ କମୁଥିଲେ ମଧ୍ୟ ମୃତ୍ୟୁହାର ବଢିବା ଚିନ୍ତାର କାରଣ ପାଲଟିଛି । ମୃତ୍ୟୁହାର କାହିଁକି ବଢୁଛି ? ଏହା ପଛରେ ଓମିକ୍ରନର ଭୂମିକା ରହିଛି କି ? ଏଭଳି ପ୍ରଶ୍ନକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁଧ୍ୟାନ କରୁଛନ୍ତି । ଆମେରିକାରେ ବିଶେଷଜ୍ଞମାନେ କହିଛନ୍ତି, ସାଧାରଣ ଲୋକଙ୍କ ପାଇଁ ସେତେ ମାରାତ୍ମକ ହେଉନଥିବା ଓମିକ୍ରନ ଅନ୍ୟ ଗୁରୁତର ରୋଗୀଙ୍କ ପାଇଁ କିନ୍ତୁ ଘାତକ ସାବ୍ୟସ୍ତ ହେଉଛି । ଆମେରିକାର ଲୋକପ୍ରିୟ ଗଣମାଧ୍ୟମ ନ୍ୟୁୟର୍କ ଟାଇମ୍ସ ଏ ସଂପର୍କରେ ରିପୋର୍ଟ ପ୍ରକାଶ କରିଛି । ସୁଦର୍ଶନ ମଲ୍ଲିକ – ଜଗତସିଂହପୁରର ଏହି ବ୍ୟକ୍ତି ଡାଇବେଟିସ ଓ ହାଇ ବ୍ଲଡପ୍ରେସର ରୋଗରେ ପୀଡିତ ଥିଲେ । ଏହାସହ କିଡନୀରେ ମଧ୍ୟ ସଂକ୍ରମଣ ହୋଇଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ଆଉ ଚିକିତ୍ସିତ ହେବା ସମୟରେ ସେ କୋଭିଡ କବଳରେ ପଡିଥିଲେ । କୋଭିଡ ସଂକ୍ରମିତ ହେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ଦୃତ ଅବନତି ହେବା ସହ ରବିବାର ତାଙ୍କର ମୃତ୍ୟୁ ହୋଇଛି । ଆମେରିକାରେ ମୃତ୍ୟୁସଂଖ୍ୟା ପୁଣି ପ୍ରତିଦିନ ୨ ହଜାର ଅତିକ୍ରମ କରୁଛି । ନ୍ୟୁୟର୍କ ଟାଇମ୍ସ କରିଥିବା ରିପୋର୍ଟ ଅନୁସାରେ, ଗୋଲେଡନ ଭ୍ୟାଲି ମେମୋରିଆଲ ▶▶ପୃଷ୍ଠା ୭

## ମୁଁ ଗାନ୍ଧୀଙ୍କୁ କାହିଁକି ମାରିଲି ସିନେମାକୁ ନିଷେଧ କରିବାକୁ ସିନେକ୍ରିଟିକ୍ ଆସୋସିଏସନର ଦାବି

ଭୁବନେଶ୍ୱର,୩୦/୦୧(ନି.ପ୍ର): 'ମୁଁ ଗାନ୍ଧୀଙ୍କୁ କାହିଁକି ମାରିଲି' ସିନେମାକୁ ନିଷେଧ କରିବା ପାଇଁ ଓଡ଼ିଶାର ଅଗ୍ରଣୀ ସିନେମା ଓ ସାଂସ୍କୃତିକ ସଂଗଠନ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି । ଆସୋସିଏସନର ସଭାପତି ତଥା ରାଜ୍ୟର ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ସମୀକ୍ଷକ ତଥା ସିନେକ୍ରିଟିକ୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ଦିଲ୍ଲୀପ ହାଲି, ସଂଗଠନର କୋଷାଧ୍ୟକ୍ଷ ରବିନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ଲୁଟୁ ମହାନ୍ତି, ଅତିଶ ରାଉତ ପ୍ରମୁଖ ଏହି ଚଳଚ୍ଚିତ୍ରଟିକୁ ତୀବ୍ର ନିନ୍ଦା କରିବା ସଙ୍ଗେସଙ୍ଗେ ଏହାର ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଓ.ଟି.ଟି. ପ୍ଲାଟ୍ଫର୍ମରେ, ବିନା ସେନ୍ସରରେ ଜାତିର ପିତାଙ୍କୁ ଅବମାନନା କରୁଥିବା ଚଳଚ୍ଚିତ୍ରକୁ ଯଦି ଏବେଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତାହେଲେ ଆଗାମୀ ଦିନରେ ଦେଶର ସାଂସ୍କୃତିକ ▶▶ପୃଷ୍ଠା ୭

## ଲିଙ୍ଗରାଜଙ୍କ ଜମିରେ ବେଆଇନ୍ ନିର୍ମାଣ ବନ୍ଦ କଲା ଜିଲ୍ଲା ପ୍ରଶାସନ



ଭୁବନେଶ୍ୱର,୩୦/୦୧(ନି.ପ୍ର): ଭୁବନେଶ୍ୱରରେ ଥିବା ଲିଙ୍ଗରାଜଙ୍କ ଜମିରେ ଘରୋଇ ସଂସ୍ଥାର ନିର୍ମାଣ କାମକୁ ବନ୍ଦ କରିଛି ଜିଲ୍ଲା ପ୍ରଶାସନ । ଉକ୍ତ ଜମି ଉପରେ ନୋଟିସ୍ ଲଗାଇଛି ପ୍ରଶାସନ । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ନିର୍ମାଣ କାମ ବନ୍ଦ କରିବା ସହ, ବିବାଦୀୟ ଜମିରେ ନାଲି ପତାକା ପୋତିଛନ୍ତି । ଘଟଣାସ୍ଥଳରୁ, ନିର୍ମାଣ କାମରେ ନିୟୋଜିତ କଂଟେନରକୁ ବି ସିଜ୍ କରାଯାଇଛି । ବିମାନବନ୍ଦର ନିକଟରେ ଭୀମପୁର ମୌଜା ଖାତା ନମ୍ବର ୫୪୪ /୨୮୬ ପ୍ଲଟ ନଂ ୮୫ ୨/୨୫୭୩ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨ ଏକର ୨୦୦ ଡିସିମିଲ ଜମି ରହିଛି । ୫୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଜମିକୁ ବେଆଇନ ଭାବରେ ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଛି । ମାମଲା ବିଚାରାଧୀନ ଥିବା ବେଳେ ଏଠାରେ ନିର୍ମାଣ କାମ ଚାଲିଥିବାର ଖବର ପାଇ ପ୍ରଶାସନ ପକ୍ଷରୁ କାମ ବନ୍ଦ କରାଯାଇଛି ।

## ରାଜ୍ୟରେ ଶୀତ ଲହରୀ

ଭୁବନେଶ୍ୱର, ୩୦/୦୧ (ନି.ପ୍ର): ରାଜ୍ୟର ୧୦ଟି ସହରର ରାତ୍ରି ତାପମାତ୍ରା ୧୦ ଡିଗ୍ରି ସେଲସିୟସ ତଳେ ରହିଛି । ଫୁଲବାଣୀ ସର୍ବନିମ୍ନ ରାତ୍ରି ତାପମାତ୍ରା ୬.୨ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଏହା ସବୁଠାରୁ ଥଣ୍ଡା ସହର ଭାବେ ପରିଗଣିତ ହୋଇଛି । ଏଣେ ଦାରିଙ୍ଗବାଡ଼ିରେ ରାତ୍ରି ତାପମାତ୍ରା ୭ ଡିଗ୍ରି ସେଲସିୟସ ଥିଲା । ଏହାଛଡ଼ା କେନ୍ଦୁଝରରେ ୬.୪, ବୌଦ୍ଧରେ ୮.୫,ସୋନପୁରରେ ୭.୯, ଭବାନୀପାଟଣାରେ ୯, ଝାରସୁଗୁଡ଼ାରେ ୭.୬, ବଲାଙ୍ଗୀର ଓ କୋରାପୁଟରେ ୯ ଏବଂ ହୀରାକୁଦରେ ୯.୬ ଡିଗ୍ରି ସେଲସିୟସ ରେକର୍ଡ ହୋଇଛି । ଆଇଏମଡି ଆଂଚଳିକ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ରାଜ୍ୟରେ ଆହୁରି ୨୪ ଘଂଟା ଶୀତ ଲହରି ଜାରି ରହିବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟକୁ ପ୍ରବେଶ କରୁଥିବା ଉତର-ପଶ୍ଚିମ ଦିଗରୁ ଥଣ୍ଡା-ଶୁଷ୍କ ବାୟୁର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଂଚଳରେ ରାତ୍ରି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରି ତଳେ ରହିବ । ତେବେ ୩୧ ତାରିଖରୁ ରାତ୍ରି ତାପମାତ୍ରା ବଢ଼ିବ ବୋଲି ଜଣାଯାଇଛି । ଫେବ୍ରୁଆରି ୪ ତାରିଖରୁ ରାଜ୍ୟରେ ପଶ୍ଚିମା ଝଡ଼ର ପ୍ରଭାବ ଦେଖିବାକୁ ମିଳିବ ବୋଲି ସୂଚନା ଦିଆଯାଇଛି ।

## ଫେବୃଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଭଲ ସ୍ଥିତି ଆସିବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ




ଭୁବନେଶ୍ୱର,୩୦/୦୧(ନି.ପ୍ର): ରାଜ୍ୟରେ ଏବେ ସଂକ୍ରମଣ ୫ ହଜାର ତଳେ ରହିଛି । ଜିଲ୍ଲା ସ୍ତରରେ ଟେଷ୍ଟ ଟ୍ରାକିଂ ଓ ଟ୍ରେସିଂ ଜୋର ଦାର କରିବାକୁ ଜିଲ୍ଲା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ସଂକ୍ରମଣ ତଳ ମୁହାଁ ରହିଲେ ଫେବୃଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଆମେ ଭଲ ସ୍ଥିତିକୁ ଆସିଯିବା । ହୁଏତ ଆଉ ବିଶେଷ କଟକଣା ଆବଶ୍ୟକ ପଡିନପାରେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ ଆହୁରି କହିଛନ୍ତି ନିୟମିତ ସ୍ୱାସ୍ଥ୍ୟ କର୍ମୀଙ୍କର ପ୍ରଶିକ୍ଷଣ ପାଇଁ ଜିଲ୍ଲା ସ୍ତରରେ ବ୍ୟବସ୍ଥା କରାଯାଇଛି । ରୋଗୀଙ୍କ ତୁଳନାରେ ଡାକ୍ତରଖାନାରେ ଯଥେଷ୍ଟ ସଂଖ୍ୟକ ଶଯ୍ୟା ଖାଲି ରହିଛି । ତଥାପି ତୃତୀୟ ଲହରର ମୁକବାଇଲା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି କୁ ଆହୁରି ସୁଦୃଢ଼ କରାଯାଉଛି । ଏବେ ବି ରାଜ୍ୟରେ ଡ଼େଲ୍ଟା ଓ ଓମିକ୍ରନ ଭୁତାଣୁ ସକ୍ରିୟ ଅଛନ୍ତି । ଆମକୁ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ । ସଂକ୍ରମଣ ସଂଖ୍ୟା କମୁଥିଲେ ବି ବିପଦ ଟଳିନାହିଁ । ବର୍ତମାନ ସୁଧା ୯୨ ପ୍ରତିସତ ଟୀକାକରଣ ସମ୍ପୂର୍ଣ୍ଣ ହୋଇଛି । ଏହା ଗୋଟିଏ ଭଲ ଉପଲବ୍ଧି । ୧୫ ରୁ ୧୮ ବର୍ଷର ପିଲା ଓ ସମ୍ମୁଖ ଯୋଦ୍ଧା ଟୀକାକରଣ ତ୍ୱରାନ୍ୱିତ କରାଯାଇଛି । ଏବେ ଦୈନିକ ୬୮ ହଜାରରୁ ୬୯ ହଜାର ଟେଷ୍ଟ କରାଯାଉଛି । ଟେଷ୍ଟିଙ୍ଗ ହାର କମିନାହିଁ । ▶▶ପୃଷ୍ଠା ୭

## ଗ୍ଲାମର ଦୁନିଆରୁ ଗାଁ ରାଜନୀତି : ବଲାଙ୍ଗୀରର ପ୍ରିୟଙ୍କା ନନ୍ଦ



ଭୁବନେଶ୍ୱର,୩୦/୦୧(ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ଗାଁ-ଗଣ୍ଡାରେ ଜମୁଛି ପ୍ରଚାର । ପ୍ରାର୍ଥୀ ଘର ଘର ବୁଲି ନିଜ ଚିହ୍ନରେ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରୁଛନ୍ତି । ଚଳିତ ନିର୍ବାଚନରେ ଭାଗ୍ୟ ପରୀକ୍ଷା କରୁଛନ୍ତି ଉଚ୍ଚଶିକ୍ଷିତ, ଡାକ୍ତର, ଶିଳ୍ପପତି ସମେତ ଗ୍ଲାମର୍ସ ଦୁନିଆର ପରିଚିତ ଚେହେରା । ଭିନ୍ନ ଭିନ୍ନ ଶୈଳୀରେ ଭୋଟରଙ୍କୁ ମନେଇବାକୁ ଉଦ୍ୟମ ମଧ୍ୟ କରୁଛନ୍ତି । ଗ୍ଲାମର ଦୁନିଆର ପରିଚିତ ଚେହେରା ବଲାଙ୍ଗୀରର ପ୍ରିୟଙ୍କା ନନ୍ଦ ଘରକୁ ଘର ବୁଲି ଭୋଟ ମାଗୁଛନ୍ତି । ଗାଁ ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି । ଚୂଡାପାଲି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ପ୍ରିୟଙ୍କା । ଭୋପାଳରେ ପାଠ ପଢିବା ସହ ମଡେଲିଂ ଦୁନିଆରେ ନିଜକୁ ବେଶ୍ ପ୍ରତିଷ୍ଠିତ କରିପାରିଛନ୍ତି ବଲାଙ୍ଗିରର ଏହି ଝିଅ । ଫ୍ଲିପ୍କାର୍ଟ, ଆମାଜନ୍, ନାୟିକା, ମାନ୍ୟବର ଭଳି ନାମୀଦାମୀ କମ୍ପାନୀରେ ମଡେଲିଂ କରିସାରିଛନ୍ତି । ହେଲେ ଗାଁର ବିଭିନ୍ନ ସମସ୍ୟା ତାଙ୍କୁ ଗ୍ଲାମର ଦୁନିଆ ଓ ମେଟ୍ରୋ ସିଟିରୁ ଟାଣି ଆଣିଛି । ନବରଙ୍ଗପୁରର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଭାଗବତୀ ଭତ୍ରା ଏବେ ସରପଞ୍ଚ ପ୍ରାର୍ଥୀ । ହେଲେ ରୋଚକ ହେଉଛି ତାଙ୍କ ପ୍ରଚାର ଶୈଳୀ । କାରଣ ସରପଞ୍ଚ ପ୍ରାର୍ଥୀ ଭାବେ ତାଙ୍କୁ ନିର୍ବାଚନୀ ଚିହ୍ନ ମାଛ ମିଳିଥିବାରୁ ସେ ଜୀଅନ୍ତା ମାଛ ଧରି ଘରକୁ ଘର ବୁଲି ଭୋଟ ମାଗୁଛନ୍ତି । ସେପଟେ ରୋଗୀ ସେବା ମାଧ୍ୟମରେ ନିର୍ବାଚନ ପ୍ରଚାର କରୁଛନ୍ତି ସରପଞ୍ଚ ପ୍ରାର୍ଥୀ ଡାକ୍ତର ନଗେନ୍ଦ୍ର କୁମାର ସିଂ । ବସ୍ତା ନାବରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ନଗେନ୍ଦ୍ରଙ୍କ ▶▶ପୃଷ୍ଠା ୭

## ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ 'ମନ କି ବାତ୍'ରେ ମୋଦୀଙ୍କ ପ୍ରଶଂସା



ନୂଆଦିଲ୍ଲୀ,୩୦/୦୧: ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ 'ମନ କି ବାତ୍'ରେ ମୋଦୀଙ୍କ ପ୍ରଶଂସା । ପ୍ରଧାନମନ୍ତ୍ରୀ କହିଛନ୍ତି, ଏପରି କିଛି ଲୋକଙ୍କୁ ପଦ୍ମ ସମ୍ମାନ ଦିଆଯାଉଛି, ଯେଉଁମାନେ କି ବିଶେଷ ପରିଚିତି ପାଇନଥିଲେ ବି ସାଧାରଣ ପରିସ୍ଥିତିରେ ଅସାଧାରଣ କାମ କରିଛନ୍ତି । ପ୍ରଧାନମନ୍ତ୍ରୀ ପଦ୍ମ ସମ୍ମାନ ପାଇଥିବା ଅମାଇ ମହାଲିଙ୍ଗଙ୍କ କଥା କହିଛନ୍ତି । କର୍ଣ୍ଣାଟକର ଅମାଇ ଟନେଲ୍ ମ୍ୟାନ୍ ଭାବେ ପରିଚିତ । ସେହିପରି ଉତରାଖଣ୍ଡର ବାସନ୍ତୀ ଦେବୀ କଥା ମଧ୍ୟ କହିଛନ୍ତି । ଯାହାଙ୍କ ପୂରା ଜୀବନ ସଂଘର୍ଷ ମୟ ଥିଲା । ଏହା ସହ ପ୍ରଧାନମନ୍ତ୍ରୀ ଘୋଡା ବିରାଟ କଥା ମନ୍ କି ବାତରେ କହିଛନ୍ତି । ମୋଦି କହିଛନ୍ତି, ୨୦୦୩ରେ ରାଷ୍ଟ୍ରପତି ଭବନ ଆସିବା ପରେ ପ୍ରତ୍ୟେକ ଥର ଗଣତନ୍ତ୍ର ଦିବସରେ କମାଣ୍ଡାଂଟ ଚାର୍ଜ ଭାବେ ପରେଡରେ ଲିଡ୍ କରୁଥିଲା । ବିଦେଶୀ ଅତିଥିଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ ପାଇଁ ନିଜର ଭୂମିକା ଗ୍ରହଣ କରୁଥିଲା । ଚଳିତ ବର୍ଷ ଘୋଡା ବିରାଟ ଅବସର ନେଇଛି । ଚଳିତ ବର୍ଷ ଶେଷ ଥର ପାଇଁ ସେ ପରେଡରେ ସାମିଲ ହୋଇଥିଲା ।

## ରାଜ୍ୟରେ ଆଉ ୧୯ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୩୦/୦୧(ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୯ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୯୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଅନୁଗୁଳ ଓ ନବରଂଗପୁର ଜିଲ୍ଲାରୁ ୨-୨ ଜଣଙ୍କର ମୃତ୍ୟୁ ଘଟିଛି । ଭଦ୍ରକ, କଟକ, ଢେଂକାନାଳ, ଯାଜପୁର, କେନ୍ଦୁଝର, ମୟୁରଭଂଜ ଓ ପୁରୀ ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା, ଟଳିଲେ ୫ ଆତଙ୍କୀ



ଶ୍ରୀନଗର, ୩୦/୦୧: ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଚାଲିଥିବା ଆତଙ୍କବାଦ ବିରୋଧୀ ଅଭିଯାନକୁ ପୁଣିଥରେ ବଡ଼ ସଫଳତା ମିଳିଛି । ଗତ ୧୨ ଘଣ୍ଟା ମଧ୍ୟରେ କଶ୍ମୀରରେ ହୋଇଥିବା ଡବଲ ଏନକାଉଣ୍ଟର୍ରେ ୫ ଜଣ ପାକିସ୍ତାନୀ ପ୍ରାୟୋଜିତ ଆତଙ୍କୀ ମୁଣ୍ଡ ଗଡ଼ିଛି । ନିହତ ଆତଙ୍କବାଦୀମାନେ ପାକିସ୍ତାନରେ ସକ୍ରିୟ ଥିବା ଲସ୍କର-ଇ-ତାଏବା ଓ ଜୈଶ-ଇ-ମହମ୍ମଦର ସଦସ୍ୟ । ମୃତ ଆତଙ୍କବାଦୀଙ୍କ ମଧ୍ୟରେ ଜୈଶ କମାଣ୍ଡର ଜାହିଦ ୱାନି ଓ ଆଉ ଜଣେ ପାକିସ୍ତାନ ଆତଙ୍କୀ ରହିଥିବା ଜମ୍ମୁ-କଶ୍ମୀର ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । କଶ୍ମୀର ଜୋନ ପୁଲିସ୍ ଟ୍ୱିଟ କରି ସୂଚନା ଦେଇଛି ଯେ "୧୨ ଘଣ୍ଟା ମଧ୍ୟରେ ହୋଇଥିବା ଟ୍ୱିନ ଏନକାଉଣ୍ଟର୍ରେ ପାକିସ୍ତାନ ପ୍ରାୟୋଜିତ ଲସ୍କର ଓ ଜୈଶର ୫ ଜଣ ଆତଙ୍କୀ ନିହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜୈଶ କମାଣ୍ଡର ଜାହିଦ ୱାନି ଓ ଆଉ ଜଣେ ପାକିସ୍ତାନୀ ଆତଙ୍କୀ ରହିଛି । ଏହା ଆମ ପାଇଁ ବଡ଼ ସଫଳତା । ମିଳିଥିବା ସୂଚନା ଅନୁଯାୟୀ, କଶ୍ମୀରର ପୁଲୱାମା ଜିଲ୍ଲା ଅନ୍ତର୍ଗତ ନୈରା ଅଞ୍ଚଳରେ ହୋଇଥିବା ଏନକାଉଣ୍ଟର୍ରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିହତ ଆତଙ୍କବାଦୀମାନଙ୍କ ଠାରୁ ବିପୁଳ ପରିମାଣର ବିସ୍ଫୋରକ ଓ ଆପତ୍ତିଜନକ ସାମଗ୍ରୀ ମିଳିଛି । ଏବେ ବି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ସେହିପରି ବଡ଼ଗାମର ଚରାର-ଇ-ଶରିଫ ଅଞ୍ଚଳରେ ମଧ୍ୟ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଛି । ଏଥିରେ ଜଣେ ଆତଙ୍କବାଦୀର ମୁଣ୍ଡ ଗଡ଼ିଛି । ତା' ନିକଟରୁ ଏକେ-୫୬ ରାଇଫଲ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଥିବାରୁ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ମିଳିନାହିଁ । ନିହତ ଜୈଶ କମାଣ୍ଡ ଜାହିଦ ୨୦୧୯ ମସିହା ଫେବୃଆରୀ ମାସରେ ସୁରକ୍ଷାକର୍ମୀଙ୍କ ଉପରେ ହୋଇଥିବା ହମଲାରେ ସାମିଲ ଥିଲା । ସେ ଏଠାରେ ଦୀର୍ଘ ବର୍ଷ ହେଲା କାମ କରୁଥିଲା । ତେଣୁ ଏନକାଣ୍ଟର୍ରେ ସେ ନିହତ ହେବା ସୁରକ୍ଷାକର୍ମୀଙ୍କ ପାଇଁ ଏକ ବଡ଼ ସଫଳତା । ଶନିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ କୁଲଗାମରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ପ୍ରଥମେ ହମଲା କରିଥିଲେ । ଏଥିରେ ଜଣେ ପୁଲିସ୍ କର୍ମୀ ସହିଦ ବି ହୋଇଥିଲେ । ସେହିପରି ପୁଲୱାମା ଜିଲ୍ଲାର ନୈରା ଅଞ୍ଚଳରେ ମଧ୍ୟ ସୁରକ୍ଷାକର୍ମୀଙ୍କୁ ଗୁଳିମାଡ଼ ହୋଇଥିଲା । ଏହାପରେ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏଥିରେ ଜାହିଦ ସମେତ ୪ ଆତଙ୍କୀଙ୍କ ମୁଣ୍ଡ ଗଡ଼ିଛି । ସର୍ଚ୍ଚ ଅପରେସନରେ ଆର୍ମି, ସିଆରପିଏଫ ଓ ଜମ୍ମୁ-କଶ୍ମୀର ପୁଲିସ୍ ସାମିଲ ଥିଲେ ।

## ୩ ରୁ ରାଜ୍ୟରେ ବର୍ଷା ସମ୍ଭାବନା



ଭୁବନେଶ୍ୱର,୩୦/୦୧(ନି.ପ୍ର): ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତା ଫେବୃଆରୀ ୩ତାରିଖରୁ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଉତର ଆଭ୍ୟନ୍ତରୀଣ ସମେତ ଉପକୂଳ ଓଡ଼ିଶାରେ ଘଡଘଡି ବିଜୁଳି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଅପରପକ୍ଷରେ ଆସନ୍ତାକାଲିଠୁ ରାଜ୍ୟରେ ପାଗ ବଦଳିବ ଏବଂ ରାତି ତାପମାତ୍ରା ବୃଦ୍ଧି ପାଇବ । ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ବଢିବ । ତେବେ ଉତର ଦିଗରୁ ଓଡ଼ିଶାକୁ ଆସୁଥିବା ଥଣ୍ଡା ଶୁଷ୍କ ପବନ ପ୍ରଭାବରେ ଆସନ୍ତା ୨୪ ଘଂଟା ପାଇଁ ୮ଟି ଜିଲ୍ଲାରେ ଶୀତ ଲହରୀ ନେଇକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝରେ, ବରଗଡ, ନୂଆପଡା, ବଲାଙ୍ଗୀର,ସୋନପୁର ଓ କଳାହାଣ୍ଡି । ସେହିପରି ୩ ତାରିଖରେ ଉତର ଉପକୂଳ ଓଡ଼ିଶାରେ ଘନ କୁହୁଡି ପାଇଁ ୧୧ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର,ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ ଓ ନୟାଗଡ ।

# ଗୋବିନ୍ଦପୁର ଓ ନାୟିକାଣିଡିହି ପଂଚାୟତରେ ନିର୍ବାଚନ ପ୍ରଚାର



ବାସୁଦେବପୁର,୩୦/୧ (ନି.ପ୍ର): ବାସୁଦେବପୁର ବ୍ଲକର ଗୋବିନ୍ଦପୁର ପଂଚାୟତ ରେ ସ୍ୱାଧୀନ ଭାବେ ସରପଞ୍ଚ ପ୍ରାର୍ଥୀ ଜୟନ୍ତୀ ବେଜ ଛିଡା ହୋଇଛନ୍ତି । ସେ ସୂର୍ଯ୍ୟ ଚିହ୍ନ ପାଇ ପ୍ରଚାର କରୁଛନ୍ତି । ସମିତି ସଭ୍ୟ ଭାବେ ସ୍ୱାଧୀନ ପ୍ରାର୍ଥୀ ଅର୍ଚ୍ଚନା ଜେନା କେଟିଲି ଚିହ୍ନ ରେ ପ୍ରଚାର ଚଳାଇଛନ୍ତି । ଏହି ପ୍ରଚାର ରେ ହେମନ୍ତ ବାରିକ,ଗଣେଶ ମହାନ୍ତି ଓ କର୍ମୀ ସାମିଲ ଥିଲେ । ସେହିପରି ନାୟିକାଣିଡିହି ପଂଚାୟତରେ ବିଜେପି ସମର୍ଥିତ ସରପଂଚ ପ୍ରାର୍ଥୀ ପ୍ରମିଳା ଜେନା ମାଛ ଚିହ୍ନ ରେ ଛିଡା ହୋଇଛନ୍ତି ଓ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ପ୍ରମିଳା ଙ୍କ ସ୍ୱାମୀ ବିମ୍ବାଧର ଜେନା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ । ବିଭିନ୍ନ ସମସ୍ୟା କୁ କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଭୋଟର ଙ୍କୁ ପ୍ରାର୍ଥୀ ମାନେ ବୁଝାଇବାରେ ଲାଗିପଡିଛନ୍ତି ।

# ରାଜଘରପୋଖରୀ ପଂଚାୟତରେ ରଶ୍ମିତାଙ୍କ ନୂଆ ସ୍ୱପ୍ନ



ବାସୁଦେବପୁର,୩୦/୧ (ନି.ପ୍ର): ବାସୁଦେବପୁର ବ୍ଲକ ର ରାଜଘରପୋଖରୀ ଗ୍ରାମ ପଞ୍ଚାୟତ ର ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ବିଜୁ ଜନତା ଦଳ ସମର୍ଥିତ ସମିତି ସଭ୍ୟା ପ୍ରାର୍ଥୀ ରଶ୍ମିତା ନାୟକ ଘରକୁ ଘର ବୁଲି ଭୋଟର ଭାଇ ଭଉଣୀ ଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇ ଭୋଟ ଭିକ୍ଷା କରୁଛନ୍ତି । ରଶ୍ମିତା ତାଲା ଚାବି ଚିହ୍ନ ରେ ପ୍ରଚାର କରୁଛନ୍ତି । ସେ ବିଜୁ ମହିଳା ଜନତା ଦଳରେ ଭଦ୍ରକ ଜିଲ୍ଲା ସାଧାରଣ ସମ୍ପାଦିକା ଭାବେ ମଧ କାର୍ଯ୍ୟ କରୁଛନ୍ତି । ସେହିପରି ରାଜଘରପୋଖରୀ ପଂଚାୟତ ରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବିତିକା ପଣ୍ଡା ସୂର୍ଯ୍ୟ ଚିହ୍ନ ପାଇ ପ୍ରଚାର ଚଳାଇଛନ୍ତି । ଆଗାମୀ ଦିନରେ ଏହି ପ୍ରାର୍ଥୀ ଦ୍ୱୟ ନିର୍ବାଚନ ରେ ବିଜୟ ଲାଭ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିବା ସହିତ ନୂଆ ସ୍ୱପ୍ନ ଦେଖୁଛନ୍ତି ।

# ଜୟପୁର ସହରରେ ସଚେତନତା ଶୋଭାଯାତ୍ରା

ଜୟପୁର,୩୦/୧ (ନି.ପ୍ର): ଜୟପୁର ସହରରେ ବୁଲିଲା ସଚେତନତା ଶୋଭାଯାତ୍ରା । ଜୟପୁର ପୌରପାଳିକା ତରଫରୁ ଏହି ଶୋଭାଯାତ୍ରା ମୁଖ୍ୟ ଟ୍ରାଫିକ ଛକ ଠାରୁ ବାହାରି ରଜାନହର ଛକ ଠାରେ ଶେଷ ହୋଇଥିଲା । ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଶୋଭାଯାତ୍ରା ବାହାରିଥିଲା । ମୋ ସ୍ୱାଭିମାନ, ସ୍ୱଚ୍ଛ ଜୟପୁର, ସହରକୁ ସୁସ୍ଥ ରଖି ପରିବେଶକୁ ସୁରକ୍ଷା ଦେବା ନେଇ ସଚେତନତା କରାଯାଇଥିଲା । ଜୟପୁର ସହର ବାସିନ୍ଦାଙ୍କ ସହ ଦୋକାନି ମାନଙ୍କୁ ସଚେତନ କରାଯାଇଥିଲା ଯେ ଘରୁ ଓ ଦୋକାନରୁ ବାହାରୁ ଥିବା ଅଳିଆ ଏଣେତେଣେ ନ ପକାଇ ପୌରପାଳିକା ତରଫରୁ ଆସୁଥିବା ଗାଡିରେ ଦେବା ସହ ସ୍ୱଚ୍ଛ ସାଥି, ସୁପରଭାଇଜରଙ୍କୁ ସ୍ୱଚ୍ଛତା ଶୁଳ୍କ ଦିଅନ୍ତୁ । ଯେଉଁ ମାନେ ଏହି ନିୟମକୁ ଅବମାନନା କରିବେ ସେମାନଙ୍କୁ ଜୋରିମାନା କରାଯିବ ବୋଲି ସଚେତନ କରାଯାଇଛି । ଏହି ଶୋଭାଯାତ୍ରାରେ ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜର, ସେନିଟାଇଜ ଇନିସପେକ୍ଟର, ଜମାଦାର ପ୍ରମୁଖ ସାମିଲ ଥିଲେ ।

# ଅସହାୟ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରି ଥଇଥାନ କରାଯାଉ

ଜୟପୁର ,୩୦/୧ (ନି.ପ୍ର): ଜୟପୁର ସହରରେ ଜଣେ ମାନସିକ ଭାରସାମ୍ୟ ହରାଇଥିବା ଗର୍ଭବତୀ ମହିଳା ଅସହାୟ ଅବସ୍ଥାରେ ଏପଟେ ସେପଟେ ବଲୁଛନ୍ତି । ତାଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ମାନବ ସୁରକ୍ଷା କର୍ମୀ ଚିନ୍ମୟୀ ସାହୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଦାନ ଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ର ସହରରେ ଜଣେ ମହିଳା ଅସହାୟ ଅବସ୍ଥାରେ ବୁଲୁଛି । ମହିଳା ଜଣକ ମାନସିକ ବିକାର ଗ୍ରସ୍ତ ସେ କୌଣସି ଜିନିଷ ପ୍ରତି ପ୍ରତିକ୍ରିୟା ରଖିପାରୁ ନାହାଁନ୍ତି । ମହିଳା ଜଣକ ଦିନ ରାତି ବହୁତ ବିପର୍ଯ୍ୟସ୍ତ ଅବସ୍ଥାରେ ଜୟପୁର ସହରରେ ବୁଲୁଛନ୍ତି । ମହିଳା ଜଣକ ତେଲୁଗୁ ଓ ହିନ୍ଦି ବୁଝୁଥିବା ବେଳେ ଓଡିଆ କହିପାରୁ ନାହିଁ । ମହିଳା ଜଣକ ଗର୍ଭବତୀ ଥିବା ଅନୁମାନ କରାଯାଉଛି । ତେଣୁ ପ୍ରଶାସନ ତୁରନ୍ତ ମାନସୀକ ଭାରସାମ୍ୟ ହରାଇଥିବା ଅସହାୟ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯାଉ ତାହାର ଉଚିତ ଥଇଥାନ କରାଯାଉ । ବୋଲି ଚିନ୍ମୟୀ ସାହୁ, ନିଖିଳ ସାହୁ ଦାବୀ କରିଛନ୍ତି । ତେଣୁ ପ୍ରଶାସନ ମହିଳା କୁ ଉଦ୍ଧାର କରିବାକୁ ବୁଦ୍ଧୀଜିବି ମହଲରେ ଜାବୀ ହୋଇଛି । ଏହି ଦାବିପତ୍ରର ନକଲ ଜିଲାପାଳ, ଶିଶୁ ଏବଂ ମହିଳା ସୁରକ୍ଷା ମନ୍ତ୍ରାଳୟ ଭୁନେଶ୍ୱରକୁ ପ୍ରେରଣ କରାଯାଇଛି ।

## କେନ୍ଦୁଝର ଜିଲ୍ଲା ପାଇଁ ବୃଦ୍ଧି ହେଲା ଧାନ ସଂଗ୍ରହ ପରିମାଣ

କେନ୍ଦୁଝର,୩୦/୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଚାଲିଥିବା ଖରିଫ ଫସଲର ଧାନ ସଂଗ୍ରହ ପରିମାଣକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ପୂର୍ବରୁ କେନ୍ଦୁଝର ଜିଲ୍ଲା ପାଇଁ ୮୯ ହଜାର ୮୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିବା ବେଳେ ଏହାର ପରିମାଣ ବୃଦ୍ଧି କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍ରେ ଓଡିଶା ସରକାରଙ୍କ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ତାଙ୍କ ପତ୍ର ସଂଖ୍ୟା ୨୭୩ ତା ୨୭/୧/୨୦୨୨ ରେ ଏକ ଅନୁରୋଧ କରି ଧାନ ସଂଗ୍ରହର ପରିମାଣ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ରକ୍ଷା କରି ଓଡିଶା ସରକାରଙ୍କ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପତ୍ର ସଂଖ୍ୟା ୧୦୭୪ ତା ୨୮/୧/୨୦୨୨ ରେ ଅତିରିକ୍ତ ୧୧ ହଜାର ୫୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ଅନୁମତି ପ୍ରଦାନ କରାଯାଇଛି । ଜିଲ୍ଲାରେ ଚଳିତ ଖରିଫ୍ ଋତୁରେ ମୋଟ ୧ଲକ୍ଷ ୧ହଜାର ୩୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ ବୋଲି ଜଣାପଡିଛି ।

## ଭୃଙ୍ଗିଯୋଡିଠାରେ ହେଲା ଆତ୍ମ ନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ

କନ୍ଧମାଳ,୩୦/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଂଚାୟତ ଶୁଣ୍ଡିଗାଁ ଯୁବକ ସଂଘ ସଭାଗୃହ ଠାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଆତ୍ମ ନିର୍ଭରଶିଳ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ଫିରିଙ୍ଗିଆ ବ୍ଲକ ସଂଯୋଜକ ସୁଭଦ୍ରା କହଁର ଏବଂ ଚନ୍ଦନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଫୁଲବାଣୀ ପୂର୍ବତନ ବିଧାୟକ ଦୁଗୁନି କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅଂଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସେନାଲି ଦିଗାଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ମୁଖିଆ ସିରିଙ୍ଗା କହଁର, ଜୟ ଜଗନ୍ନାଥ ଯୁବ ପରିଷଦ ର ସଭାପତି ଜୁନେସ କହଁର, ମା ଧରଣୀପେନୁ ଯୁବକ ସଂଘର ସଭାପତି ଲମ୍ବୋଦର ମଲ୍ଲିକ , ନେହେରୁ ଯୁବ କେନ୍ଦ୍ର ଚକାପାଦ ବ୍ଲକ ସଭାପତି ରିମିତା ବାଘ, ଫୁଲବାଣୀ ବ୍ଲକ ସଂଯୋଜକ ମିନି କହଁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମାଘ ମେଳା ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୩୦/୧ (ନି.ପ୍ର): ଚଳତିବର୍ଷ କରୋନା କଟକଣା ମଧରେ ମାଘମେଳା ପାଇଁ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ପ୍ରସୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଘମେଳାରେ ଶ୍ରଦ୍ଧାଳୁଙ୍କ ବୁଡ଼ ପକାଇବାକୁ ବନ୍ଦ କରାଯାଇଛି । ମାଘମେଳା ସମୟରେ ଟ୍ରାଫିକ ପରିଚାଳନା, ପାନୀୟଜଳ ଯୋଗାଣ, ବିଦ୍ୟୁତ, ଆଲୋକୀକରଣ, ପରିବହନ ଓ ରାସ୍ତାଘାଟ ମରାମତି , ତୀର୍ଥ ପୁଷ୍କରଣୀ ଖନନ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ସୂଚନା ପ୍ରସାରଣ ଓ ତିନି ଆରାଧ ଠାକୁର ମାଧିପୁରର ବାବା ତ୍ରିବେଣୀଶ୍ୱର ମହାଦେବ, ସନ୍ନପୁରର ବାବା ଐଶାନେଶ୍ୱର ମହାଦେବ ଓ କୁରୁଜଙ୍ଗ ବାବା ଦକ୍ଷିଣେଶ୍ୱର ମହଦେବଙ୍କ ନୀତି ସଂପାଦନ ସହ ଠାକୁମାନଙ୍କ ପୂଜାନତୀ ଓ ଶୋଭାଯାତ୍ରା ସହିତ ମାଘଷଷ୍ଠୀ ଓ ସପ୍ତମୀ ଦୁଇଦିନ କରୋନ କଟକଣା ମଧରେ ପାଳିତ ହେବ ବୋଲି ଆଲୋଚନା କରାଯାଇଥିଲା । ଚନ୍ଦ୍ରଭାଗା ମେଳାପଡ଼ିଆ, ତୀର୍ଥପୁଷ୍କରଣୀ ସନ୍ନିକଟ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବର ସମ୍ଭାବନା ରହିଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ରନାଥ ଶର୍ମା,ଏସଡ଼ିପିଓ ଦେବାଶିଷ ମିଶ୍ର, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଆକ୍ରିତି ଗୋଇଁକା, ଗୋପ ତହସିଲଦାର ଏସ.କେ ସାଗିର,ନିମାପଡ଼ା ତହସିଲଦାର ଓ କାକଟପୁର ବିଡ଼ିଓ ଉପସ୍ଥିତ ଥିଲେ ।

## ଧାନ ମଣ୍ଡିକୁ ଯାଇପାରିନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଗଞ୍ଜାମ,୩୦/୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳି ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଂଚଳର ଚାଷୀଙ୍କୁ ମିଳିଥିବା ଟୋକନ୍ ଅବଧି ଶେଷ ହୋଇଯିବା ପରେ ଧାନ ମଣ୍ଡିକୁ ଯାଇପାରିନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଗତ ଲଘୁଚାପଜନିତ ବର୍ଷାରେ କ୍ଷେତରେ ଧାନ ଓଦା ହୋଇ ଯାଇ ରଙ୍ଗରେ ସାଧାରଣ ପରିବର୍ତ୍ତନ ହୋଇଯିବାରୁ ମିଲର ମାନେ ଚାଷୀଙ୍କ ଠାରୁ ଧାନ ନେଉନାହାଁନ୍ତି, ଏଣେ ପ୍ରଶାସନ ପକ୍ଷରୁ ଧାନ ଗ୍ରେଡିଂ ନକରି ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ମିଲର ଓ ମଣ୍ଡି ବାଲା ମନମୁଖୀ କାରବାର କରି ଚାଷିଙ୍କୁ ହଇରାଣ ଏବଂ ହଟହଟା କରି ଧାନ ନେଉନଥିବାରୁ ବିଶେଷ କରି ଶେରଗଡ଼ ଓ ପିତଳ ଅଂଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଅସମ୍ପୂର୍ଣ୍ଣ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି

ଜୟପୁର,୩୦/୧ (ନି.ପ୍ର): ଜୟପୁର ସହରର ଅସମ୍ପୂର୍ଣ୍ଣ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବୀ ହୋଇଛି । ଏନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ ହେଲପିଙ୍ଗ ହ୍ୟାଣ୍ଡସ ତରଫରୁ ଦାବି କରାଯାଇଛି । ଏନେଇ ଅନୁଷ୍ଠାନର ସଦସ୍ୟ ମାନେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁରର ମୁଖ୍ୟ ରାସ୍ତା ମରାମତି କାମ ଦୀର୍ଘ ଦିନ ହେବ ଅଧାପନ୍ତରିଆ । ଅବସ୍ଥାରେ ପଡି ରହିଛି । ଏନ କେ ଟି ରୋଡର ରାସ୍ତା କାମ ମଧ ବହୁତ ବର୍ଷ ହେବ ଅଧା କାମ ହୋଇ ପଡିରହିଛି । ଯାହାଫଳରେ ଯାତାୟତ ସହ ଜନସାଧାରଣ ଚଳ ପ୍ରଚଳ ବାଧାପ୍ରାପ୍ତ ହେଉଛି । ବେଲ ରୋଡରୁ -କୁମ୍ଭାର ସାହି ରାସ୍ତା ମଧ ଶୋଚନୀୟ ହୋଇପଡିଛି । ଏହି ଦାବି ପତ୍ରର ନକଲ ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ସଦସ୍ୟ ମୃତ୍ୟୁଞ୍ଜୟ ରାଉତ କାର୍ତ୍ତିକ ରାଉତ, ପବିତ୍ର ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟ ମୁଖ୍ୟ ରାସ୍ତା ଡ୍ରେନ ଉପରେ ନାହିଁ ସ୍ଲାବ୍ : ବଢୁଛି ଦୁର୍ଘଟଣା

କେନ୍ଦ୍ରାପଡ଼ା,୩୦/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ କୋର୍ଟକୁ ଯାଉଥିବା ମୁଖ୍ୟ ରାସ୍ତା ଉପରେ ଦୀର୍ଘଦିନ ହେଲା ବିଭିନ୍ନ ସ୍ଥାନରେ ସ୍ଲାବ୍ ଗୁଡିକ ଭାଙ୍ଗି ପଡିଛି । ସେହି ବାଟ ଦେଇ ଦୈନିକ ଜିଲ୍ଲା କାର୍ଯ୍ୟାଳୟର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଯାତାୟତ କରୁଥିବା ବେଳେ ଏହି ଡ୍ରେନ ଉପରେ ସ୍ଲାବ୍ ନଥିବା କାହାରି ନିଘା ପଡୁନାହିଁ । ନର୍ଦ୍ଦମା ପ୍ରବାହିତ ଡ୍ରେନ ଉପରେ ସ୍ଲାବ୍‌ଟି ନଥିବାରୁ ସେହି ବାଟେ ଯାଉଥିବା ଗାଡି ଗୁଡିକ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛି । ଏହା ସହ ପଥଚାରୀ ମାନେ ଗାଡି ପାସ କଲାବେଳେ ଅସାବଧାନ ହୋଇ ଡ୍ରେନ ଭିତରକୁ ଖସିପଡି ଖଣ୍ଡିଆ ଖାବରା ହେଉଥିବା ଦୈନିନ୍ଦିନ ଘଟଣା ପାଲଟି ଗଲାଣି । ଏହି ଗୁରୁତ୍ୱପୂର୍ଣ୍ଣ ତଥା ଜନଗହଳି ପୂର୍ଣ୍ଣ ରାସ୍ତାରେ ଦୈନିକ ହଜାର ହଜାର ଲୋକେ ଜିଲ୍ଲା କାର୍ଯ୍ୟାଳୟ, ଅଦାଲତ, ପୋଷ୍ଟ ଅଫିସ, ରେଜେଷ୍ଟ୍ରି ଅଫିସ ଓ ଫ୍ୟାମିଲ କୋର୍ଟ ଆଦିକୁ ଯିବା ଆସିବା କରୁଥିବା ବେଳେ ରାସ୍ତାକୁ ଏଭଳି ବିପଦ ସଙ୍କୁଳ କରିବା ସାଧାରଣରେ ଚର୍ଚ୍ଚା ହେଉଛି । ତୁରନ୍ତ ଏହି ରାସ୍ତାର ଡ୍ରେନ୍ ଉପରେ ନୂତନ ସ୍ଲାପ ପକାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ କେନ୍ଦ୍ରାପଡା କୋର୍ଟ ପରିଦର୍ଶନ

କେନ୍ଦ୍ରାପଡ଼ା,୩୦/୧ (ନି.ପ୍ର): ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଡ଼ଃ ଏସ୍ ମୁରଲୀଧର ଶନିବାର କେନ୍ଦ୍ରାପଡା ଗସ୍ତରେ ଆସି ସକାଳ ୮ଟା ସମୟରେ କେନ୍ଦ୍ରାପଡା କୋର୍ଟରେ ପହଁଚିଥିଲେ । ବିଚାରପତି ମୁରଲୀଧର ନୂତନ କୋର୍ଟ ଓ ପୁରୁଣା କୋର୍ଟ ପରିସରକୁ ପରିଦର୍ଶନ କରିବା ସହ ରେକର୍ଡ ରୁମ୍, ମାଲଖାନା ପ୍ରଭୃତି ପର୍ଯ୍ୟବେକ୍ଷଣ କରିଥିଲେ । ପରେ ମାନ୍ୟବର ବିଚାରପତି ଶ୍ରୀ ମୁରଲୀଧର କେନ୍ଦ୍ରାପଡା ଆଇନଜୀବି ସଂଘ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନଜୀବିଙ୍କ ପକ୍ଷରୁ କୋର୍ଟର ବିଭିନ୍ନ ସମସ୍ୟା ସଂପର୍କରେ ଦିଆଯାଇ ଥିବା ପ୍ରସ୍ତାବ ଗୁଡିକୁ ଗ୍ରହଣ କରିଥିଲେ । ଜିଲ୍ଲା ଓକିଲ ସଂଘ ଦ୍ୱାରା କେନ୍ଦ୍ରାପଡା କୋର୍ଟ ପରିସରରେ ଭିଜିଲାନ୍ସ କୋର୍ଟ ଏବଂ ଲେବର କୋର୍ଟ ସ୍ଥାପନା ପାଇଁ ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ମାନ୍ୟବର ବିଚାରପତିଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ । ସାଧାରଣ ସଂପାଦକ ସେକ ଅଜିମୁଦ୍ଦିନ ବିବରଣୀ ପାଠ କରିଥିବା ବେଳେ, ଉପ ସଭାପତି ଜିତେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ଏହି ସଭାରେ ସହ ସଂପାଦକ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ବିଚାରପତିଙ୍କୁ ଉତରୀୟ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ନିରାକାର ପ୍ରଧାନ, ସୁଧାଂଶୁ ଶେଖର ମହାପାତ୍ର, ବରିଷ୍ଠ ଆଇନଜୀବି ଧୃବଚରଣ ଜେନା, ବିଚିତ୍ରାନନ୍ଦ ମହାନ୍ତି, ଦେବଦାସ ମହାନ୍ତି, ଉମେଶ ଚନ୍ଦ୍ର ସିଂହ, ଅକ୍ଷୟ କୁମାର ମହାନ୍ତି, ସରକାରୀ ଓକିଲ ନିରଞ୍ଜନ ବଳଙ୍କ ସମେତ ସରୋଜ କୁମାର ଜେନା, ଗଗନ ବିହାରୀ ଜେନା, କୁଞ୍ଜ ବିହାରୀ ଜେନା, ଜ୍ଞାନ ରଞ୍ଜନ ମହାନ୍ତି, ରଞ୍ଜନ କୁମାର ପଣ୍ଡା, ଦୁଷ୍ମନ୍ତ ଲେଙ୍କା, ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନୀତିରେ ଭାଗ୍ୟ ପରଖୁଛନ୍ତି ଗଣମାଧ୍ୟମ ପ୍ରତିନିଧି

ଧର୍ମଶାଳା,୩୦/୧ (ନି.ପ୍ର): ଗଣମାଧ୍ୟମ ପ୍ରତିନିଧି ଭାବେ ଲୋକଙ୍କ ସୁଖଦୁଃଖରେ ସହଭାଗୀ ହେଉଥିଲେ । କଲମ ମୁନରେ ଲୋକଙ୍କ ସମସ୍ୟା ଉପସ୍ଥାପନ କରୁଥିଲେ । ଏବେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ଜନସେବା ପାଇଁ ଅଂଟା ଭିଡିଛନ୍ତି । କିଏ ସରପଂଚ,କିଏ ସମିତି ସଭ୍ୟତ ଆଉ କିଏ ୱାର୍ଡ ସଭ୍ୟ ପାଇଁ ଲଢୁଛନ୍ତି । ବିଭିନ୍ନ ଖବର କାଗଜ ସଂସ୍ଥାରେ କାର୍ଯ୍ୟକରୁଥିବା ବହୁ ସାମ୍ବାଦିକ ଏବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଯାଜପୁର ଜିଲାର ଧର୍ମଶାଳା ଓ ବଡଚଣା ନିର୍ବାଚନ ମଣ୍ଡଳୀର । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୩ଜଣ ଓ ବଡଚଣା ନିର୍ବାଚନ ମଣ୍ଡଳୀରେ ୨ ଜଣ ସାମ୍ବାଦିକ ନିର୍ବାଚନ ମଇଦାନରେ । ସେମାନେ ପରୋକ୍ଷରେ ସାମ୍ବାଦିକ ଭାବେ ଲୋକଙ୍କ ସୁଖ ଦୁଃଖର ସହଭାଗୀତା ହେଉଥିଲେ । ଏବେ ସେମାନେ ସିଧାସଳଖ ଲୋକ ସେବାକୁ ଆହୁରୀ ଦୁଇ ପାଦ ଆଗକୁ ନେବାକୁ ଅଂଟା ଭିଡିଛନ୍ତି । ବେକରେ ଉତରୀ ସହ ହାତରେ ପୁସିଙ୍ଗ କାର୍ଡଧରି ପଂଚାୟତରେ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ସଂଗ୍ରହ କରିବା ପାଇଁ ଲାଗି ପଡିଛନ୍ତି । ପଂଚାୟତର ମୁରବୀମାନଙ୍କ ନିକଟରେ ପଂହଚି ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଓଡିଶୋ ପଂଚାୟତରେ ସରପଂଚ ପ୍ରାର୍ଥୀଭାବେ ମନୋଜ ନାୟକ,ସିଂହାପୁର ପଂଚାୟତର ସରପଂଚ ପ୍ରାର୍ଥୀଭାବେ ଅନନ୍ତ ସ୍ୱାଇଁ,ପାଟପୁର ପଂଚାୟତରେ ସମିତିସଭ୍ୟ ପ୍ରାର୍ଥୀଭାବେ ସୁଶାନ୍ତ ନାୟକ,ବଡଚଣା ନିର୍ବାଚନ ମଣ୍ଡଳୀ ଭୁଷୁଣ୍ଡପୁର ପଂଚାୟତରେ ଭରତଭୂଷଣ ପଣ୍ଡା ଓ ସୁଙ୍ଗୁଡା ପଂଚାୟତ ୬ ନମ୍ବର ୱାର୍ଡରେ ୱାର୍ଡ ସଭ୍ୟଭାବେ ନିର୍ବାଚନ ମଇଦାନରେ ଅବତିର୍ଣ୍ଣ ହୋଇ ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ତେବେ ସେମାନଙ୍କୁ ବିଭିନ୍ନ ପଂଚାୟତରୁ ବିପୁଳ ସମର୍ଥନ ମିଳୁଥିବା ବେଳେ ଭୋଟ ଗଣତି ପରେ ସେମାନଙ୍କ ଭାଗ୍ୟ ଜଣାପଡିବ ।

## ମଙ୍ଗଳାପାଟଣା ସିଦ୍ଧେଶ୍ୱର ଟି ୨୦ କ୍ରିକେଟ ଟୁର୍ଣ୍ଣାମେଂଟ

ପୁରୀ,୩୦/୧ (ନି.ପ୍ର): ସିଦ୍ଧେଶ୍ୱର ସ୍ପୋଟିଂ ମଙ୍ଗଳାପାଟଣା ଆନୁକୂଲ୍ୟରେ ସିଦ୍ଧେଶ୍ୱର ୟୁଥ ଆସୋସିଏସନ ପକ୍ଷରୁ ଆୟାଜିତ ସପ୍ତମ ସିଦ୍ଧେଶ୍ୱର କ୍ରିକେଟ ଟୁର୍ଣ୍ଣମେଂଟର ଫାଇନାଲ ମ୍ୟାଚ୍ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାରାୟଣ ସ୍ପୋଟିଂ ଏବଂ କପଲ ସ୍ପୋଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ୧୫୩ ରନ ପିଛାକରି ନାରାୟଣ ସ୍ପୋଟିଂ ୪ ୱିକେଟ୍‌ରେ ଚଳିତବର୍ଷର ଚମ୍ପିଆନ ହୋଇଥିଲା । ବିଜୟୀ ଦଳର ଜ୍ୟୋତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ କପଲ ସ୍ପୋଟିଂର ନବୀନଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ବିବେଚିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜଳସେଚନ ସହକାରୀ ଯନ୍ତ୍ରୀ ତନୁଜ କିଶୋର ରାଉତ ,ସମାଜସେବୀ ଅଭିଜିତ ଡୋଷ ଓ ସମାଜସେବୀ ସଞ୍ଜୁକ୍ତା ଜେନା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପୁରୀ ଜିଲ୍ଲାର ଅମ୍ପାୟାର ସତ୍ୟସାଗର ଦାଶ ଓ ଅମିୟ ମହାରଣା ମ୍ୟାଚକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସଭାପତି ସତ୍ୟବ୍ରତ ଦାଶ ,ଉପସଭାପତି ସୁମନ୍ତ କୁମାର ଓ ସମ୍ପାଦକ ଟୁକୁଲ ବେହେରାଙ୍କ ତତ୍ତ୍ୱାବଧାନରେ ଖେଳକୁ ସୁପରିଚାଳନା କରାଯାଇଥିଲା ।

# କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନରସିଂହ ପ୍ରସାଦ ଗୁରୁ ସମ୍ବର୍ଦ୍ଧିତ

ବଲାଙ୍ଗିର ,୩୦/୧ (ନି.ପ୍ର): କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ବଲାଙ୍ଗିର କୋସଲ ଭାଷାର ପ୍ରବକ୍ତା ତଥା ପଦ୍ମଶ୍ରୀ ନରସିଂ ପ୍ରସାଦ ଗୁରୁଙ୍କୁ ତାଙ୍କ ସ୍ଥାନୀୟ ବାସଭବନ ଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତର ଦେଇ ପଦ୍ମଶ୍ରୀ ଗୁରୁ ଏ ଅଂଚଳର ଭାଷାକୁ କେନ୍ଦ୍ର ସରକାର ସ୍ୱୀକୃତ ଦେଇଛନ୍ତି । କେବଳ ସାମ୍ବିଧାନିକ ସ୍ୱୀକୃତ ବାକି ରହିଲା ବୋଲି ଏ ସମ୍ମାନ ଏ ଅଂଚଳର ଜନସାଧାରଣଙ୍କର ବୋଲି କହିଥିଲେ । କୋସଲ କେନ୍ଦ୍ରିୟ ପରିଚାଳନା ସମିତିର ଅନ୍ୟତମ ସଦସ୍ୟ ମନୋରଂଜନ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ବିକ୍ରମ ବହିଦାର ପୁଷ୍ପଗୁଚ୍ଛ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ରଣରାଜ ସିଂଦେଓ ଉପଢୌକନ ପ୍ରଦାନ କରିଥିଲେ । ସମିତିର ବରିଷ୍ଠ ସଭ୍ୟ ମନୋରଂଜନ ମିଶ୍ର, ପର୍ଶୁରାମ ନାୟକ, ଗୋବର୍ଦ୍ଧନ ପାଣ୍ଡିଆ, ବିଭୁଦତ ମିଶ୍ର, ଅନୁପ କୁମାର ଚୋପଦାର ପ୍ରମୁଖ ଉପସ୍ଥିତ ଥିଲେ । ବଲାଙ୍ଗିର ଗର୍ବ ଓ ଗୌରବ ପଦ୍ମଶ୍ରୀ ଗୁରୁଙ୍କୁ ପଦ୍ମଶ୍ରୀ ଉପାଧିରେ ଘୋଷଣା ପରେ ଏ ଅଂଚଳରେ ଭାଷାବିତ୍ ମାନେ ପ୍ରେରଣା ପାଇବେ ଓ ନୂତନ ରାଜ୍ୟ ଗଠନ ଆନ୍ଦୋଳନ ମଜବୁତ ହେବ ବୋଲି ସମିତି ପକ୍ଷରୁ ମତ ପ୍ରକାଶ ପାଇଥିଲେ । ସୂଚନାଯୋଗ୍ୟ ଯେ, ଭାରତୀୟ ସମ୍ବିଧାନର ୮ମ ଅନୁଚ୍ଛେଦ ଅନୁସାରେ ସ୍ୱତନ୍ତ୍ର କୋସଲ ରାଜ୍ୟ ରାଜ୍ୟ ଗଠନର ସମସ୍ତ ଯୁକ୍ତିଯୁକ୍ତତା ଥିବା ବେଳେ ପଦ୍ମଶ୍ରୀ ନୃସିଂହ ଗୁରୁ କୋସଲୀ ଭାଷା ଓ ସଂସ୍କୃତିକୁ ମର୍ଯ୍ୟାଦାମଣ୍ଡିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆଗାମୀ ଦିନରେ କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ଏକ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି ।

# ୩ ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଚାରରେ କଡ଼ା ଟକ୍କର

କେନ୍ଦ୍ରାପଡ଼ା,୩୦/୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ପଂଚାୟତରେ ୨୦ଟି ୱାର୍ଡ ରହିଛି । ସେହିପରି ଏହି ପଂଚାୟତରେ ଶ୍ୟାମସୁନ୍ଦରପୁର, ଦୂତିଆଳ, ପୁରୁଷୋ ମପୁର, ମଡ଼ରପୁର, ହାଲପୁର ପ୍ରମୁଖ ରାଜସ୍ୱ ଗ୍ରାମ ରହିଛି । ଏହି ପଂଚାୟତରେ ସମିତି ସଭ୍ୟ ପଦରେ ଏବେ ୩ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଏହି ତିନି ଜଣ ମହିଳା ପ୍ରାର୍ଥୀ ହେଲେ ଉର୍ମିଳା ସେଠୀ, ଅମ୍ବିକା ସେଠୀ ଓ ସଜନୀ ମଲ୍ଲିକ । ଏହି ପଂଚାୟତରେ ସମିତିସଭ୍ୟ ପଦ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି । ଏହି ପଂଚାୟତରେ ମୁଖ୍ୟତଃ ଗମନାଗମନ, ପରିମଳ, ପାନୀୟ ଜଳ, ଆଲୋକୀକରଣ ସମସ୍ୟା ରହିଥିବା ବେଳେ ଏହାକୁ ସୁଧାରିବା ପାଇଁ ସମିତିସଭ୍ୟ ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରତିଶୃତି ଦେଇ ଭୋଟ ହାତେଇବା ପାଇଁ ପ୍ରଚାର ଅଭିଯାନ ଚଳାଇଛନ୍ତି । ଉର୍ମିଳା ପୂର୍ବରୁ ବିଜେପିରେ ଥିବାବେଳେ ରାଜନୈତିକ କାର୍ଯ୍ୟକଳାପ ଆରମ୍ଭ କରି ଭୋଟରଙ୍କ ସହ ପରିଚିତ ହେବା ସହିତ ବିଧାନସଭା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ । ଏବେ ବିଜେଡିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଜିଲ୍ଲା ବିକାଶରେ ସହଭାଗୀ ହେବାପାଇଁ ଅଣ୍ଟା ଭିଡି ଥିବାରୁ ପ୍ରଚାର ଅଭିଯାନରେ ଆଗୁଆ ଥିବା ଜଣାପଡିଛି । ସେହିଭଳି ଅନ୍ୟ ୨ ପ୍ରାର୍ଥୀ ଅମ୍ବିକା ସେଠୀ ଓ ସଜନୀ ମଲ୍ଲିକ ଶୌଚାଳୟ ନିର୍ମାଣ, ପରିମଳ ବ୍ୟବସ୍ଥା ସୁଧାରିବା, ଗମନାଗମନ ସୁବିଧା କରିବା ଆଦି ପ୍ରତିଶୃତି ଦେଇ ଭୋଟରଙ୍କ ପାଖରେ ପହଁଚୁ ଥିବାରୁ ଏହି ୩ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଓ ପ୍ରଚାର ଅଭିଯାନ ଦିନକୁ ଦିନ ଆଖି ଦୁର୍ଶିଆ ହେଉଥିବା ଦେଖିବାକୁ ମିଳୁଛି ।

# ୧୨ ହଜାର ଟଙ୍କାରେ ନବଜାତ ଶିଶୁ କନ୍ୟା ବିକ୍ରୀ

ଧର୍ମଶାଳା,୩୦/୧ (ନି.ପ୍ର): ଯାଜପୁର ଜିଲାରେ ନବଜାତ ଶିଶୁ କନ୍ୟା ବିକ୍ରୀ ଅଭିଯୋଗ । ଯାହାକୁ ନେଇ ଜିଲାରେ ଚର୍ଚ୍ଚା କେନ୍ଦ୍ର ବିନ୍ଦୁ ପାଲଟିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କୋଟପୁର ପଂଚାୟତସ୍ଥ ସାନରାଏପଡା ଗ୍ରାମରେ । ଏହି ଗ୍ରାମର ରାମ ଚନ୍ଦ୍ର ବେହେରାଙ୍କ ଝିଅର ନବଜାତ ଶିଶୁ କନ୍ୟା ବୋଲି ଜଣାପଡିଛି । ସେମାନେ ୧୨ ହଜାର ଟଙ୍କାରେ କେନ୍ଦ୍ରାପଡା ଅଂଚଳରେ ଜଣେ ଜନୈକ ଯୁବକଙ୍କୁ ବିକ୍ରୀ କରିଥିବା ଜଣାପଡିଛି । ଖବର ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ତତ୍ପର ହୋଇଛି । ଘଟଣାସ୍ଥଳରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପଂହଚି ଘଟଣାର ଅନୁଧ୍ୟାନ କରିଛନ୍ତି । ସୂଚନା ମୁତାବକ ରାମଚନ୍ଦ୍ରଙ୍କ ଝିଅ କାଂଚନ ୧୨ ବର୍ଷ ପୂର୍ବେ ବରୀ ଅଂଚଳର ଜଣେ ଯୁବକକୁ ବିବାହ କରିଥିଲେ । ବାପା ରାମଚନ୍ଦ୍ରଙ୍କର ପୁଅ ନ ଥିବାରୁ ସେ ବହୁ ସମୟରେ ଅସୁବିଧାରେ ରହୁଥିଲେ । ତେବେ ୧୦ ବର୍ଷ ପୂର୍ବେ ଝିଅ ଜ୍ୱାଇଁ ଦୁହେଁ ଚମଚନ୍ଦ୍ରଙ୍କ ନିକଟରେ ରହିଆସୁଥିଲେ । ତେବେ ତାଙ୍କର ପୂର୍ବରୁ ୩ଗୋଟି ସନ୍ତାନ ଥିଲା । ୨୭ ତାରିଖ ଦିନ ଧର୍ମଶାଳା ମେଡିକାଲରେ କାଂଚନ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ଫଳରେ ସେଠାରେ ନବଜାତ ଶିଶୁ କନ୍ୟାଟିକୁ ଜଣେ ସମ୍ପର୍କୀୟ କେନ୍ଦ୍ରାପଡା ଅଂଚଳର ଜଣେ ଯୁବକୁ ଦେଇଥିଲେ । ସେ ଖୁସିରେ ତାଙ୍କୁ ୧୨ ହଜାର ଟଙ୍କା ଦେଇଥିଲେ ବୋଲି ରାମଚନ୍ଦ୍ର ପ୍ରକାଶ କରିଛନ୍ତି । ତେବେ ଏହି ବିକ୍ରୀ ଘଟଣା ପ୍ରଘଟ ହେବା ପରେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଖବର ପାଇଁ ଶିଶୁ ସୁରକ୍ଷା କର୍ମୀ ରବିନ୍ଦ୍ର ନାରାୟଣ ସେଠୀ ପ୍ରଥମେ ଉକ୍ତ ଗ୍ରାମରେ ପଂହଚି ଘଟଣାର ତଦନ୍ତ କରିଥିଲେ । ପରେ ଜିଲା ସୁରକ୍ଷା ଅଧିକାରୀ ନିରଞ୍ଜନ କର ପଂହଚି ତଦନ୍ତ କରିବା ସହ ଉକ୍ତ ନବଜାତକୁ ଫେରାଇ ଆଣିବାକୁ ପରିବାରଙ୍କୁ ପରାମର୍ଶ ଦେଇଥିଲେ । ଶିଶୁଟି ହସ୍ତଗତ ପରେ ସରକାରୀ ନିୟମ ଅନୁଯାୟୀ ଶିଶୁଟିର ସୁରକ୍ଷା ନିଆଯିବ ବୋଲି ଶିଶୁ ସୁରାକ୍ଷା ଅଧିକାରୀ ଶ୍ରୀ କର ପ୍ରକାଶ କରିଛନ୍ତି । ତେବେ ଅଭାବ ଅନଟନ ଓ ଦାରିଦ୍ରତା ପାଇଁ ଶିଶୁଟିକୁ ଦେଇଥିବା ଜଣାପଡିଛି ।

# ବରସାନା










ଉତ୍ତରପ୍ରଦେଶର ମଥୁରାଠାରୁ ୪୦ କିମି ଦୂରରେ ଅବସ୍ଥିତ ଏକ ମନୋରମ ଗାଁ ବରସାନା । ରାଧାଙ୍କ ଜନ୍ମସ୍ଥାନ ଭାବେ ଏହି ଗାଁ ଦେଶ ବିଦେଶରେ ପରିଚିତ । କେବଳ ରାଧାଙ୍କ ଜନ୍ମସ୍ଥାନ ନୁହେଁ, ବରଂ ଏଠାକାର ନିଆରା ହୋଲି ଖେଳ ପାଇଁ ମଧ ପ୍ରସିଦ୍ଧ ବରସାନା । ବରସାନାର ଅନ୍ୟ ନାଁ ବୃଷଭାନୁପୁର । ପାଖକୁ ପାଖ ଲାଗି ରହିଥିବା ଦୁଇଟି ପାହାଡ଼ ମଧରେ ଅବସ୍ଥିତ ବରସାନାଗାଁ । ଏହି ଦୁଇଟି ପାହାଡ଼କୁ ଯଥାକ୍ରମେ ବ୍ରହ୍ମା ଓ ବିଷ୍ଣୁ ପାହାଡ଼ ବୋଲି କୁହାଯାଏ । ଏହି ଦୁଇଟି ପାହାଡ଼ର ଚାରୋଟି ଚୂଡ଼ା ଯଥାକ୍ରମେ ଭାନୁଗଡ଼, ମାନଗଡ଼, ଦାନଗଡ଼ ଏବଂ ବିଳାସଗଡ଼ ନାଁରେ ପରିଚିତ । ଏହି ଚାରୋଟି ଶୃଙ୍ଗକୁ ବ୍ରହ୍ମାଙ୍କର ଚାରି ମୁଣ୍ଡ ବୋଲି କୁହାଯାଏ । ବିଳାସଗଡ଼ ଚୂଡ଼ାକୁ ଛାଡ଼ିଦେଲେ ଅନ୍ୟ ତିନୋଟି ଚୂଡ଼ା ବ୍ରହ୍ମା ପାହାଡ଼ରେ ଅବସ୍ଥିତ । ବ୍ରହ୍ମା ପାହାଡ଼ର ପ୍ରତିଟି ଚୂଡ଼ାରେ ସୁନ୍ଦର କାରୁକାର୍ଯ୍ୟଭରା ମନ୍ଦିର ଅବସ୍ଥିତ । ଏହି ମନ୍ଦିତରଗୁଡ଼ିକ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଉଦ୍ଦେଶ୍ୟରେ ସମର୍ପିତ । ବରସାନା ଏହାର ଆକର୍ଷଣୀୟ 'ଲାଠମାର ହୋଲି' ପାଇଁ ଲୋକପ୍ରିୟ । ପଡ଼ୋଶୀ ନନ୍ଦଗାଁଓରୁ ଲୋକମାନେ ବରସାନା ହୋଲି ଖେଳିବା ପାଇଁ ଆସିଥିବା ବେଳେ ବରସାନାର ଲୋକମାନେ ଠେଙ୍ଗାରେ ସେମାନଙ୍କୁ ପ୍ରତିରୋଧ କରୁଥିବାରୁ ଏହାକୁ ଲାଠମାର ହେଲି କୁହାଯାଏ । ବରସାନାର ପାହାଡ଼ ଚୂଡ଼ାରେ ଥିବା ମନ୍ଦିର ଗୁଡ଼ିକ ବିଷୟରେ ନିମ୍ନରେ ଉଲ୍ଲେଖ କରାଯାଇଛି ।

## ଶ୍ରୀଜୀ ମନ୍ଦିର

ସ୍ଥାନୀୟ ଲୋକେ ଏହାକୁ ଲାଡ଼ଲି ଲାଲ୍ ମନ୍ଦିର ବୋଲି କହିଥାନ୍ତି । ଏହା ଭାନୁଗଡ଼ ଚୂଡ଼ାରେ ଅବସ୍ଥିତ । ମୋଗଲ ସମ୍ରାଟ୍ ଆକବରଙ୍କ ଶାସନ କାଳରେ ଏହି ମନ୍ଦିରଟିର ମରାମତି କରାଯାଇଥିବାରୁ ଏଥିରେ ମୋଗଲ ସ୍ଥାପତ୍ୟର ଝଲକ ଦେଖିବାକୁ ମିଳେ ।

## ରାଧାକୃଷ୍ଣ ଭଣ୍ଡାରି ମନ୍ଦିର



ଏହି ମନ୍ଦିରଟି ବରସାନାର ଆଉ ଏକ ଭବ୍ୟ ମନ୍ଦିର । ଏହାକୁ ଜଣେ ରାଜପୁତ ଶାସକ ନିର୍ମାଣ କରିଥିଲେ ଯିଏ କି ରାଧା-କୃଷ୍ଣଙ୍କ ପରମ ଭକ୍ତ ଥିଲେ ବୋଲି ଶୁଣିବାକୁ ମିଳେ । ଏହି ମନ୍ଦିରଟିର କାରୁକାର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ମନ୍ଦିର ପରିସରରେ ରାଧାରାଣୀଙ୍କର ଏକ ସୁନ୍ଦର ମୋହମୟୀ ମୂର୍ତ୍ତି ଶୋଭା ପାଇଥାଏ । ଏହା ହେଉଛି ବରସାନାର ଏକମାତ୍ର ମନ୍ଦିର ଯାହା କେବଳ ଶ୍ରୀରାଧାଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

### କେତେବେଳେ ଯିବେ

ବରସାନା ଯିବାର ଉପଯୁକ୍ତ ସମୟ ହେଉଛି ଅକ୍ଟୋବରରୁ ଏପ୍ରିଲ । ଏହି ସମୟ ମଧରେ ବରସାନାର ପରିବେଶ ଖୁବ ସୁନ୍ଦର ଥାଏ । ତେବେ ହୋଲି ସମୟରେ ଏହି ଗାଁ ଟିରେ ପ୍ରବଳ ଜନଗହଳି ଲାଗି ରହେ । ସେହିପରି ଜନ୍ମାଷ୍ଟମୀ ସମୟରେ ମଧ ଏହି ସ୍ଥାନର ପାରିପାର୍ଶିକ ପରିସ୍ଥିତି ଉତ୍ସବମୁଖର ହୋଇଉଠେ ।

### କିପରି ଯିବେ

ବିମାନ ଯୋଗେ ଯିବାକୁ ଯାଉଥିଲେ ପର୍ଯ୍ୟଟକମାନଙ୍କ ପାଖରେ ଦୁଇଟି ବିକଳ୍ପ ଅଛି । ଗୋଟିଏ ହେଉଛି ଆଗ୍ରା ବିମାନ ବନ୍ଦର ଯାହା ବରସାନାରୁ ପ୍ରାୟ ୧୦୨ କିମି ଦୂରରେ ଅବସ୍ଥିତ । ନହେଲେ ଦିଲ୍ଲୀ ବିମାନ ବନ୍ଦର ଯାହାର ଦୂରତ୍ୱ ବରସାନାଠାରୁ ପ୍ରାୟ ୧୧୧ କିମି ହେବ । ବରସାନାର ନିକଟତମ ରେଲଷ୍ଟେସନ ହେଉଛି କୋସି କାଲାନ ଯାହା ବରସାନପା ଠାରୁ ପ୍ରାୟ ୧୦କିମି ଦୂରରେ ଅବସ୍ଥିତ । ନଚେତ ଜଣେ ଇଚ୍ଛା କଲେ ମଥୁରା ପର୍ଯ୍ୟନ୍ତ ଯାଇ ସେଠାରୁ ବରସାନା ଯାଇପାରିବେ । ବରସାନାଠାରୁ ମଥୁରାର ଦୂରତ୍ୱ ୫୦କିମି । ବରସାନା ଦିଲ୍ଲୀ, ଆଗ୍ରା, ମଥୁରା ଭଳି ସହର ସହିତ ସଡ଼କ ପପଥରେ ସଂଯୁକ୍ତ ।

# ୫ଟି ଆଳୁ ଚିପ୍ସ, ମୂଲ୍ୟ ୪,୪୦୦ଟଙ୍କା



ବଜାରରେ ଆଳୁ ଚିପ୍ସର ଚାହିଦା ଏବେ ବେଶ ଅଧିକ ରହିଛି । ଭିନ୍ନଭିନ୍ନ କମ୍ପାନୀ ଏହାର ମାର୍କେଟିଂରେ ବିପୁଳ ଅର୍ଥ ମଧ ଖର୍ଚ୍ଚ କରୁଛନ୍ତି । ସାଧାରଣତଃ ଏହାର ମୂଲ୍ୟ ୫ରୁ ୫୦ଯଙ୍କା ମଧରେ ରହିଥିବା ଦେଖିବାକୁ ମିଳିଛି । ମାତ୍ର ଆମେ ଯେଉଁ ଆଳୁ ଚିପ୍ସ କଥା କହିବାକୁ ଯାଛୁ ତା'ର ମୂଲ୍ୟ ହେଉଛି ସାଢ଼େ ୪ହଜାର ଟଙ୍କା । ଆଉ ଏହି ଚିପ୍ସ କଥା କହିବାକୁ ଯାଉଛୁ ତା'ର ମୂଲ୍ୟ ହେଉଛି ସାଢ଼େ ୪ହଜାର ଟଙ୍କା । ଆଉ ଏହି ଚିପ୍ସ ପ୍ୟାକେଟରେ ରହୁଛି ମାତ୍ର ୫ଟି ଚିପ୍ସ । ତିନିବର୍ଷ ତଳେ ସ୍ୱିଡେନର ଏକ କମ୍ପାନୀ ଏହି ଚିପ୍ସକୁ ବଜାରକୁ ଆଣିଥିଲା । ସେତେବେଳେ ଏହା ବଡ଼ ଚର୍ଚ୍ଚା ସୃଷ୍ଟି କରଇଥିଲା । ଏକ ଆକର୍ଷଣୀୟ ବକ୍ସରେ ମାତ୍ର ୫ଟି ଚିପ୍ସ ରଖିକମ୍ପାନୀ ବଜାରକୁ ଏହି ଉତ୍ପାଦ ଆଣିଥିଲା । ବେଳେ ଲୋକେ ଏହାକୁ ଗ୍ରହଣ କରିବେ ନା ନାହିଁ ତାହା ସେତେବେଳେ ଆଲୋଚନାର ବିଷୟ ଥିଲା । ମାତ୍ର ଏବେ ଏହି ଚିପ୍ସ ବେଶ ଲୋକପ୍ରିୟ ହେବାରେ ଲାଗିଛି । କମ୍ପାନୀ ପକ୍ଷରୁ କୁହାଯାଇଛି । ଦେଶର ପାର୍ବତୀୟ ଅଞ୍ଚଳ ଆମାରନାସ ଅଞ୍ଚଳରେ ଏହି ଆଳୁର ଉତ୍ପାଦନ ହେଉଛି । ଏହି ଆଳୁ ବର୍ଷକୁ ମାତ୍ର ଗୋଟିଏ ଥର ଫସଲ ହୋଇଥାଏ । ସେହିପରି ଏଥିରେ ଏକ ସ୍ୱତନ୍ତ୍ର ପ୍ରଜାତିର ଛତୁକୁ ମଧ ମିଶାଯାଉଛି । ସେହିପରି ଅଷ୍ଟ୍ରେଲିଆର ଏକ ଦ୍ୱୀପରେ ମିଳୁଥିବା କ୍ରାଉନଡିଲ ଗଛର ମଧ ଉପଯୋଗ ଏଥିରେ ହେଉଛି । ତେଣୁ ଏହାର ମୂଲ୍ୟ ୪୪୦୦ଟଙ୍କା ରଖାଯାଇଛି ।

# ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି । ଏକ ସର୍ବେକ୍ଷଣରୁ ଜଣାଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି । ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ । କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ । ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ । ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ । ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ । ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି । ଏଥିରେ ଥିବା ତତ୍ତ୍ୱମାନ ହରମୋନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ । ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ । ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ ।

# ଘରେ ତିଆରି କରନ୍ତୁ ଭେଜ୍ ମୋମୋ



**ଆବଶ୍ୟକ ସାମଗ୍ରୀ:** ମଇଦା, ଲୁଣ, କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା, କଟା ପିଆଜ, କଟା ଗାଜର, ବନ୍ଧାକୋବି, ଗୋଲମରିଚ ଗୁଣ୍ଡ ଓ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ । ସେଥିରେ ପାଣି ଓ ଲୁଣ ପକାଇ ଚକଟି ଦିଅନ୍ତୁ । ଚକଟି ସାରିବା ପରେ ତା' ଉପରେ ଅଳ୍ପ ରିଫାଇନ ତେଲ ପକାଇ ଢାଙ୍କି ଦିଅନ୍ତୁ । ଏହା କରିବା ଦ୍ୱାରା ମଇଦାଟି ସଫ୍ଟ ହେବ । ପରେ ମୋମୋ ପାଇଁ ମସଲା ପ୍ରସ୍ତୁତ କରନ୍ତୁ । କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେଲେ ସେଥିରେ କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ଓ କଟା ପିଆଜ ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ କଟା ଗାଜର ଓ ବନ୍ଧାକୋବି ପକାଇ ଗୋଳାଇ ଦିଅନ୍ତୁ । ତା'ପରେ ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ କିଛି ସମୟ ପାଇଁ ଫ୍ରାଏ କରନ୍ତୁ । ଏହା ଫ୍ରାଏ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ଚକଟି ରଖିଥିବା ମଇଦାକୁ ପୁରି ଆକାରରେ ବେଲନ୍ତୁ । ତା' ଭିତରେ ମସଲାକୁ ପୁରାଇ ମୋମୋ ଆକାରରେ ଗଢ଼ନ୍ତୁ । ପରେ ଇଡଲି ଛାଞ୍ଚରେ ତେଲ ମାରି ଗଢ଼ି ରଖିଥିବା ମୋମୋକୁ ରଖି ଢାଙ୍କି ଦିଅନ୍ତୁ । ୧୫ରୁ ୨୦ ମିନିଟ୍ ପରେ ଇଡଲି ଛାଞ୍ଚକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଇଡଲି ଛାଞ୍ଚର ଢାଙ୍କୁଣିକୁ କାଢ଼ି ମୋମୋ ଗୁଡ଼ିକ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜ୍ ମୋମୋ ।

# ସୁନ୍ଦର ଓଠ ପାଇଁ ହଳଦୀ



ସୁନ୍ଦର ତ୍ୱଚା ସହ ସୁନ୍ଦର ଓଠ ସମସ୍ତଙ୍କୁ ଦରକାର । ସେଥିପାଇଁ ଆମେ ବହୁତ କିଛି କସ୍ମେଟିକ ଜିନିଷ ବଜାରରୁ ଆଣି ବ୍ୟବହାର କରିଥାଉ । କେତେ କ'ଣ ଲଗାଇଥାଉ । କିନ୍ତୁ ପ୍ରାକୃତିକ ଉପାୟରେ ମଧ ଓଠ ସୁନ୍ଦର ହୋଇପାରିବ । ରୋଷେଇ ଘରେ ପ୍ରତିଦିନ ବ୍ୟବହାରରେ ଲାଗୁଥିବା ହଳଦୀ ଓଠର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବ । ହଳଦୀରେ ଥିବା ଅନେକ ଔଷଧୀୟ ଗୁଣ ଶରୀରପାଇଁ ଯେତିକି ଉପକାରୀ ତ୍ୱଚା ପାଇଁ ମଧ ସେତିକି ଲଭାଦାୟୀ । ଏହା ଆମ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଆମ ତ୍ୱଚାକୁ ଅଧିକ ଲାଭ ପଞ୍ଚାଇଥାଏ । ସେଥିପାଇଁ କିଛି ନାଚୁରାଲ ବିୟୁଟି ପ୍ରଡକ୍ଟ ପାଇଁ ଏହାକୁ ବ୍ୟବହାର କରାଯାଏ ।

ସାଧାରଣତଃ ଫେସପ୍ୟାକ୍, ହେୟାର ପ୍ୟାକ୍ , ସ୍କର୍ବ ପାଇଁ ହଳଦୀକୁ ବିଶେଷ ରୂପେ ବ୍ୟବହାର କରାଯାଇଥାଏ । କେବଳ ସେତିକି ନୁହେଁ ଓଠର କଳାପଣ, ଓଠ ଫାଟିବା ସମସ୍ୟା ଦୂର କରିବା ପାଇଁ ମଧ ହଳଦୀ କାମରେ ଆସିଥାଏ ।

ଶୀତ ଦିନ ରେ ଓଠ ଫାଟିବା ସହ ଆମ ଓଠ କଳା ପଡିଯାଇଥାଏ । ସେଥିପାଇଁ ହଳଦୀର ଲିପ ବାମ୍ ଏବଂ ସ୍କର୍ବ ଓଠ ପାଇଁ ବେଶ୍ ଲାଭଦାୟକ । ତେବେ ହଳଦୀ ଦ୍ୱାରା ଘରେ ବସି ଲିପ ବାମ୍ ଓ ସ୍କର୍ବ କିପରି ତିଆରି କରିପାରିବେ ଆସନ୍ତୁ ଜାଣିବା

ଲିପ ବାମ୍ ତିଆରି କରିବାର ପ୍ରଣାଳୀ- ୨ ଚାମଚ ପେଟ୍ରୋଲିଅମ ଜେଲି ବା ଦେଶୀ ଘିଅରେ ଗୋଟିଏ ଚାମଚ ଗ୍ଲିସେରିନ୍, ୧ ଚାମଚ ମହୁ ସହ ଏଥିରେ କିଛି ଟି- ଟ୍ରି ଅୟଲ, ଏବଂ ଅଳ୍ପ କିଛି ହଳଦୀ ମିଶାଇ ୩ ଘଣ୍ଟା ଫ୍ରିଜରେ ରଖିଦିଅନ୍ତି । ଏହାପରେ ଏହି ପେଷ୍ଟକୁ ଆପଣ ଲିମ୍ ବାମ୍ ଭଳି ପ୍ରତିଦିନ ନିଜ ଓଠରେ ଲଗାଇପାରିବେ । ଶୀତ ଦିନେ ଏହି ଲିପ୍‌ବାମ୍‌କୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଓଠି ଫାଟିବା ସମସ୍ୟା ଦୂର ହୋଇଯିବ ।

ଲିପ ସ୍କ୍ରବ ପ୍ରଣାଳୀ- ଏଥିପାଇଁ କିଛି ଚିନି, ଗ୍ରୀନ-ଟି' ପାଉଡର, ଯେକୌଣସି ତେଲ ଆପଣ ନେଇ ପାରିବେ, ୧ ଚାମଚ ଲେମ୍ବୁ ରସ ସହ ଅଳ୍ପ ହଳଦୀ ମିଶାଇ ଦିଅନ୍ତୁ । ଏହି ପେଷ୍ଟକୁ ଆପଣ ସ୍କ୍ରବ ଭାବେ ସପ୍ତାହରେ ୩ଥର ବ୍ୟବହାର କରିପାରିବେ । ଏହି ସ୍କ୍ରବ ଆପଣଙ୍କ ଓଠକୁ ନରମ ରଖିବାରେ ସାହାଯ୍ୟ କରିବ ।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବି୍ୱାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।



- ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ ।
- ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।
- ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ ।
- ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।
- ମହାଦେବ ମାତା ପାର୍ବତୀଙ୍କ ସହିତ ଜ୍ୟୋତିର୍ଲିଙ୍ଗ ମଧରେ ବିରାଜମାନ କରିଥାନ୍ତି । ଉକ୍ତ ଜ୍ୟୋତିର୍ଲିଙ୍ଗ ଯିଏ ଦର୍ଶନ କରେ, ସେ ସାକ୍ଷାତ ମହାଦେବ ଓ ପାର୍ବତୀଙ୍କ ଦର୍ଶନର ଫଳପାଏ ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ଯିଏ ଦର୍ଶନ କରେ ସେ ମହାନ ଓ ପବିତ୍ର । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ର ସବୁଠାରୁ ଉତ୍ତମ ଓ ପବିତ୍ର କ୍ଷେତ୍ର ।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ଅନ୍ୟ କୌଣସି କ୍ଷେତ୍ର ଭ୍ରମଣରେ ଆବଶ୍ୟକତା ନାହିଁ । କାରଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଫଳ ସର୍ବ ତୀର୍ଥକ୍ଷେତ୍ର ଦର୍ଶନର ଫଳଠାରୁ ଅଧିକ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଜାନୁଆରୀ ୨୦୨୨, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପୁରୁଣା ଅଭ୍ୟାସ...

କୌଣସି ବ୍ୟକ୍ତି ତା'ର ପୁରୁଣା ଅଭ୍ୟାସକୁ ଛାଡ଼ିବା ଏତେ ସହଜ ନଥାଏ, କାରଣ ଏହା ସମ୍ପୃକ୍ତ ବ୍ୟକ୍ତିର ସ୍ୱଭାବ ପାଲଟି ଯାଇଥାଏ । ଆଉ ଯଦି ଏଇ ଅଭ୍ୟାସ ବେଶୀ ହୋଇଯାଏ, ତା' ହେଲେ ଉପରୋକ୍ତ କଥାଟି ଅଧିକ ସତ ହୋଇଥାଏ । ଏଇ କଥାଟି ୟୁକ୍ରେନ୍‌କୁ ନେଇ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ରୁଷିଆ ମଧ୍ୟରେ ଉପୁଜି ଥିବା ସାମ୍ପ୍ରତିକ ବିବାଦ ପରିପ୍ରେକ୍ଷୀରେ ଢେର୍ ପ୍ରଯୁଜ୍ୟ । ଉଭୟ ଆରେକା ଏବଂ ରୁଷିଆ ସେମାନଙ୍କ ନିଜ ନିଜ ଦୃଷ୍ଟିରେ ପ୍ରଭାବ ବିସ୍ତାର କରିବାକୁ ନେଇ ଯାହା ଭାବୁଛନ୍ତି, ତାହା ବାସ୍ତବତାର ରୂପ ନେଇଛି ୟୁକ୍ରେନ୍‌ରେ, ଯେଉଁଥିପାଇଁ ଏଠାରେ ସମ୍ପ୍ରତି ଯୁଦ୍ଧର ଆଶଙ୍କା ଦେଖା ଦେଇଛି । ରୁଷିଆର ସୈନ୍ୟବାସିନୀ ପୂର୍ବତନ ସୋଭିଏତ୍ ରିପବ୍ଲିକ୍ ତିନି ପଟେ ଜଣା ହୋଇ ସାରିଥିବା ବେଳେ ମସ୍କୋ ଧମକର ଜବାବ ଦେବାକୁ ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ) ଯୁଦ୍ଧ ଜାହାଜ, ଯୁଦ୍ଧ ବିମାନ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରେରଣ କରୁଛି, ଯାହାସବୁ ମିଶି ପରିସ୍ଥିତି ଏକ ଯୁଦ୍ଧ ଆଡ଼କୁ ଗତି କରୁଥିବାର ସୂଚନା ପ୍ରଦାନ କରୁଛି । ପୂର୍ବ ୟୁରୋପ୍‌ରେ ମୁତୟନ କରିବା ନିମନ୍ତେ ପେଣ୍ଟାଗନ୍ ୮ ହଜାର ୫ ଶହ ସୈନିକ ପ୍ରସ୍ତୁତ କରି ରଖିଛି । ବ୍ରେକ୍ସିଟ୍-ଉପରାନ୍ତ ବ୍ରିଟେନ୍ ମଧ୍ୟ ପଛରେ ପଡ଼ିଯାଇ ନାହିଁ । ଏହା ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ପ୍ରେରଣ କରୁଛି । ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଆଣ୍ଟୋନୀ ବ୍ଲିଙ୍କେନ୍ ସାମ୍ପ୍ରତିକ ପରିସ୍ଥିତି ନିମନ୍ତେ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କୁ ଦାୟୀ କରି କହିଛନ୍ତି ଯେ ୟୁକ୍ରେନ୍ ହେଉ କି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ତରଫରୁ ଯୁଦ୍ଧକୁ ଉସୁକେଇବା ଭଳି କୌଣସି ପ୍ରକାରର କାର୍ଯ୍ୟ କରାଯାଇ ନଥିଲା ସୁଦ୍ଧା ବିନା କାରଣରେ ପୁତିନ୍ ଏଭଳି ଉତ୍ତେଜନା ସୃଷ୍ଟି କରିଛନ୍ତି । ସେସହିପରି ପୁତିନ୍ ମଧ୍ୟ ଅଭିଯୋଗ କରିଛନ୍ତି ଯେ ରୁଷିଆର ନିରାପତ୍ତା ପ୍ରତି ଆମେରିକା ବିପଦ ସୃଷ୍ଟି କରିଛି । ପ୍ରକୃତରେ କିନ୍ତୁ ବାସ୍ତବତାକୁ ନେଇ ଉଭୟ ଆମେରିକା ଓ ରୁଷିଆ ମାପିଚୁପି କଥା କହୁଛନ୍ତି । କୌଣସି ରାଷ୍ଟ୍ରର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିବା ପାଇଁ କୌଣସି ଯଥାର୍ଥତା ଦେଖାଯାଇ ପାରିବ ନାହିଁ । ଆମେରିକୀୟ ଯୁଦ୍ଧାସ୍ତ୍ରଗୁଡ଼ିକ ଏହାର ସୀମା ନିକଟରେ ଠୁଳ ହୋଇ ରହିବା ସହିତ ପୂର୍ବ ପଟକୁ ବିସ୍ତାରିତ ହେଉଥିବା ନାଟୋକୁ ନେଇ ରୁଷିଆ ତା'ର ସୁରକ୍ଷା ପ୍ରସଙ୍ଗ ସମ୍ବନ୍ଧରେ ଚିନ୍ତିତ ହେବା ସ୍ୱାଭାବିକ । ଏସବୁ ପ୍ରକାରର ଲକ୍ଷଣକୁ ବିଚାରକୁ ନେଲେ କୁହାଯାଇ ପାରେ ଯେ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କର କେତେକ ଆଶଙ୍କାର ସମାଧାନ କରିବା ନିମନ୍ତେ ପୁତିନ୍‌ଙ୍କ ସସହିତ ଆଲୋଚନା କରିବାକୁ ଇଚ୍ଛୁକ ଅଛନ୍ତି, କିନ୍ତୁ ୟୁକ୍ରେନ୍‌କୁ ନାଟୋରେ ଅନ୍ତର୍ଭୁକ୍ତ କରିବାରୁ ବିରତ ରହିବାକୁ କ୍ରେମ୍‌ଲିନ୍‌ର ଦାବିକୁ ଗ୍ରହଣ କରିବାକୁ ରାଜି ନୁହନ୍ତି । ଏ ବାବଦରେ ଏକ ପତ୍ର ବୁଧବାର ଦିନ ରୁଷିଆକୁ ପ୍ରଦାନ କରାଯାଇଛି, ଯେଉଁଥିରେ କେଉଁ କେଉଁ କ୍ଷେତ୍ରରେ ଉଭୟ ଆମେରିକା ଏବଂ ରୁଷିଆ ପ୍ରଗତି କରି ପାରିବେ, ଯଥା ଅସ୍ତ୍ରଶସ୍ତ୍ର ଏବଂ ସ୍ଥିରତା ରକ୍ଷା ଇତ୍ୟାଦି କ୍ଷେତ୍ରରେ, ତାହା ଉଲ୍ଲେଖ କରାଯାଇଛି । ଆମେରିକାର ଏହି ପଦକ୍ଷେପ ଦୁଇ ପକ୍ଷୀଙ୍କ ନିମନ୍ତେତ ଏକ ଆଶା ସଞ୍ଚାର କରିଛି ଏଭଳି ଏକ ସ୍ଥିତିର ସୀମାରୁ ଓହରି ଆସିବା ନିମନ୍ତେ, ଯାହା ୧୯୬୨ର କ୍ୟୁବା କ୍ଷେପଣାସ୍ତ୍ର ସଂକଟକୁ ସ୍ମରଣ କରାଇ ଦିଏ, ଯେତେବେଳେ କି ସମଗ୍ର ବିଶ୍ୱ ଏକ ଆଣବିକ ଯୁଦ୍ଧର ନିକଟବର୍ତ୍ତୀ ହୋଇ ଯାଇଥିଲା । ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରମାନେ ଅଭିଯୋଗ ଉଠାଇଛନ୍ତି ଯେ ରୁଷିଆ ୟୁକ୍ରେନ୍ ସୀମାରେ ଏକ ଲକ୍ଷ ପାଖାପାଖି ସେନା ଠୁଳ କରି ଏହା ଉପରେ ଆକ୍ରମଣ କରିବାକୁ ଚାହୁଁଛି, କିନ୍ତୁ ରୁଷିଆ କହୁଛି ଯେ ୟୁକ୍ରେନ୍ ଆକ୍ରମଣ କରିବା ନିମନ୍ତେ ଏହାର କୌଣସି ଯୋଜନା ନାହିଁ; ବରଂ ଏହା ନିଜ ସୀମାର ସୁରକ୍ଷା ନିମନ୍ତେ ଏସବୁ କରିଛି । ସତକଥା ହେଉଛି, ମସ୍କୋ ଏଯାବତ୍ ସୋଭିଏତ୍ ରାଷ୍ଟ୍ରସଂଘ ଭଙ୍ଗ ହେବାକୁ ଗ୍ରହଣ କରି ପାରିନାହିଁ ଏବଂ ଏହା ପାଇଁ ସବୁଠୁ ବେଶୀ କଷ୍ଟକର ହୋଇଛି ୟୁକ୍ରେନ୍ ଓ ବେଲାରୁଷକୁ ରହିଥିବା ବେଳେ ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରସଂଘ ପୂର୍ବର ସୋଭିଏତ୍ ରିପବ୍ଲିକ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଘେରକୁ ନେବାପାଇଁ ଚାହୁଁଛନ୍ତି, ଆଉ ଏହାକୁ ସୁହାଉଛି କେତେକ ନୂଆ ସ୍ୱାଧୀନ ହୋଇଥିବା ଗଣରାଜ୍ୟମାନେ ୟୁରୋପୀୟ ରାଷ୍ଟ୍ରସଂଘ ଓ ନାଟୋରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରିବା । ଆମେରିକା ଏବଂ ରୁଷିଆ ମଧ୍ୟରେ ଏପରି ଆରୋପ ପ୍ରତ୍ୟାରୋପକୁ ଭାରତ ସଜାଗ ହୋଇ ଲକ୍ଷ୍ୟ ରଖିଛି, କାରଣ ଯୁଦ୍ଧ ଟଳିଯାଇଥିଲେ ସୁଦ୍ଧା ଏହାଦ୍ୱାରା ଭାରତର କେବଳ ଆମେରିକା ନୁହେଁ, ୟୁରୋପୀୟ ରାଷ୍ଟ୍ରସଂଘ, ରୁଷିଆ ଏବଂ ଚୀନ୍ ସହିତ ସମ୍ପର୍କ ପ୍ରଭାବିତ ହେବା ସହିତ ଏସୀୟ ଭୂଖଣ୍ଡର ଭୂ-ରାଜନୀତିର ଗତିଶୀଳତାକୁ ମଧ୍ୟ ଏହା ପ୍ରଭାବିତ କରିବ । ତେବେ ଉଭୟ ଆମେରିକା ଓ ରୁଷିଆ ଭିତରେ କୌଣସି ପ୍ରକାରର ରାଜିନାମା ହେବା ଏତେ ସହଜ ନୁହେଁ । ଏହାର କାରଣ ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରସଂଘ ଭିତରେ ଆଭ୍ୟନ୍ତରୀଣ ରାଜନୀତିକ ବିଭାଜନ ଉତ୍କଟ ଅବସ୍ଥାରେ ଥିବା ବେଳେ ରୁଷିଆକୁ ନେଇ ମଧ୍ୟ ସେମାନଙ୍କର ଭିନ୍ନ ମତ ରହିଛି । ଭାରତ ଆଶା କରୁଛି ଯେ ୟୁରୋପ୍‌ର ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ରୁଷିଆର ଶାନ୍ତି ପ୍ରତିଷ୍ଠା ହେଲେ ଏସିଆ ମହାଦେଶରେ ଚୀନ୍ ଯେଉଁ ପ୍ରଭୃତ୍ୱ ବିସ୍ତାର କରିବାକୁ ଚାହୁଁଛି, ସେଥିପ୍ରତି ଏହାର ସମର୍ଥନ ଊଣା ହେବ ।

## ଅର୍ଥନୈତିକ ବିପର୍ଯ୍ୟୟ ଓ ଆଗାମୀ ବଜେଟ୍



**ଡକ୍ଟର ଲକ୍ଷ୍ମଣ ସାହୁ**

ଏକଥା ସତଯେ କରୋନା ଫଳରେ ଦେଶର ଅର୍ଥନୈତିକ ବିପର୍ଯ୍ୟସ୍ତ ଘଟିଛି । ଆର୍ଥିକ ଅନଟନ ଭିତରେ ସାଧାରଣ ଗରିବ ଜନସାଧାରଣଙ୍କ ସମେତ ଧନୀ ଓ ମଧ୍ୟବିତ୍ତ ପରିବାରର ମଧ୍ୟ ବାଦ ପଡି ନାହାଁନ୍ତି । ବେସରକାରୀ ହେଉଅବା ସରକାରୀ କେନ୍ଦ୍ର ବା ରାଜ୍ୟ ଚାକିରିଆ ମାନେ ଊଣାଅଧିକେ ଏଥିରୁ ବାଦ ପଡ଼ି ନାହାନ୍ତି । ଏବେ କେନ୍ଦ୍ରୀୟ ଓ ରାଜ୍ୟ ବଜେଟ୍ ଉପରେ ସମସ୍ତଙ୍କ ଆଖି ଲାଖି ରହିଛି ।

କେନ୍ଦ୍ରୀୟ ବଜେଟ୍ କ'ଣ ହୋଇପାରେ ଏବଂ ହେବା ଉଚିତ ସେ ନେଇ ଗଣମାଧ୍ୟମରେ ଅନେକ କଳ୍ପନାଜଳ୍ପନା ଚାଲିଛି । ବିଭିନ୍ନ ମହଲରୁ ବିଭିନ୍ନ ପରାମର୍ଶ ଆସିବା ଆରମ୍ଭ କରିଛି । ତେବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପାଇଁ ଚଳିତ ବର୍ଷର ବଜେଟ୍ ନିଃସନ୍ଦେହରେ ଏକ କଷ୍ଟସାଧ କାର୍ଯ୍ୟ ହୋଇପାରେ । ପ୍ରଥମେ, ଆଶା କରାଯାଉଥିବା ପରି, କୋଭିଡ ଏପର୍ଯ୍ୟନ୍ତ ଅପସରି ଯାଇ ନାହିଁ । ଯେଉଁ ଉପାୟରେ ମହାମାରୀ କୋଭିଡର ତରଙ୍ଗ ବାରମ୍ବାର ଫେରି ଆସୁଛି ଓ ଆତଙ୍କ ସୃଷ୍ଟି କରୁଛି, ଅର୍ଥନୀତି କ୍ଷେତ୍ରରେ ତାହା ଗଭୀର ରେଖାପାତ କରୁଛି । ଦ୍ୱିତୀୟରେ, ଗତ ଦୁଇ ବର୍ଷ ଧରି ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ହେତୁ ବ୍ୟବସାୟୀମାନେ ହତୋତ୍ସାହିତ ହୋଇ ପଡିଛନ୍ତି । ଯଦି ଏହି ମୁହୂର୍ତ୍ତରେ ଅର୍ଥନୀତି ପୁନର୍ଜୀବିତ ନହୁଏ, ତେବେ ଆଗକୁ ଏକ ଭୟଙ୍କର ପରିସ୍ଥିତି ଉପୁଜିବ । ବେକାରଙ୍କ ସଂଖ୍ୟା ଏତେ ବୃଦ୍ଧି ପାଇବ ଯେ ଯାହା କଳ୍ପନା ବାହାରେ ହେବ । ତୃତୀୟରେ ଉତ୍ତରପ୍ରଦେଶ ସମେତ ପାଞ୍ଚଟି ରାଜ୍ୟର ନିର୍ବାଚନ ବନାମ ଭୋଟ ଆଗକୁ ରହିଛି । ଏଥର ଉତ୍ତରପ୍ରଦେଶରେ ବିଜେପି ସଂଘର୍ଷ କରିଛି । ଏହି ପରିସ୍ଥିତିରେ କେନ୍ଦ୍ର ବଜେଟରେ କିଛି ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦାୟିତ୍ୱ ଯେ ନିଶ୍ଚୟ ରହିବ । ଯଦି ଅର୍ଥନୀତି ଶୀଘ୍ର ସୁସ୍ଥ ହେବାକୁ ଯାଉଛି, ତେବେ ଆୟକର କ୍ଷେତ୍ରରେ ମଧ୍ୟବିତ୍ତଙ୍କୁ କିଛି ଶୀଘ୍ର ଆରାମ ଦେବା ବ୍ୟତୀତ କୌଣସି 'ବିକଳ୍ପ'ର ବିକଳ୍ପ ପନ୍ଥା ନାହିଁ ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଅଧିକାଂଶ ଅର୍ଥନୀତିଜ୍ଞ ଟିକସ ବ୍ରେକ ସପକ୍ଷରେ ଅଛନ୍ତି । ମଧ୍ୟବିତ୍ତଙ୍କୁ ଆୟକର ସୁବିଧା ପ୍ରଦାନ କରି ପାରିଲେ ହୁଏତ ସେମାନେ ବଜାରକୁ ଶୀଘ୍ର ଆସିପାରିବେ ଏବଂ ବିଭିନ୍ନ ଦ୍ରବ୍ୟର ଚାହିଦା ବଢାଇ ପାରିବେ । ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ସେତେବେଳେ ନିମ୍ନ ବଜାର ସୁଲଭ ଉତ୍ପାଦିତ ଜିନିଷ ଅଧିକ ବ୍ୟବହାର କରନ୍ତି ଯେତେବେଳେ ବଳକା ଟଙ୍କା ସେମାନଙ୍କ ହାତକୁ ଆସେ । ଉତ୍ପାଦଗୁଡ଼ିକର ବିକ୍ରି ଚାହିଦାକୁ ନେଇ ଏହା ବଜାରକୁ ଆସିଥାଏ । ଅନେକ ଅର୍ଥନୀତିଜ୍ଞ ସଙ୍କଟ ଆରମ୍ଭରୁ ଏହି ଉପାୟରେ ଚାହିଦା ସୃଷ୍ଟି କରିବାକୁ ସରକାରଙ୍କୁ ପରାମର୍ଶ ଦେଉଛନ୍ତି । ଯଦି ବଜାରରେ ଚାହିଦା ଦ୍ରୁତ ଗତିରେ ବଢିଯାଏ, ସେ କ୍ଷେତ୍ରରେ କେବଳ ବ୍ୟବସାୟ ଅଧିକ ପରିମାଣରେ ବଢିପାରିବ । କିନ୍ତୁ ଚାହିଦା ବଢାଇବାକୁ ବିଭିନ୍ନ ଦାବିକୁ ସରକାର ଏପର୍ଯ୍ୟନ୍ତ ଧ୍ୟାନ ଦେଇନାହାଁନ୍ତି । ତେବେ ସୂଚନାଯୋଗ୍ୟ ଯେ ସରକାର ଚଳିତ ବର୍ଷର ବଜେଟରେ ଟିକସ ଛାଡକୁ ବିଚାର କରିପାରନ୍ତି ବୋଲି ଦୃଢ କଳ୍ପନା ଜଳ୍ପନା ରହିଛି ।

ଆମ ଦେଶରେ, 'ସୁପର ଧନୀ' ଲୋକଙ୍କ ଆୟ ଉପରେ ଟିକସ ପ୍ରାୟ ୪୩ ପ୍ରତିଶତ । ସେହି ଆୟ ଉପରେ ରିହାତି ପାଇଁ କେହି ମାଗୁନାହାଁନ୍ତି । 'ସୁପର ଧନୀ'ର ଆୟକର ବ୍ୟତୀତ ସାମଗ୍ରିକ ଅର୍ଥନୀତି ପାଇଁ କୌଣସି ଲାଭ ନାହିଁ । କାରଣ, ଧନୀ ଲୋକମାନେ ବଳକା ଟଙ୍କା ପାଇବା ପରେ ସଞ୍ଚୟ କରିବେ । 'ସୁପର ଧନୀ' ମାନଙ୍କୁ ରିହାତି ଦେବା ପରିବର୍ତ୍ତେ ସରକାର ମଧ୍ୟବିତ୍ତ ଆୟକର ତାଞ୍ଚାରେ କିଛି ରିହାତି ପାଇଁ ପ୍ରସ୍ତାବ ଦେଉଛନ୍ତି । ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କିଛି ଲୋକ କହୁଛନ୍ତି ଯେ ଆୟକର ତଳେ ଥିବା ସ୍ଲାବର ଉପର ସୀମା ବୃଦ୍ଧି କରାଯାଇପାରେ । କିଛି ବ୍ୟକ୍ତି କହିଛନ୍ତି ଯେ ଷ୍ଟାଣ୍ଡାର୍ଡ ରିହାତି ୫୦,୦୦୦ରୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ । ଆଉ କିଛି ବ୍ୟକ୍ତି କହୁଛନ୍ତି ଯେ ଏହି ରିହାତିର ଉପର ସୀମା ଯାହା ବର୍ତ୍ତମାନ ୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଅନ୍ୟ ଅର୍ଥରେ, ଜୀବନ ବୀମା, ପିଏଫ୍, ପିପିଏଫ୍ ଇତ୍ୟାଦି କ୍ଷେତ୍ରରେ ସଞ୍ଚୟ କରି ଅନ୍ୟ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ବାହାରେ ରଖାଯାଇପାରିବ । କର୍ମଚାରୀଙ୍କ କ୍ଷେତ୍ରରେ ଟିକସ ଜାଲରୁ ପ୍ରୋଭିଡେଣ୍ଟ ପାଣ୍ଠିରେ ବାର୍ଷିକ ୫ ଲକ୍ଷ ଟଙ୍କା ସଞ୍ଚୟ ହୋଇପାରେ ବୋଲି କଳ୍ପନାଜଳ୍ପନା ମଧ୍ୟ ରହିଛି । ବିଭିନ୍ନ ମହଲରୁ ଦାବି ଉଠିଛି ଯେ ଘର ଋଣ ସୁଧ ଉପରେ ଟିକସ ଛାଡ ବିଭାଗ ୮୦ ସି (୮୦ଡ) ରୁ ବାହାର କରାଯିବା ଉଚିତ୍ । ଅନେକ ଲୋକ ଏହାର ଲାଭ ଉଠାନ୍ତି ନାହିଁ ଯେ ଘର ଋଣ ଉପରେ ସୁଧ ୮୦ସି (୮୦ଡ) ବିଭାଗରେ ଅଛି । ଘର ଋଣ ସୁଧ ପାଇଁ ବାର୍ଷିକ ୨ ଲକ୍ଷ ଟଙ୍କା ମୂଲ୍ୟର ମଧ୍ୟ ସୀମା ଅଛି । ଉପର ସୀମା ବୃଦ୍ଧି କରିବାକୁ ଏକ ଦାବି ମଧ୍ୟ ଅଛି ।


ସାଧାରଣତ ଗୃହ ଋଣର ପରିମାଣ ବର୍ତ୍ତମାନ ଅଧିକ ହୋଇଥିବାରୁ ଅଧିକ ଲୋକଙ୍କୁ ଟିକସ ଛାଡ଼ର ଲାଭ ଦେବା ପାଇଁ ସୁଧର ଉପର ସୀମା ବୃଦ୍ଧି କରିବା ଆବଶ୍ୟକ ରହିଛି । ସୁଧ ହାର ହ୍ରାସ ହେତୁ ଅନେକ ଲୋକ ଟର୍ମ ଜମା ବିନିଯୋଗ କରିବା ପରିବର୍ତ୍ତେ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତି । ଏହି ପରିସ୍ଥିତିରେ ଦୁଇଟି ଟିକସ ଭାର ଅଛି । ଗୋଟିଏ ହେଉଛି 'ସୁରକ୍ଷା କାରବାର କର' ଏବଂ ଅନ୍ୟଟି ହେଉଛି 'ଲଙ୍ଗ୍ ଟର୍ମ କ୍ୟାପିଟାଲ୍ ଲାଭ ଟ୍ୟାକ୍ସ' । ଯେ କୌଣସି ଟିକସ ହଟାଇବାକୁ ଦାବି ଅଛି । ଆୟକର କ୍ଷେତ୍ରରେ ଏହି ଦାବି ଏବଂ କଳ୍ପନା ଜଳ୍ପନା କେତେ ବାସ୍ତବବାଦୀ ହେବ ତାହା କେବେ କହି ହେବ ନାହିଁ । ଏହି ଦାବିରେ ଆରମ୍ଭ ହେବା ପୂର୍ବରୁ ନରେନ୍ଦ୍ର ମୋଦୀଙ୍କ ସରକାର ହଠାତ୍ କର୍ପୋରେଟ୍ ଦ୍ୱାରା ଅନେକ ରିହାତି ଦେଇଥିଲେ । 'ସୁପର ଧନୀ'ଙ୍କ ଆୟ ଉପରେ ୪୩ ପ୍ରତିଶତ ଟିକସ ବୋଝ ଥିବାବେଳେ ମୋଦୀ ସରକାର କର୍ପୋରେଟ ଟ୍ୟାକ୍ସକୁ ୨୨ ପ୍ରତିଶତକୁ ହ୍ରାସ କରିଛନ୍ତି । କର୍ପୋରେଟ୍ ଟ୍ୟାକ୍ସ ବ୍ରେକ୍ ଗତ ଦୁଇ ବର୍ଷ ମଧ୍ୟରେ ବ୍ୟବସାୟକୁ ବୃଦ୍ଧି କରିଛି । କିନ୍ତୁ ଏହି ରିହାତି ସରକାରଙ୍କ ଉପରକୁ କଷ୍ଟ ଦେଇଛି । ସିଧାସଳଖ ଟିକସ ସଂଗ୍ରହ ବହୁତ ହ୍ରାସ ପାଇଛି । ସେହି ଅଭାବକୁ ପୂରଣ କରିବା ପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ବୃଦ୍ଧି କରିଛନ୍ତି, ଯାହା ସାଧାରଣ ଲୋକଙ୍କ ଉପରେ ପଡିଛି । ଫଳସ୍ୱରୂପ, ଅର୍ଥନୀତିଜ୍ଞଙ୍କ ପରାମର୍ଶ ଅନୁଯାୟୀ ମଧ୍ୟବିତ୍ତ ଆୟ ଆୟକୁ ସରକାର କୌଣସି ଲାଭ ଦେବେ କି ନାହିଁ, ଏଭଳି ସନ୍ଦେହକୁ ମଧ୍ୟ ଦୂର କରାଯାଇପାରିବ ନାହିଁ । ଗତ କିଛି ମାସ ମଧ୍ୟରେ ସରକାରଙ୍କ ପରୋକ୍ଷ ଟିକସ ସଂଗ୍ରହ ଏବଂ ଜିଏସ୍ଟି ସଂଗ୍ରହରେ ଯଥେଷ୍ଟ ବୃଦ୍ଧି ଘଟିଛି । ସରକାର ବର୍ତ୍ତମାନ ପ୍ରତି ମାସରେ ହାରାହାରି ୧.୧୬ ଲକ୍ଷ କୋଟି ଜିଏସ୍ଟି ସଂଗ୍ରହ କରୁଛନ୍ତି । ଦୁଇ ବର୍ଷ ପୂର୍ବେ ମଧ୍ୟ ହାରାହାରି ମାସିକ ଜିଏସ୍ଟି ସଂଗ୍ରହ ମାତ୍ର ୯୬,୦୦୦ କୋଟି ଟଙ୍କା ଥିଲା । ଜିଏସ୍ଟିରୁ ସରକାରଙ୍କ ଆୟ ଟିକେ ବୃଦ୍ଧି ପାଇଥିବାରୁ ଅନେକ ଲୋକ ଭାବନ୍ତି ଯେ ଏଥର ଅର୍ଥନୀତି ଆୟକରରୁ ମୁକ୍ତ ହୋଇପାରେ ।

ଏହାକୁ ମଜବୁତ କରିବା ପାଇଁ ସରକାର ଏକ ପଦକ୍ଷେପ ନେଇପାରନ୍ତି । ଭିତ୍ତିଭୂମିରେ ପୁଞ୍ଜି ବିନିଯୋଗ ଏବଂ ସରକାରୀ ଖର୍ଚ୍ଚ ବଢାଇ ଅର୍ଥନୀତିକୁ ବୃଦ୍ଧି କରିବାକୁ ଆହ୍ୱାନ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ପ୍ରସ୍ତାବ କେତେ ପ୍ରଭାବଶାଳୀ ହେବ ସେନେଇ ପର୍ଯ୍ୟାପ୍ତ ପ୍ରଶ୍ନ ରହିଛି । ସାମାଜିକ କ୍ଷେତ୍ରରେ ବିଭିନ୍ନ ଅନୁଦାନ ବୃଦ୍ଧି କରି ସରକାରଙ୍କ ଖର୍ଚ୍ଚ ବଢାଇବାକୁ ସରକାରଙ୍କର ଶକ୍ତି ନାହିଁ । ଏବେ ଏହି ସରକାର ସେହି ବିପଦକୁ ନେବାକୁ ଚାହୁଁ ନାହାଁନ୍ତି । ଅବଶ୍ୟ ଏହି ସାମାଜିକ ଭିତ୍ତିଭୂମିରେ ଅର୍ଥ ବିନିଯୋଗ କରିବାକୁ ଆସିବାବେଳେ ସର୍ବଦା ଏକ ସମୟ ରହିଥାଏ । ଯେତେବେଳେ ସରକାର ଏକ ରାସ୍ତା କିମ୍ବା ସେତୁ ଘୋଷଣା କରନ୍ତି, ସେଥିପାଇଁ ଜମି ସଂଗ୍ରହ କରିବାକୁ ଦୀର୍ଘ ସମୟ ଲାଗେ । ଜମି ପାଇବା ପରେ ସରକାର ଟେଣ୍ଡର ଜାରି କରନ୍ତି । ପରେ କଣ୍ଟ୍ରାକ୍ଟର ମନୋନୀତ ହୁଅନ୍ତି ଓ କଣ୍ଟ୍ରାକ୍ଟର କମ୍ପାନୀ (ନାଁରେ) ନିକଟରେ ଟଙ୍କା ଜମା କରିବାକୁ ହୋଇଥାଏ - ଏସବୁ ଭିତରେ ବହୁତ ସମୟ ଲାଗିଥାଏ । ଫଳସ୍ୱରୂପ, ଯଦି କେହି ଆଜି କୁହନ୍ତି, ତାହା ଯେ ସାଙ୍ଗେ ସାଙ୍ଗେ ଆସନ୍ତାକାଲି ହୋଇଯିବ ଏହା କଦାପି ଭାବିନେବା ଠିକ୍ ନୁହେଁ । କିନ୍ତୁ ଅର୍ଥନୀତିର ବର୍ତ୍ତମାନ ସ୍ଥିତିରେ ଶୀଘ୍ର ଫଳାଫଳ ପାଇବା ଜରୁରୀ ଅଟେ । ଯଦି ନିର୍ମଳା ସୀତାରମଣ ଆୟକର ସ୍ଲାବର ସର୍ବୋଚ୍ଚ ସୀମା ବୃଦ୍ଧି କରନ୍ତି କିମ୍ବା ଫେବୃଆରୀ ୧ (ପହିଲା)ରେ ତାଙ୍କ ବଜେଟ୍ ଭାଷଣରେ ମାନକ ରିହାତିର ପରିମାଣ ବୃଦ୍ଧି କରନ୍ତି, ତେବେ ସେହି ଦିନ ବଜାରର ଚାହିଦା ବଢିବାରେ ଆଶା କରାଯାଇପାରେ । ତେଣୁ କେନ୍ଦ୍ର ଅର୍ଥମନ୍ତ୍ରୀ ପାଞ୍ଚଟି ରାଜ୍ୟ ନିର୍ବାଚନ ଭୋଟକୁ ଧ୍ୟାନରେ ରଖି ବଜେଟରେ କିଛି ଭିତ୍ତିଭୂମି ପ୍ରକଳ୍ପକୁ ମନେ ରଖିବା ଆବଶ୍ୟକ । ଏହି ପ୍ରକଳ୍ପଗୁଡିକ ହେଉ କିମ୍ବା ନ ହେଉ, ବିଜେପି ନେତାମାନେ ସେମାନଙ୍କୁ ନିର୍ବାଚନ ପ୍ରଚାରରେ କହିବେ । ଏହାର ନିଶ୍ଚିତ ରାଜନୈତିକ ମୂଲ୍ୟ ରହିଛି ।

ଅନେକ ବୁଝନ୍ତି ଯେ ଯେତେବେଳେ ବଜେଟରେ ପ୍ରକଳ୍ପ ଘୋଷଣା ହେବ, ସେତେବେଳେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଯଦି ସେ ଏହାକୁ ଲୋକଙ୍କୁ ବୁଝାଇ ପାରିବେ, ତା'ହେଲେ ତାଙ୍କର ଲାଭ ଭୋଟ୍ ସହିତ ମେଳ ହେବ । ସୀତାରମଣଙ୍କୁ ଭୋଟ୍ ଦେବାର ଲାଭ ମଧ୍ୟ ମନେ ରଖିବାକୁ ପଡିବ । ମଧ୍ୟବିତ୍ତ ଶ୍ରେଣୀର ଟିକସ ବ୍ରେକ୍ ମଧ୍ୟ ଭୋଟ୍ ଉପରେ ଡିଭିଡେଣ୍ଡ୍ ପ୍ରଦାନ କରେ । ଫଳସ୍ୱରୂପ, ଆଶା କରାଯାଉଛି ଯେ ଚଳିତ ବର୍ଷର ବଜେଟରେ ଆୟକର କ୍ଷେତ୍ରରେ କିଛି ରିହାତିର ସମ୍ଭାବନା ବହୁତ ଉଜ୍ଜ୍ୱଳ ଅଟେ । ତେବେ ପାକିସ୍ତାନର ସାମଗ୍ରିକ ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ ଭୋଟର ସ୍ୱାର୍ଥ ଅପେକ୍ଷା ବଜେଟରେ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ । ବଜେଟର ଏକମାତ୍ର ଲକ୍ଷ୍ୟ ନିଶ୍ଚିତ ହେବା ଉଚିତ ଯେ ନିମ୍ନ ଏବଂ ମଧ୍ୟବିତ୍ତ ଲୋକଙ୍କ ହାତରେ ଟଙ୍କା ଯୋଗାଣ ଯେଭଳି ବୃଦ୍ଧି ହୋଇପାରିବ । ତେଣୁ ଆଗାମୀ ବଜେଟ କେଉଁ ରୂପରେ ଆସୁଛି ତାକୁ ଅପେକ୍ଷା କରିବାକୁ ପଡ଼ିବ..!!!

♥ ଅଧ୍ୟକ୍ଷ,
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
(ମୋ)୯୦୪୦ ୧୫୧୪ ୭୫

## ରାଜନୈତିକ ଦଳମାନଙ୍କଠାରେ ଏତେ ଟଙ୍କା ଆସିଲା କେଉଁଠୁ ?



**ସୁବ୍ରତ କର**

ଏ.ଡି ଆର ରିପୋର୍ଟ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷରେ ବି.ଜେ.ପି ହେଉଛି ଆଗୁଆ ଦଳ ଯାହ ପାଖରେ ଏବେ ୪୮୪୭.୭୮ କୋଟି ଟଙ୍କା ପାଣ୍ଠିରେ ଜମା ଅଛି । ଏବେ ପଛରେ କଂଗ୍ରେସକୁ ପଛାଇ ପକାଇ ମାୟାବତୀଙ୍କ ଦଳ ପାଖରେ ୬୯୮ କୋଟି ଟଙ୍କା ଏବଂ ଆମ ରାଜ୍ୟରେ ବି.ଜେ.ଡି ଦଳ ପାଖରେ ୧୨୯ କୋଟି ଟଙ୍କା । ଏଥିରେ ସାମିଲ ଅଛନ୍ତି ୭ଟି ଜାତୀୟ ଦଳ ଏବଂ ୪୪ଟି ଆଞ୍ଚଳିକ ଦଳ । ସର୍ବମୋଟ ଟଙ୍କାର ୭୦ଭାଗ ବିଜେପି ପାଖରେ । ଏବେ ଜନସାଧାରଣଙ୍କ ପ୍ରଶ୍ନ ହେଉଛି ଏତେ ଟଙ୍କା ଦେଲା କିଏ? ଏତେ ଟଙ୍କା ଆସିଲା କେଉଁଠୁ? ଦେଶର ରାଜନୈତିକ ବାତାବରଣ ନିର୍ଭର କରୁଛି ଏହି ଦଳୀୟ ପାଣ୍ଠି ଉପରେ । ଯାହାର ଯେତେ ବେଶି ଟଙ୍କା ସେ ନିଶ୍ଚୟ ଭୋଟ ରାଜନୀତିରେ ଚମତ୍କାରିତା ଆଣିବ । ପ୍ରଥମ କଥା ହେଲା ଦଳଗତ ଟଙ୍କାର ହିସାବ ଠିକ ନା ଭୁଲ । ଦ୍ୱିତୀୟ ହେଲା ଏତେ ଟଙ୍କା ଦଳକୁ ଦେଲା କିଏ? ମୋଟା ଟଙ୍କା ଦେଇଥିବା ଲୋକ ବା କମ୍ପାନିମାନଙ୍କ ନାମ ପ୍ରକାଶ ହେବା ଉଚିତ ଏବଂ ସେମାନେ ଦଳକୁ ଏହି ଟଙ୍କା କାହିଁକି ଦେଲେ ଏବଂ କେତେ ପରିମାଣରେ ଦେଲେ ? ଏହି ଟଙ୍କା କଳା ନା ଧଳା? ହଁ, ଏଇଟା ଠିକ, କିଛି ଟଙ୍କା ଦଳକୁ ସଭ୍ୟ ଚାନ୍ଦା ହିସାବରେ ବା ନୂଆ ସଭ୍ୟ ହେବା ପାଇଁ ଦେଇଥାଆନ୍ତି, କିନ୍ତୁ ସେଟଙ୍କା ଏହି ପରିମାଣରେ ହେବା କଥା ନୁହଁ, ଯେଉଁମାନେ ମୋଟା ଟଙ୍କାର ଅର୍ଥ ଦଳକୁ ଦେଲେ ସେମାନଙ୍କୁ ଦଳ ତରଫରୁ କି ପାଇବା ମିଳିବାର ଅଛି? ଖୁବ୍ କମ୍ ଲୋକ ଅଛନ୍ତି ଯେ କି ବିନା ସ୍ୱାର୍ଥରେ ଟଙ୍କା ଦାନ କରିବେ । ଯଦି ସ୍ୱାର୍ଥ କଥା ଉଠିଲା, ଦଳ ସେମାନଙ୍କ ସ୍ୱାର୍ଥକୁ ପୁରଣ କରିବାକୁ ଯାଇ ଦେଶକୁ ବା ସାଧାରଣ ଜନତାଙ୍କୁ ଅସୁବିଧାରେ ପକେଇବେ ନାହିଁ ତ? ବହୁବାର ଏହି ଦଳ ପାଣ୍ଠି ଉପରେ ଲୋକସଭାରେ ଆଲୋଚନା ହୋଇଛି କିନ୍ତୁ ନିର୍ଯ୍ୟାସ ଗୋଟାଏ ଯେ ଏହା ଉପରେ ଆଲୋଚନାର ବିଶେଷ ଦରକାର ନାହିଁ । ଏହି ଗୋଟାଏ ଜାଗାରେ ସମସ୍ତେ ଏକଜୋଟ । ଏହା ଉପରେ ଆଲୋଚନା ହେବାର ନାହିଁ । ଯେ ଯାହା କରୁଛ କର । ଏ ପଟେ ଯଦି ଜଣେ ସରକାରୀ କିରାଣୀ ସରକାରୀ ସ୍ତରରେ କୌଣସି କାର୍ଯ୍ୟ ପାଇଁ ଟଙ୍କା ନେଲା ଏବଂ ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଲା ତେବେ ସେହି କିରାଣୀଟିକୁ ସାଥେ ସାଥେ ଜେଲ ହାଜତକୁ ଯିବାକୁ ପଡୁଛି । ସେହି ଟଙ୍କା ୧୦୦ ହୋଇପାରେ ବା ଲକ୍ଷେ । ଏତେ ଯଦି ସରକାର ମାନେ ବା ସସରକାରୀ କଳ ସଚ୍ଚୋଟ ତେବେ ଦଳ ପାଣ୍ଠି କଥାକୁ ଆସିଲେ ସେ ସଚ୍ଚୋଟତା କେଉଁଠି ଯାଉଛି? ସବୁ ସରକାରର ମୁଣ୍ଡିଆ ମାନେ ନିଜର ଛବିକୁ ବଞ୍ଚାଇବା ପାଇଁ ଭ୍ରଷ୍ଟାଚାରରୁ ଦୂରରେ ରହିବା ପାଇଁ ଚେଷ୍ଟା କରନ୍ତି ଏବଂ ଦେଖେଇ ହୁଅନ୍ତି "ଆମ ଭଳି ସଚ୍ଚୋଟ ନେତା ଦେଶରେ ବା ରାଜ୍ୟରେ ନାହାନ୍ତି । କିନ୍ତୁ ଦଳ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଜନସାଧାରଣଙ୍କ ପାଖରେ ଠିକ ଭାବରେ ହିସାବ ନ ଦେବା ଏ କି ଗଣତନ୍ତ୍ର? ଦୟାକରି ଦଳର ପୃଷ୍ଠପୋଷକ ମାନେ ପାଣ୍ଠିକୁ ସର୍ବ ସାଧାରଣ କରନ୍ତୁ ଏବଂ ଭ୍ରଷ୍ଟାଚାରକୁ ରୋକନ୍ତୁ ।




### ଆଦିଅନ୍ତ ନ ଥିବା ଶୂନ୍ୟରେ ଯାତ୍ରା

**ପ୍ରଶ୍ନ କୁମାର ଶତପଥୀ**



ବଉଦଙ୍କ ମେଳାରୁ ସକାଳବେଳା
ପୂର୍ବରୁ ଆସ ସରଳତା ମନ ଧରି,
ପୁଣି ତରତର ରକ୍ତ ଜଡୁବଡୁରେ,
ଗତି ତୁମର ତରତର ହୁଏ
ଆଦିଅନ୍ତ ନଥିବା ଶୂନ୍ୟରେ,
ଅପରାହ୍ନ ଆକାଶକୁ
ଆରକ୍ତିମାରେ ସଜାଇଦିଅ,
ନିଜକୁ ଲାଲ କରି
ପୁଣି ଯିବାକୁ ତରତର ହୁଅ,
ମୁଁ ଜାଣିଛି ସତ ତୁମେ ସ୍ଥିର,
ମୋ ଆଖିରେ ଗତି ଯେ ତୁମର,
ପୃଥିବୀ ବୁଲୁଛି ଚିରନ୍ତନ ସତ
କିନ୍ତୁ ମୋ ଆଖିରେ
ଭୂମି ଦୁନିଆ ରହିଛି ସ୍ଥିର,
ଆଖିରେ ମାୟାଭରା ଯାଦୁ ଭରିଛ
ତୁମେ ଜଗତ ଠାକୁର
ସନ୍ଧ୍ୟା ନ ହେଉଣୁ
ପଶ୍ଚିମେ ବୁଡ଼ିଯିବାକୁ
ବରାବର ହେଉଥାଅ ତରତର ।

♥ ଦୁମାଡ଼ିହି, ଜାମଦା,
ମୟୂରଭଞ୍ଜ,
(ମୋ)୯୧୭୮୧୭୩୬୭୫

### ଶୀତ ବାଣୀ

**କୁନା ସେଠୀ**



ହେମନ୍ତ ର ଅନ୍ତେ ଆସଇ ଯେ ଶୀତ
ଧରି ନିଜ କଳେବର
କାର୍ତ୍ତିକ ରୁ ନିଜ ଶୈଶବ ଗଢ଼ଇ
ସାଜି ନିଜେ ବୀରବର ।।

ପଉଷ ମାଘ ରେ ଯଉବନ ରୂପେ
ଦେଖାଏ ନିଜର ଠାଣି
ନିଷ୍ଠୁର ଭାବରେ ପ୍ରକାଶ କରଇ
ନିଜର ଶୀତୁଆ ବାଣୀ ।।

ଶୀତୁଆ ପୋଷାକ ସଜାଡି ଦିଅରେ
କହିଦିଏ କାନେ କାନେ
ନିଆଁ ଚାରିପାଖେ ଠିଆ ହୁଅ ଦଣ୍ଡେ
ଶୀତ କଥା ରଖି ମନେ ।।

ଖରା ବରଷା ତ ପ୍ରକୃତିର ଦାନ
ଏଇତ ନିଅତି ରୀତି
ପିଲାଠୁ ଯୁବକ ତାହାପରେ ବୁଢ଼ା
ସବୁ ଏଇ ତାର କତି ।।

ଦେହ ଥର ଥର ମନ ଥର ଥର
ଶୀତୁଆ ଶୀତୁଆ ପାଗ
ସହି ହୁଏ ନାହିଁ କହି ହୁଏ ନାହିଁ
ରହି ହୁଏ ନାହିଁ ବାଗ ।।

ପତର ଝଡାଇ ବୟସ ଚୋରାଇ
ଥିରି ଥିରି ପାଦ ଥାପି
ଆସଇ ଶୀତ ଟା ପୃଥିବୀ କୋଳକୁ
କି କଥା ମନରେ ମାପି ।।

ଦୁନିଆକୁ ସିଏ କୁହଇ ବଖାଣି
ନିଜ ମରମ ର କଥା
ଆସିବି ଆସିବି ଆସୁଥିବି ମୁହିଁ
ନ ପୋତି ନିଜର ମଥା ।।

ଆସିବା ମୋହର ଆସିବି ନିଶ୍ଚୟ
ଏ କଥା ରଖିଥ ମନେ
ଆସିବା ପରେ ଯେ ଦିନେ ଚାଲିଯିବି
ଏ କଥା ଜାଣନ୍ତି ଜନେ ।।

ଆସିବା ଯିବାର ସମୟ ଭିତରେ
କରିବି ମୋହର କାମ
ମୋହରି କାମ ଯେ କାହା ପାଇଁ ଭଲ
କାହା ପାଇଁ ଭେଲ ସମ ।।

ସମସ୍ତଙ୍କୁ ଖୁସି କରି ହୁଏ ନାହିଁ
ଆଶା ସଭିଙ୍କର ଭିନ୍ନ
ନିଜର କର୍ତ୍ତବ୍ୟ କରିଲେ ଯେ ନିଜେ
ମିଳିବ ପେଟକୁ ଅନ୍ନ ।।

♥ ଭୂତସରସିଙ୍ଗି,ଗଞ୍ଜାମ

### ରୂପବନ୍ତି ରାଜକୁମାରୀ

**ସୁବ୍ରତ କୁମାର ଜେନା**



ରୂପ ରାଇଜର ରାଜକୁମାରୀ ଗୋ
ଲାଜବତୀ ରାଜଜେମା
ତୁମ ପ୍ରତୀକ୍ଷାରେ ଏ ରାତି ପାହିଯାଏ
ପଡେନି ପଲକ ଜମା ।

ତନ୍ଦ୍ରାଭିଜା ରାତି ଦେହେମୋର ତାତି
ଅଳସୀ ଲାଗୁଛି ଜହ୍ନ
ଝରା ଶେଫାଳିର ସେ ବୃନ୍ତଚ୍ୟୁତ ଦେହ
କ୍ଷତାକ୍ତ କରୁଛି ମନ ।

ଅଙ୍ଗରାଜି ଆଜି ବେଦନା ପୀଡ଼ାରେ
ତୁମେ କାହିଁ କେତେ ଦୂରେ
ସ୍ୱପ୍ନର ମହଲେ ସ୍ୱପ୍ନକି ସାଜିଲ
ଆଉକା ପ୍ରୀତି ନିଶାରେ ।

କଥାଦେଇଥିଲ କେବେ ମଥା ଛୁଇଁ
ସହଜେ ଗଲକି ଭୁଲି
ପଛକଥା ସବୁ ପାସୋରିଲ ତୁମେ
ଆଉକା ବାହୁରେ ଝୁଲି ।

ନୀଳ କଇଁ ଆଜି ଗାଏନାହିଁ ଗୀତ
ଭ୍ରମରର ନାହିଁ ଦେଖା
କୋଇଲିଟା ଲୁଚେ ଦୂର ତାଳବଣେ
ଦେଖାଇ ପାରେନି ମୁଖା ।

ରୂପ ରାଇଜର ରାଜକୁମାରୀ ବୋଲି
ମନେ ଭର କାହିଁ ଗର୍ବ
ଏଧରା ଭୁଇଁରେ ଗର୍ବ ଭଲ ନୁହଁ
ହୋଇଯିବ ଦିନେ ଖର୍ବ ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ)୮୨୪୯୨୨୦୮୩୦ ।।

### ଜୀବନର ସତ୍ୟ

**ରତ୍ନକାନ୍ତି ମିଶ୍ର**



ଅଘଟଣ ଯଦି ଘଟିଲା ଜୀବନେ
ପଛ କଥା ଭାବି ଭୁଲିଯାଅ
ବ୍ୟଗ୍ରତାରେ ଯେବେ ମନ ବିଚଳିତ
ଆଗାମୀର ଚିନ୍ତା ଛାଡିଦିଅ ।।

ଶାନ୍ତି ଯେବେ ଚାହଁ ଅନ୍ତର ପ୍ରଦେଶେ
ବର୍ତ୍ତମାନ ଠାରେ ରୁହ ତୃପ୍ତ
ଭୂତ ବା ଭବିଷ୍ୟ ନଷ୍ଟ କରେ ଖୁସି
ସଂସାରଟି ଲାଗେ ବିପର୍ଯ୍ୟସ୍ତ ।।

ସମୟ ସ୍ରୋତରେ ହଜିଯିବ ସବୁ
ସୁକର୍ମ ରହିବ କୀର୍ତ୍ତି ହୋଇ
କର୍ମେ ରୁହ ଲିପ୍ତ ଭାବରେ ନିର୍ଲିପ୍ତ
ଦୁଃଖ ବା ଯନ୍ତ୍ରଣା ଯିବ ଧୋଇ ।।

ସ୍ନେହ ସଦିଚ୍ଛାରେ ବନ୍ଧା ଏ ଜୀବନ
ବଞ୍ଚିବାଟା ନୁହେଁ ଅର୍ଥହୀନ
ପ୍ରତି ମୁହୂର୍ତ୍ତରୁ ଖୁସି ସାଉଁଟିଲେ
ପ୍ରୀତିମୟ ହେବ ଏ ଜୀବନ ।।

ଆଜିର ସମୟ କାଲିକୁ ନଥିବ
ଦୁନିଆର ପରା ସତ୍ୟ ଏହି
ଦୁଃଖ ଅବା ସୁଖ ସବୁତ ନିଜର
କେବେ ଖରା ଅବା କେବେ ଛାଇ ।।


♥ ଆଳି,କେନ୍ଦ୍ରାପଡା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୩୧ ଜାନୁଆରୀ, ସୋମବାର, ୨୦୨୨

# ବିଦଗ୍ଧା ବସୁଧା



ରତନ କୁମାର ଶିଉଳି



ମାଘ ମାସରେ ଯେମିତି ହେଉ ଅସରାଏ ବର୍ଷା ହେବ। ଏହା ପ୍ରକୃତିର ଚିରାଚରିତ ନିୟମ। ଏମିତିରେ ଏ ବର୍ଷା ଗଲା ବର୍ଷ ଅପେକ୍ଷା ଅଧିକ ବର୍ଷା ହୋଇଛି। ଶୀତ ବି ପଡ଼ିଛି। ଆଜିର ବର୍ଷା ପରେ ହୁଏତ ଥଣ୍ଡା ଆହୁରି ବଢ଼ିବ। ବର୍ଷା ଠୋପା ଠୋପା ପଡୁଛି। ବେକର ମଫଲରର ଗୋଟିଏ ପାଖ ମୁଣ୍ଡରେ ଭିଡ଼ି ଗଳି ରାସ୍ତାରେ ଆଗଉଥିଲା ଅରଣ୍ୟ। ପ୍ରବଳ ଥଣ୍ଡା ଯୋଗୁଁ ରାସ୍ତା ପ୍ରାୟ ଜନଶୂନ୍ୟ। କିଛି କ୍ଷଣର ଆଶ୍ରୟ ଆଶାରେ ଏଣେତେଣେ ଚାହିଁଲା। ସମାନ୍ୟ ଦୂରରେ କାହାଘରର ଝର୍କା ଦେଇ ଆଲୁଅ ଆସି ରାସ୍ତାରେ ପଡ଼ିଛି। ଦ୍ରୁତ ପାଦ ନେଇ ସେ ଆଡ଼କୁ ଆଗେଇଲା। ଦ୍ୱାର ସାମ୍ନାର ବାରଣ୍ଡା ଉପରକୁ ଉଠିବା ପୂର୍ବରୁ ଅଧାଖୋଲା ଦର୍ଜାଦେଇ ଆଖିରେ ପଡିଲା ସାଧାରଣ ଶାଢ଼ି ପରିହିତା ଯୁବତୀ ଜଣେ ଘର ଭିତରେ ପଡ଼ିଥିବା ଖଟ ପାଖରେ ପ୍ଲାଷ୍ଟିକ ଚେୟାର ଖଣ୍ଡକରେ ବସିଛି। ଖଟ ଉପରେ କେହି ଜଣେ ଚାଦର ଘୋଡ଼େଇ ଶୋଇଛନ୍ତି। ଯୁବତୀର ତ୍ରସ୍ତ ଦୃଷ୍ଟି ବାହାର ରାସ୍ତା ଉପରେ ନିବଦ୍ଧ। ଶିଷ୍ଟାଚାର ବିରୁଦ୍ଧ ଜାଣିକି ବି ଅରଣ୍ୟ ଦର୍ଜା ସାମ୍ନାରୁ ବାରଣ୍ଡା ଉପରକୁ ଚଢ଼ିଗଲା। ଯୁବତୀ ବୋଧହୁଏ ତାକୁ ଦେଖି ପାରିଥିଲା। ପରକ୍ଷଣରେ ଝର୍କା ପାଖକୁ ଉଠି ଆସି ତାକୁ ଉଦ୍ଦେଶ୍ୟ କରି ଚିନ୍ତିତ ସ୍ୱର ନେଇ କହିବାକୁ ଲାଗିଲା, ବର୍ଷା ବଢ଼ିଲାଣି। ବାପା ଛତା ନଧରି ମା' ପାଇଁ ଔଷଧ ଆଣିବାକୁ ବଜାରକୁ ଯାଇଛନ୍ତି। ଏ ଯାଏଁ ଫେରିଲେ ନାହିଁ। ମା'ର ଜ୍ୱର ବଢୁଛି।

କାହିଁକି କେଜାଣି ଝର୍କା ପାଖରୁ ନିଜକୁ ଦୂରେଇ ନେଇ ପାରିନଥିଲା ଅରଣ୍ୟ ସେଦିନ। ତାପରେ କେତୋଟି ଦିନ ସମବେଦନା ଜଣାଇବା ଆଳରେ, ତା ମା' ସୁସ୍ଥ ହୋଇ ଉଠିବା ପର୍ଯ୍ୟନ୍ତ ତାଙ୍କ ଘରକୁ ଯାଇଥିଲା। ଏହା ଭିତରେ ସେ ଅନୁଭବ କଲା ଯୁବତୀ ଜଣକ ତାକୁ କାହିଁକି ଭଲ ଲାଗୁଛି। ଭଲ ଲାଗୁଛି ତା ସରଳ ସ୍ୱଭାବ। ଶାନ୍ତ, ସ୍ନିଗ୍ଧ ନିଃସଂକୋଚ ଆଚରଣ। ଅଭାବ ଭିତରେ ଥାଇ ବି ସବୁ କଷ୍ଟ ମୁହଁ ବୁଜି ସହି ପାରିଲା ଭଳି ଧୈର୍ଯ୍ୟଶିଳା, ସର୍ବଂସହା ବସୁଧା ଯେମିତି। ହଁ, ତା ନାଁ ବସୁଧା ବୋଲି ସେ ଅରଣ୍ୟକୁ କହିଥିଲା। ନାମ ସହିତ ଆଚରଣର ବେଶ୍ ମେଳ। ଏଇ କେଇଟି ଦିନର ଯାତାୟତ ଭିତରେ ଅରଣ୍ୟ ତାଙ୍କ ପରିବାର ଭିତରେ ଜଣେ ସଦସ୍ୟ ଯେମିତି ହୋଇ ଯାଇଥିଲା।

(ଦୁଇ)

ବାପା ଜରୁରୀ ଖବର ପଠାଇଥିଲେ। ଶୀଘ୍ର ପହଂଚିବାକୁ ତାଗଦା ଦେଇଥିଲେ। ହେଲେ ସେଠାରେ ଯେ ତା'ପାଇଁ ଗୋଟିଏ ଜଟିଳ ପରିସ୍ଥିତି ଅପେକ୍ଷା କରିଥିବ ଏକଥା ଆଦୌ କଳ୍ପନା କରିନଥିଲା ସେ। କେଉଁ ସାଙ୍ଗ ଜଣଙ୍କ ଝିଅକୁ ତାଙ୍କ ପୁଅ ସାଙ୍ଗରେ ବାହା କରାଇବା କଥା ବାପା କେବେ ପ୍ରତିଶ୍ରୁତି ଦେଇ ରଖିଥିଲେ। ତାଙ୍କ ଝିଅ ବିବାହ ଯୋଗ୍ୟା ହୋଇ ସାରିଛି। ସୁତରାଂ ପ୍ରତିଶ୍ରୁତି ରକ୍ଷା କରି ବିବାହ କାର୍ଯ୍ୟ ଶୀଘ୍ର ସାରିନେବା ପାଇଁ କୋଇଲିର ବାପା ପ୍ରସ୍ତାବ ଧରି ପହଂଚିଛନ୍ତି। ଅରଣ୍ୟ ସ୍ତମ୍ଭୀଭୂତ ହୋଇ ଯାଇଥିଲା । ଏଇମାତ୍ର କିଛିଦିନ ହେଲା ଗୋଟିଏ ଅସ୍ଥାୟୀ ଚାକିରିରେ ନିଯୁକ୍ତି ହୋଇଛି। ବିବାହ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପହଂଚିବା ପୂର୍ବରୁ ନିଜ ସ୍ଥିତିକୁ ଆଗ ସୁଦୃଢ଼ କରିନେବାକୁ ସେ ଚାହିଁଛି। ଏ କଥା ବସୁଧାକୁ କହି ଆସିଛି ମଧ୍ୟ। ସେ ଅପେକ୍ଷା ପାଇଁ ସ୍ୱୀକୃତି ଦେଇଛି। ବାପା ମା' ସନ୍ତାନକୁ ଜନ୍ମ ଦେଇଛନ୍ତି। ତାକୁ ଶିକ୍ଷିତ କରାଇ ଉପାର୍ଜନକ୍ଷମ କରାଇଛନ୍ତି ବୋଲି ଯେ ସେମାନଙ୍କ ନିର୍ଦ୍ଦେଶାନୁଯାୟୀ ପୁଅ ସବୁଦିନେ ଚଳିବ, ଏ ଯୁକ୍ତି ଅବାନ୍ତର ନିଶ୍ଚୟ। ତଥାପି ପ୍ରତିବାଦ କରି ପାରିନଥିଲା ଅରଣ୍ୟ। ବାଧ୍ୟ ସନ୍ତାନଟି ଭଳି ଚୁପଚାପ୍ ବାପାଙ୍କ ସମ୍ମାନ ରକ୍ଷା ପାଇଁ ବେଦୀରେ ବସିପଡ଼ିଲା।

ସଂସାରୀ ଜୀବନରେ କୋଇଲି ତା'ପାଇଁ ଯେମିତି ଅଭିଶାପ ଥିଲା। କୋଇଲିର ବାପା ସେତେ ବଡ଼ଲୋକ ନୁହନ୍ତି। କିନ୍ତୁ ଏକମାତ୍ର ଝିଅ ବୋଲି ବେଶୀ ଗେହ୍ଲା- ଆଦର ଦେଇ ଝିଅ ମନରେ ଯେଉଁ ଆକାଂକ୍ଷା ଭରି ଦେଇଛନ୍ତି, ତାହା ପୂରଣ କରିବା ଅରଣ୍ୟ ପକ୍ଷରେ ହୁଏତ କୌଣସି ଦିନ ସମ୍ଭବ ହେବନାହିଁ। ଦିନକୁ ଦିନ ସଂସାରୀ ଜୀବନରେ ଅତିଷ୍ଠ ହୋଇ ପଡୁଥିଲା ଅରଣ୍ୟ। ଏଇ ବିଷଣ୍ଣ ମୁହୂର୍ତ୍ତରେ ହଠାତ୍ କାହିଁକି ଦିନେ ବସୁଧା କଥା ମନେ ପଡ଼ିଗଲା। ମନ ଚଂଚଳ ହୋଇ ଉଠିଥିଲା। ଅଜାଣତରେ ପାଦ ଦି'ଟା ଆଗେଇ ଯାଇଥିଲା ବସୁଧା ଘର ଆଡ଼କୁ।

ପଡ଼ୋଶୀଙ୍କ ମୁହଁରୁ ଶୁଣିଲା, ଏହି ବର୍ଷଟି ଭିତରେ ବସୁଧା ପରିବାର ଉପରେ ଦୁର୍ଯୋଗ ଯେମିତି ଅଜାଡ଼ି ପଡ଼ିଥିଲା। କେଉଁ ଅପରିଚିତ ଯୁବକକୁ ଭଲ ପାଇ ଅନ୍ତସତ୍ତ୍ୱା ହୋଇ ପଡ଼ିଥିଲା ବସୁଧା। ବାପା ଗର୍ଭପାତ କରାଇ ନେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ନିଜ ନିର୍ମଳ ପ୍ରେମର ସନ୍ତକକୁ ନଷ୍ଟ କରିବାକୁ ରାଜି ହୋଇନଥିଲା ବସୁଧା। ଏଇ କଳଙ୍କିତ ପରିବେଶରୁ ନିଜକୁ ଦୂରେଇ ରଖିବା ଲକ୍ଷ୍ୟରେ ଏ ଘର ବିକ୍ରି କରି କେଉଁ ନୂଆ ଆସ୍ଥାନକୁ ଉଠି ଯାଇଛନ୍ତି ସେମାନେ। ପଡ଼ୋଶୀ ତାଙ୍କ ନୂଆ ଠିକଣା ଦେବାକୁ ଅସମର୍ଥତା ପ୍ରକାଶ କଲେ। ସ୍ତମ୍ଭୀଭୂତ ଅରଣ୍ୟ। ଆତ୍ମଗ୍ଲାନିରେ ମନ ଜର୍ଜରିତ।

(ତିନି)

ପ୍ରାୟ ଦେଢ଼ବର୍ଷ ପରେ। ସେମିତି ଗୋଟିଏ ଶୀତୁଆ ଢ଼ଳନ୍ତି ସଂଜରେ ଗଳିରାସ୍ତା ଧରି ଆଗଉଥିଲା ଅରଣ୍ୟ। ଗଲା କେତୋଟି ମାସ ଭିତରେ ଏଇ ନିଷିଦ୍ଧ ଗଳିର ପ୍ରତ୍ୟେକ ଘରର ଦ୍ୱାର ତାର ପ୍ରାୟ ଚିହ୍ନା ହୋଇସାରିଛି। କୋଇଲି ବାପ ଘରକୁ ଯାଇଛି ଯେ ଫେରିବାର ନାମ ଧରୁନାହିଁ। ଘରେ ଅଶାନ୍ତି ବୋଲି ସେ ସେଠାରେ ଗୋଟିଏ ଚାକିରି ଧରି ଭଡ଼ାଘରେ ରହୁଛି।

ଅରଣ୍ୟକୁ ନେଇ ତା'ର ଅଶାନ୍ତି ତା'ହେଲେ। ଦୀର୍ଘ ନିଃଶ୍ୱାସ ଛାଡ଼ିଲା ଅରଣ୍ୟ। ଘୁଙ୍ଗୁରର ଛମ ଛମ ଶବ୍ଦରେ ଆଗୁଥିବା ପାଦ ଅଟକିଗଲା। ଘର ଦ୍ୱାରର ଝାଲରଦାର ପର୍ଦ୍ଦା। ସେପଟ ମୁହଁରେ ପତଳା ଓଢ଼ଣୀ ଟାଣି ମୁଜରା ମୁଦ୍ରାରେ କେହିଜଣେ ଉମରାଓଜନ ବସିଛି। ସମ୍ମୁଖରେ ଗୋଲ ତକିଆ ଉପରେ କହୁଣି ଭରା ଦେଇ ଅଧା ଶୋଇବା ଅବସ୍ଥାରେ ଜଣେ ଦାମୀ (ବୋଧହୁଏ) ଲୋକ। ତାଙ୍କ ସମ୍ମୁଖରେ ପାନ ପତ୍ର। ଭରା ପାନ ପତ୍ର ଆଡ଼କୁ ଚାହିଁ ହଠାତ୍ ଅରଣ୍ୟର କଣ୍ଠନଳୀ କେମିତି ଶୁଖିଲା ଶୁଖିଲା ଲାଗିଲା। ସତରେ ଭିତରେ ମୁଜରାର ଆସର। କିନ୍ତୁ ବସୁଧାର ଏ କି ରୂପ ?? ନିଜକୁ ସ୍ଥିର ରଖି ପାରିନଥିଲା ଅରଣ୍ୟ। ଲାଗ ଲାଗ କେତେ ଗ୍ଲାସ ମଦ ଯେ ଗଳାଧଃକରଣ କରିସାରିଥିଲା ସେ ଖିଆଲ ତାର ଆଦୌ ନଥିଲା।

ପରଦିନ ନିଜକୁ ଆଉ ଅଟକାଇ ପାରିନଥିଲା। କେଉଁ ଦୁର୍ବାର ଆକର୍ଷଣରେ ଟାଣିହୋଇ ବସୁଧା ଘରେ ଯାଇ ଉପସ୍ଥିତ ହେଲା। ତେବେ ତାହା ରାତ୍ରିର ଆସରରେ ନୁହେଁ, ପୂର୍ବାହ୍ନରେ। ଦ୍ୱାର ବନ୍ଦ ଥିଲା। ଠୁକା ଦେଲା ଉତ୍ତାରୁ ଦର୍ଜା ଖୋଲିଗଲା। ଦ୍ୱାର ସେ ପାଖରେ ସେ ଠିଆ ହୋଇଥିଲା। ଆଶ୍ଚର୍ଯ୍ୟ। କାଲି ରାତିର ଆଉ ଏଇ ସମୟର ଉମରାଓଜାନ ଯେମିତି ଭିନ୍ନ। ସ୍ୱାଧୀନ ବସୁଧାର ନିଜସ୍ୱ ଶାନ୍ତ-ସ୍ନିଗ୍ଧ ରୂପ। ଏଇମାତ୍ର ଠାକୁର ଘରୁ ପୂଜା ସାରି ସେ ଯେମିତି ଉଠିଆସିଛି। ପରିଧାନରେ ସାଧାରଣ ସୂତା ଶାଢ଼ି-ବ୍ଲାଉଜ। ନିତମ୍ବଚୁମ୍ବୀ ଖୋଲା ଲମ୍ବିତ କେଶ। କାଲି ରାତିରେ ଠିକ୍ ଏଇ ବସୁଧାକୁ ସେ ଦେଖିଥିଲା ତ ?

ଅରଣ୍ୟକୁ ଏଇ ସମୟରେ ଯେମିତି ଆଶା କରିନଥିଲା ବସୁଧା। ନିଜକୁ ପ୍ରକୃତିସ୍ଥ କରିବାକୁ ମୁହୂର୍ତ୍ତଟିଏ ସମୟ ନେଲା। ତାପରେ ବ୍ୟବସାୟୀ ଠାଣି ନେଇ ହସିହସି ଅରଣ୍ୟକୁ ଘର ଭିତରକୁ ପାଛୋଟି ନେଲା। ପ୍ରଦତ୍ତ ଆସନରେ ବସି ଘରର ଚତୁଃପାର୍ଶ୍ୱରେ ନିରୀକ୍ଷଣ କରୁଥିଲା ଅରଣ୍ୟ। ବେଶ୍ ନିରାଡ଼ମ୍ବର କୋଠରୀ ସଜ୍ଜା। ଏଇ ସମୟର ବସୁଧା ଘରେ ଏକୁଟିଆ ଥିଲା। ବସିବା ଘରର ଗୋଟିଏ ପାଖକୁ ପଶ୍ଚିମ ମୁଖା ପୂଜାଘର। ଖୋଲାଦ୍ୱାର ଦେଇ ଆଖିରେ ପଡ଼ିଲା ଭିତରେ ଦୁର୍ଗା, କାଳୀ, ଜଗଦମ୍ବା ସାଙ୍ଗକୁ ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତୀ ଇତ୍ୟାଦିର ଫଟୋ କେତୋଟି। ଘର ଭିତରେ ଧୂପ-ଚନ୍ଦନର ମିଶ୍ରିତ ସୁବାସ। ଲୁଗା ବଦଳାଇ ଆସି ସାମ୍ନାରେ ବସିଲା ବସୁଧା। ଫ୍ରିଜରୁ ବାହାର କରି ଆଣିଥିବା ବିଦେଶୀ ମଦ ବୋତଲ ଖୋଲି ଗ୍ଲାସରେ ଢ଼ାଳିଲା। ଅରଣ୍ୟ ଅପଲକ ଦେଖୁଥିଲା ତା ମୁହଁକୁ। ମନରେ ହଜାରେ ପ୍ରଶ୍ନର ଅଡୁଆ ଖିଅ।

- କାଲି ରାତିରେ ଏତେ ମଦ ପିଇବା ଉଚିତ୍ ନଥିଲା। ନିଶାଗ୍ରସ୍ତ ହୋଇ ଯେମିତି ଗଣ୍ଡଗୋଳ ଆରମ୍ଭ କରି ଦେଇଥିଲ ନା ଆଉ ଟିକିଏ ବେଶି ହୋଇଥିଲେ ବାଡ଼ିଓ୍ୱାଲୀ ପୁଲିସ ଡାକିବାକୁ ବାଧ୍ୟ ହୋଇଥାନ୍ତା। ପାନପତ୍ର ଅରଣ୍ୟ ଆଡ଼କୁ ବଢ଼ାଇ କହିଲା ବସୁଧା।

ଅରଣ୍ୟ ଉତ୍ତରରେ କିଛି କହିନଥିଲା। ବଢ଼ାଇ ଧରିଥିବା ମଦଗ୍ଲାସ ବସୁଧା ହାତରୁ ନେଇ ଟେବୁଲ ଉପରେ ରଖି ପଚାରି ବସିଲା- ତୁମେ ଏଠାରେ କେମିତି ?

- ଅସହାୟ ଝିଅଟି ପାଇଁ, ଏହାଠାରୁ ନିର୍ଭୟ ଆଶ୍ରୟସ୍ଥଳୀ ବୋଧହୁଏ ଅନ୍ୟ କେଉଁଠି ହୋଇ ନଥାନ୍ତା। ବସୁଧାର ଦୀର୍ଘଶ୍ୱାସର ଶବ୍ଦ ଅରଣ୍ୟ ସ୍ପଷ୍ଟ ଶୁଣିପାରିଲା।

- ତୁମ ବାପା-ମା' ?

- ମୋ ଭଳି କଳଙ୍କିନୀକୁ ସାଙ୍ଗରେ ନେଇ ଅଶାନ୍ତି ଭିତରେ କେତେଦିନ ଆଉ ବଂଚିଥାନ୍ତେ ?

- ଆଉ ଆମ ପିଲା... ?

ବସୁଧାର ଆଖି ଦି'ଟା କ୍ଷଣକ ପାଇଁ ଅରଣ୍ୟ ମୁହଁ ଉପରେ ସ୍ଥିର ହୋଇଗଲା। ପର ମୁହୂର୍ତ୍ତରେ ନିଜକୁ ସହଜ କରି କହିଲା-ତାକୁ ଗୋଟିଏ ଅନାଥାଶ୍ରମରେ ଛାଡ଼ି ଆସିଛି।

- ପୁଅ ନା ଝିଅ ?

- ପୁଅ।

- ସେ ଅନାଥାଶ୍ରମର ଠିକଣା ଦେଇ ପାରିବ ?

- ତୁମେ କ'ଣ ଏବେ ବି ଅବିବାହିତ ?

ହଠାତ୍ ବସୁଧାର ଏଇ ପ୍ରଶ୍ନଟା ଅରଣ୍ୟ ପିଠିରେ ଚାବୁକ୍ ଆଘାତ ପରି ମନେ ହେଲା। ଅନୁତାପ ବହ୍ନିରେ ଜଳୁଥିଲା ମନେ ମନେ।

(ଚାରି)

ତା'ପରେ ଅନେକ ଦିନ ପର୍ଯ୍ୟନ୍ତ ବସୁଧା ନିକଟକୁ ଆଉ ଯାଇନାହିଁ। ଘରେ କୋଇଲିର ସ୍ୱେଚ୍ଛାଚାରିତା ଜନିତ ଅଶାନ୍ତି, ସମାଧାନ ପାଇଁ ବାପା-ମା, ପରିବାର ଲୋକଙ୍କ ଅସହଯୋଗରେ ଭାଙ୍ଗି ପଡ଼ିଥିଲା ଅରଣ୍ୟ। ଶେଷକୁ ସମାଧାନର ପଥ କୋଇଲି ନିଜେ ଦେଖାଇଥିଲା ତା ପାଖକୁ ଛାଡ଼ପତ୍ରର ନୋଟିସ ପଠାଇ। ବସୁଧା ପାଖକୁ ଫେରିଯିବାକୁ ଏହାଠାରୁ ଉତ୍ତମ ପନ୍ଥା ଅରଣ୍ୟ ପାଖରେ ବୋଧହୁଏ ଅନ୍ୟ କିଛି ଥାଇନପାରେ। ଯଥାଶୀଘ୍ର ସମ୍ମତି ପ୍ରଦାନ କରିଥିଲା। ଅଦାଲତର ବିଚାର ଅନୁଯାୟୀ ଏବେ ସେମାନେ ସ୍ୱତନ୍ତ୍ର। ଏହି ସୁଖବର ନେଇ ଖୁସି ମନରେ ଅରଣ୍ୟ ଦିନେ ବସୁଧା ଘର ଆଡ଼କୁ ମୁହାଁଇଲା। ଘରେ ପହଂଚି ଶୁଣିଲା ବସୁଧା ସେଠାରେ ନାହିଁ। ଅନ୍ତେବାସୀ ଜଣେ କହିଲା -କେହି ଜଣେ ଶେଖ୍ ଇବ୍ରାହିମ୍ ନାମକ ବ୍ୟକ୍ତି ତାଙ୍କର ଫିଲ୍ମରେ ଅଭିନୟ ପାଇଁ ବାଡ଼ିଓ୍ୱାଲୀ ପାଖରୁ ବସୁଧାକୁ କିଣି ନେଇ ଯାଇଛନ୍ତି।

ଅରଣ୍ୟର ପାଦ ଦି'ଟା ସେଇ ମୁହୂର୍ତ୍ତରେ ମାଟିରେ ପୋତିହୋଇ ଯାଇଥିଲା ଯେମିତି। ତା'ପରେ କେତେ ମାସ ବସୁଧାର ଆଉ ସନ୍ଧାନ ମିଳିଲା ନାହିଁ। ଭାବିଥିଲା କୋଇଲି ଠାରୁ ବନ୍ଧନ ଛିନ୍ନପରେ ବସୁଧାକୁ ନେଇ ପୁଣିଥରେ ନୂଆ ସଂସାର ବାନ୍ଧିବ। ପୁଅକୁ ଅନାଥାଶ୍ରମରୁ ଆଣି ବାପର କର୍ତ୍ତବ୍ୟ ନିଭାଇବ। ସେମାନଙ୍କୁ ଖୁବ୍ ଆଦର ଦେବ ସେ। ହେଲେ ବସୁଧା ସେ ସୁଯୋଗ ତାକୁ ଦେଲା ନାହିଁ।

(ପାଂଚ)

ସେଦିନ ଇନ୍ଦିରାଗାନ୍ଧୀ ପାର୍କରେ ଜନଗହଳି। ପାର୍କର ଗୋଟିଏ ପାଖରେ 'ବିଦଗ୍ଧା ବସୁଧା' ଫିଲ୍ମର ସୁଟିଂ ଚାଲିଛି। ଫିଲ୍ମର ନାୟକ ଅଭିନବଙ୍କ ସହିତ ନବାଗତା ନାୟିକା ବସୁଧାଙ୍କର ଗୋଟିଏ ନୃତ୍ୟ ଦୃଶ୍ୟର ଛବି ଉତ୍ତୋଳନ ହେଉଛି। ବସୁଧା ନାମଟା ଶୁଣି କ୍ଷଣକ ପାଇଁ ଅରଣ୍ୟ ଧମନୀର ରକ୍ତ ତୀବ୍ରତର ହୋଇ ଉଠିଥିଲା। ସେଦିନ ତାଙ୍କ ଘରୁ ଶୁଣି ଆସିଥିଲା କେଉଁ ଧନଶାଳୀ ବ୍ୟକ୍ତି ତାଙ୍କ ଫିଲ୍ମରେ ଅଭିନୟ ପାଇଁ ବସୁଧାକୁ ନେଇ ଯାଇଥିଲେ। ଆଜିର ସୁଟିଂରେ ସେ ଭାଗ ନେଉଥିବା ନାୟିକାର ନାମ ବସୁଧା। ସତରେ କଣ ଅରଣ୍ୟର ହଜି ଯାଇଥିବା ମନର ମାନସୀ ଏଇ ବସୁଧା ? ମାତ୍ର ଥରେ ସାକ୍ଷାତ ପାଇବା ଆଶାରେ ଭିଡ଼ କାଟି ସୁଟିଂ ସ୍ଥଳରେ ପହଂଚିବାକୁ ଚେଷ୍ଟା କଲା ଅରଣ୍ୟ। ହେଲେ ସୁରକ୍ଷାକର୍ମୀ ତାକୁ ଅନୁମତି ଦେଇ ନଥିଲେ।

ସଂଯୋଗକୁ 'ବିଦଗ୍ଧା ବସୁଧା' ଚଳଚ୍ଚିତ୍ରଟିକୁ ଦେଖିବାକୁ ସୁଯୋଗ ମିଳିଥିଲା ଅରଣ୍ୟକୁ। ସିନେମା ହଲ୍ ସାମ୍ନାରେ ବସୁଧାର ବିରାଟ ରଙ୍ଗୀନ ଚିତ୍ର। ମୁଗ୍ଧ ଦୃଷ୍ଟିନେଇ କିଛି ସମୟ ଚିତ୍ରଟିକୁ ଦେଖୁଥିଲା ଅରଣ୍ୟ। ଶେଖ୍ ଇବ୍ରାହିମ୍ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତାଙ୍କ ଫିଲ୍ମରେ ନାୟିକା ହେବାକୁ ସୁଯୋଗ ଦେଇଛନ୍ତି। ନିଶ୍ଚିତ ଭାବରେ ଶେଖ୍ ଇବ୍ରାହିମ୍ ସଜ୍ଜନ ଲୋକ। ହେଲେ ହଲକୁ ଯାଇ ଛବିଟିକୁ ଶେଷ ପର୍ଯ୍ୟନ୍ତ ଦେଖିନଥିଲା ଅରଣ୍ୟ। କାହାଣୀର ସମାପ୍ତି କେଉଁଠି ହେବ ସେ ଦୃଶ୍ୟଟାକୁ ଅନୁମାନ ସେ କରି ନେଇଥିଲା। ତା'ହେଲେ ବସୁଧା କଣ ନିଜ ଜୀବନ ବିଷୟରେ ଇବ୍ରାହିମଙ୍କୁ ସବୁ ଜଣାଇଛି !

(ଛଅ)

ସେଦିନ ଇନ୍ଦିରାଗାନ୍ଧୀ ପାର୍କରେ ଗହଳି ଦେଖି ଶୁଣଥିଲା ବସୁଧା ଫିଲ୍ମର ସୁଟିଂ ଚାଲିଛି। ହେଲେ ଆଜି ଫୁଟପାଥରେ ସେମିତି ଗହଳି ଦେଖି ଆଶ୍ଚର୍ଯ୍ୟ ହେଲା। ଏଠାରେ ସେମିତି ସୁଟିଂ କିଛି ହେଉ ନାହିଁ। ତେବେ ଲୋକମାନେ ରୁଣ୍ଡ ହୋଇ କଣ ସବୁ ଆଲୋଚନା କରୁଛନ୍ତି। କେତେଜଣ ପୁଣି ଖବର କାଗଜରେ କଣ ଦେଖୁଛନ୍ତି, ଉତ୍ସୁକତା ମେଂଟାଇବା ପାଇଁ ସେମାନଙ୍କ ନିକଟକୁ ଆଗେଇ ଗଲା ଅରଣ୍ୟ। ଖବରକାଗଜ ପଢୁଥିବା ଲୋକ ଜଣକୁ ପଚାରି ଯାହା ଶୁଣିଲା ତାହା ଏତେଶୀଘ୍ର ଯେମିତି ଆଶା କରିନଥିଲା। ହଠାତ୍ ଏମିତି କଣ ହୋଇଗଲା ବସୁଧାର ?

'ବିଦଗ୍ଧା ବସୁଧା'ର ଶୋଷଣ ନେଇ ସେଦିନ ଭାବିଥିଲା ବୟସର ଜୌଲସ୍ୟ ଥିବା ପର୍ଯ୍ୟନ୍ତ ବସୁଧା ଚଳଚ୍ଚିତ୍ରରେ ଅଭିନୟ କରି ଚାଲିବ। ଉପାର୍ଜିତ ଅର୍ଥରୁ ଅନାଥାଶ୍ରମକୁ କିଛି ପଠାଇ ପୁଅକୁ ଶିକ୍ଷିତ କରି ଶେଷ ଜୀବନର ତା ପାଖରେ ଯାଇ ରହିବ। ସେମିତି କିଛି ନପାରିଲେ ପର୍ଯ୍ୟାପ୍ତ ସୁଖ-ପ୍ରାଚୁର୍ଯ୍ୟର ଅଭିଳାଷ ନେଇ 'ଅଂକୁବାଇନ' ହୋଇ ରହିଯିବ ଶେଖ ଇବ୍ରାହିମଙ୍କ ବାଗାନ ବାଡ଼ି ଫାର୍ମ ହାଉସରେ। ଅଥବା ଚାଲାଣ ହୋଇଯିବ ଦୁବାଇ କିମ୍ବା ଆରବର କେଉ ଶେଖ୍ଙ୍କ ହାରେମକୁ।

କିନ୍ତୁ ସେମିତି କିଛି ନ କରି ବସୁଧା ଚାରିମହଲା କୋଠା ଉପରୁ ଡେଇଁପଡ଼ି ଆତ୍ମହତ୍ୟା କରିଛି। ଖବର କାଗଜରେ ଲେଖାଅଛି ଆତ୍ମହତ୍ୟା ପୂର୍ବରୁ ସେ କୁଆଡ଼େ ଅତ୍ୟଧିକ ମଦ୍ୟପାନ କରିଥିଲା।

+ସନ୍ଧ୍ୟା ନିଳୟ, ରତିକାନ୍ତ
ବାଳିକା ହାଇସ୍କୁଲ ପାଖ,
ସହଦେବଖୁଂଟ, ବାଲେଶ୍ୱର-୧
ମୋ: ୯୦୯୦୦୦୧୬୨୦

# କଅଁଳ କାଉଁରିଆ କାଠି

ବିଜୟଲକ୍ଷ୍ମୀ ପାଣିଗ୍ରାହି



ବଢ଼ିଲା ଝିଅର ଚିନ୍ତା ବଢ଼ିଲା ନଈର ସୁଅ ଭଳି। କେତେ ବେଳେ କୂଳ ଖାଇଯିବ ତ ଆଉ କେତେବେଳେ ଭସେଇଦେବ ସବୁ ସୁଖଶିରୀ। ସେଥିପାଇଁ ଶରବିନ୍ଧା ଦୃଷ୍ଟିରେ ନିଘାରଖି ଜେଜିମା ଆକଟ କରୁଥାନ୍ତି ଅନିଶାକୁ। କାହା ସହିତ ମିଶୁଛି, କେମିତି ଚାଲୁଛି, କେମିତି କଥା କହୁଛି ସବୁଥିରେ ଅନୁସନ୍ଧାନୀ ଦୃଷ୍ଟି। ସେଥିପାଇଁ ଆନି ଜେଜିମାଙ୍କ ଉପରେ ଭାରି ଚିଡିଚିଡା ହୋଇଉଠେ। ନିଶା ଉଭୟଙ୍କୁ ବୁଝାନ୍ତି। ହେଲେ ନିଜେ ବୁଝିପାରନ୍ତି ନାହିଁ ବୟସ୍କମାନେ ଏମିତି କାହିଁକି କାଉଁରିଆ କାଠି ହୋଇଯାଆନ୍ତି କେଜାଣି ? ଭାଙ୍ଗିଯିବେ ସିନା ନଇଁବେ ନାହିଁ। ଆନି ଅବଶ୍ୟ ପରବର୍ତ୍ତୀ ସମୟରେ ବୁଝିଯାଏ।

ଏବେ ସପ୍ତାହେ ହେଲାଣି ଆନିର ଜେଜିମା ସହିତ ବନ୍ଧୁତା ଘନେଇ ଉଠିବା ଦେଖି ନିଶା ଭାରି ଖୁସି। ଯାହାହେଉ ଆଜିକାଲିର କିଶୋରୀ ମନ ସହ ସତୁରୀ ବର୍ଷର ପ୍ରୌଢଙ୍କର ବୁଝାମଣା ମିଶିଛି।

ପୁଅ ଆଦର୍ଶ ଆରାମରେ କ୍ଷୀର ପିଇ ଦିଏ ସତ ହେଲେ ନିଶା କ୍ଷୀର ଗ୍ଲାସଟି ଧରି ଝିଅ ପଛେ ପଛେ ଧାଆଁନ୍ତି। କାରଣ ପିଲାଦିନେ ତିନି ଗଣନା ଭିତରେ କ୍ଷୀର ପିଇଦେଉଥିବା ଆନି ଆଜିକାଲି ନଖରାମି କରୁଛି। ଅନେକ ଥର ତ କ୍ଷୀର ଥଣ୍ଡାହୋଇ ସେମିତି ଥୁଆ ହୋଇଥିବ ଟେବୁଲ ଉପରେ। ହେଲେ ଏବେ ଏବେ କ୍ଷୀର ଗ୍ଲାସ ସାରିଯାଉଛି। ଜେଜିମା ବୁଝାଇ ସୁଝାଇ ବୋଧହୁଏ ଆନିକୁ ପିଆଇ ଦେଉଛନ୍ତି।

ସେଦିନ ଆନି ତାଙ୍କୁ ପିଇବା ପାଇଁ କ୍ଷୀର ମାଗିବା ଦେଖି ଆଶ୍ଚର୍ଯ୍ୟ ହେଲେ ନିଶା। ଏଇ ତ ଦୁଇ ମିନିଟ ପୂର୍ବରୁ ଆଦର୍ଶ ଆଣି ଦେଇଥିବା ଦୁଇଟି ଖାଲି କ୍ଷୀର ଗ୍ଲାସକୁ ସେ ନିଜେ ଧୋଇ ରଖି ସାରିଲେଣି। ସେ ଆଦର୍ଶକୁ ପାଖକୁ ଡାକି ପଚାରିଲେ, ଦିଦିର କ୍ଷୀର କିଏ ପିଇଲା ? ଆଦର୍ଶ କହିଲା ମାଆ, ଜେଜିମା ମୋତେ ପିଆଇ ଦେଉଛନ୍ତି। ଆଦର୍ଶ କଥା ଶୁଣି ନିଶା ବୁଝିଗଲେ, ଏଇ କିଛିଦିନ ହେଲା ଆଦର୍ଶ କାହିଁକି ଅଳ୍ପ ଖାଦ୍ୟ ଖାଉଛି। ବଡ ଲୋକଙ୍କୁ ଉତ୍ତର ନଥାଏ ସେଥିପାଇଁ ଶାଶୁଙ୍କୁ ସବୁ କଥା ପଚାରି ହେବନି। ତେଣୁ ସେ ଟିକେ ଅଟକି ଗଲେ। ଏପଟେ ଆନି ଧରାପଡିଯାଇ ଥିବାରୁ ମୁଣ୍ଡ ତଳକୁ କରି ଠିଆ ହେଲା। କିଛି ସମୟ ପରେ ସେ ପାଠ ପଢ଼ାଇବାର ବାହାନାରେ ଆନିକୁ ପାଖକୁ ଡାକିଲେ। ସୁଷମ ଖାଦ୍ୟ ବିଷୟରେ ପଢ଼ାଉଥିବା ବେଳେ ସେ ଆନିକୁ ବୁଝାଉଥିଲେ ଏକ ଝିଅ ପିଲାର ଶାରୀରିକ ଗଠନ ପାଇଁ ଆବଶ୍ୟକ ଖାଦ୍ୟ ପାନୀୟ ବିଷୟରେ। ଅଦୂରରେ ବସିଥିବା ଶାଶୁମାଙ୍କ ଆଖି ଆଗରେ ନାଚି ଉଠୁଥିଲା ଅତୀତର ବିଭତ୍ସ ଘଟଣା। ଆଖିରେ ତାଙ୍କର ଲୁହ ଦେଖି ଆଦର୍ଶ ପଚାରୁଛି ଜେଜିମା, କଣ ହେଲା ? ତୁମେ କାନ୍ଦୁଛ କାହିଁକି ?

ଜେଜି ମାଆ କହିଲେ, ତୋ ପିଉସୀ କଥା ମନେ ପଡିଗଲା। ଆଜି ମୁଁ ବୁଝି ପାରୁଛି। ତୋ ମାଆ ଭଳି ମୁଁ ଯଦି ଏ ବିଷୟରେ ଆଗରୁ ଜାଣିଥାନ୍ତି ତେବେ ହୁଏତ ଆଜି ତୋ ପିଉସୀ ଆମ ଗହଣରେ ବି ଥାଆନ୍ତା। ଝିଅଟିଏ ବୋଲି ମୁଁ ତାକୁ କିଛି ଭଲ ଖାଇବା ଦେଲିନି। ତୋ ବାପା ଦାଦାଙ୍କୁ ଇଛା ନ ଥିଲେ ବି ପୁଅ ବୋଲି କ୍ଷୀର ବାଧ କରି ପିଆଉଥିଲି ହେଲେ ତାକୁ ଇଛା ଥିଲେ ବି କ୍ଷୀର ଟୋପାଟେ ଦେଇ ନ ଥିଲି। ଦୁର୍ବଳିଆଟା ଥିଲା ବୋଲି ଛୁଆକୁ ଜନ୍ମ ଦେଇ ନ ପାରି ମାଆ ପିଲା ଦୁହେଁ ଆରପାରିକୁ ଚାଲିଗଲେ।

ଭୋ ଭୋ କରି କାନ୍ଦି ଉଠୁଥିବା ଜେଜିମାଙ୍କ ପାଖକୁ ଦୌଡ଼ି ଯାଇ ଆନି ତାଙ୍କ ଲୁହ ପୋଛିଲା। ଜେଜିମାଆ କହୁଥିଲେ, ଆନି ! ସୁନାମାମା ମୋର ! କାଲିଠାରୁ ତୁ ସବୁବେଳେ କ୍ଷୀର ପିଇଦେବୁ। ଆନିର ମଥାକୁ ସାଉଁଳୁ ଥିଲେ ଜେଜିମାଆ। ତାଙ୍କ କଅଁଳ ପରଶରେ ଆନି ଢଳିଯାଉଥିଲା ତାଙ୍କ କୋଳକୁ।



+ଶିକ୍ଷୟିତ୍ରୀ
ପାଇକ ସାହି, ୪ର୍ଥ ଗଳି
ଜୟନଗର, ଜୟପୁର,
କୋରାପୁଟ
ମୋ-୮୨୪୯୪୫୦୦୫୦

## କ୍ଷୁଦ୍ରଗଳ୍ପ

# ପ୍ରଭେଦ

ଆଦ୍ୟାଶା ମହାପାତ୍ର





ଆଜିକୁ ତିନି ଦିନ ହେବ ପୁଅକୁ ଜ୍ୱର। ଗଲା ଦୁଇ ରାତି କାଶ ଯୋଗୁଁ ସେ ଶୋଇ ପାରିନି କହିଲେ ଚଳେ। ଦେହରେ ଖଇ ଫୁଟୁଥିଲା ଯେମିତି। ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଇବାରୁ ଆଜି ଦେହରୁ ତାତି ଟିକିଏ କମିଛି ଅବଶ୍ୟ। ଶୁଭେନ୍ଦୁ ଜାଣେ ପୁଅ ସହ ସୁରଭି ମଧ ଦୁଇ ଦିନ ଧରି ପ୍ରାୟ ଅନିଦ୍ରା ଅଛନ୍ତି । ରୋଷେଇ କଲାବେଳେ ମୁଣ୍ଡଟା ଟିକେ ବୁଲେଇ ଦେଲା ଭଳି ଲାଗୁଛି ବୋଲି ସେ କହୁଥିଲେ। ତେଣୁ ସେ ନିଜେ ଆଜି ରାତିରେ ପୁଅକୁ ଜଗିବ ଏବଂ ସୁରଭି ଟିକେ ବିଶ୍ରାମ ନେବେ ବୋଲି ଜିଦି କରି ବସିଲା।

ପୁଅର କାଶ ଶବ୍ଦରେ ନିଦ ଭାଙ୍ଗିଗଲା ଶୁଭେନ୍ଦୁର। ରାତି କେତେଟା ହେବ କେଜାଣି ? ଆଖି ଲାଗି ଯାଉଛି। ପୁଣି ଜାଗ୍ରତ ହେଲା ପୁଅର ଲହରା କାଶ ଶବ୍ଦରେ। ପାଣି ଟିକେ ନେଇ ଦେବ କି ? ଉଠିବ ଉଠିବ ହେଉଛି ଶୁଭିଲା ପତ୍ନୀଙ୍କ ସ୍ୱର। -' ବାବୁ, ନେ ଉଷୁମ ପାଣି ଟିକେ ପିଇଦେ। ବାପାଙ୍କ ନିଦ ଭାଙ୍ଗିଯିବ। ଆସ୍ତେ ଉଠିଆ। ମୁଁ ତେଜପତ୍ର, ଅଦା ପକେଇ ପାଣି ଫୁଟଉଛି। ପିଇଲେ କାଶ କମିଯିବ। ଭିକ୍ସ ଟିକେ ଛାତିରେ ଲଗେଇ ଦେଲେ ଆରାମ ଲାଗିବ । ଚାଲ ସେ ଘରକୁ, ମୋ ପାଖରେ ଏଥର ଶୋଇ ପଡିବୁ। 'ଶୁଭେନ୍ଦୁ କାନ୍ଥଘଣ୍ଟାକୁ ଚାହିଁ ଦେଖିଲା ଦୁଇଟା ବାଜିଛି।'

ପୁଅ ତା ପାଖରୁ ଆସ୍ତେ ଉଠିଗଲା ବୋଲି ସେ ଜାଣିଲା। 'ମାମା, ତୁ ଏପର୍ଯ୍ୟନ୍ତ ମୋ ପାଇଁ ଶୋଇ ପାରିନୁ ନା !' ପୁଅର ନରମ ଗଳାର ଶବ୍ଦ ଶୁଭିଲା ତାକୁ। ଶୁଭେନ୍ଦୁ ଜାଣେ, ଅବଶିଷ୍ଟ ରାତି ପୁଅ ପାଇଁ ଅନିଦ୍ରା ରହିପାରେ ତା ମାମା..! ନିଜକୁ ଦୋଷୀ ଦୋଷୀ ଲାଗୁଥିଲା ତାକୁ..! ସେ ବୁଝୁଥିଲା ସନ୍ତାନ ପାଇଁ ତା ବାପା ଆଉ ମାଆ ଅବଦାନର ପ୍ରଭେଦ... !

+ନୂଆପଡା, କଟକ

# ୧୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୩୦/୧ (ନି.ପ୍ର): ପଶ୍ଚିମ ବଙ୍ଗର ଖଡ଼ଗପୁର ରେଳମଣ୍ଡଳ ଅନ୍ତର୍ଗତ ହିଜଲି ଷ୍ଟେସନ୍ ଠାରେ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥରୁ ଛାଡୁଥିବା /ଆସୁଥିବା ଏବଂ ଏହା ମଧଦେଇ ଯାତୟାତ କରୁଥିବା ୧୨ଟି ଟ୍ରେନ ବାତିଲ ରହିବ। ସେହିପରି ୪ ଟି ଟ୍ରେନ୍ ଆଂଶିକ ବାତିଲ ହେବାକୁ ଥିବା ବେଳେ ଗୋଟିଏ ଟ୍ରେନ୍ ର ଗତିପଥ ପରିବର୍ତନ କରାଯାଇଛି।

ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୨୮୨୧/୧୨୮୨୨ ଶାଳିମାର-ପୁରୀ-ଶାଳିମାର ଧଉଳୀ ଏକ୍ସପ୍ରେସ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ରହିବ। ୧୨୦୭୩/୧୨୦୭୪ ହାଓଡ଼ା-ଭୁବନେଶ୍ୱର-ହାଓଡ଼ା ଜନ ଶତାବ୍ଦୀ ଏକ୍ସପ୍ରେସ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ହୋଇ ରହିବ । ୧୮୦୩୭/୦୮୦୩୮ ଯାଜପୁର କେନ୍ଦୁଝର ରୋଡ଼-ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ଼ ଏକ୍ସପ୍ରେସ ଯାଜପୁର କେନ୍ଦୁଝର ରୋଡ଼ ଠାରୁ ୩୧ ଜାନୁୟାରୀରୁ ୩ ଫେବୃଆରୀ ପର୍ଯ୍ୟନ୍ତ ଏବଂ ଖଡ଼ଗପୁରରୁ ୧ ରୁ ୫ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ହୋଇ ରହିବ।୧୮୦୪୫/୧୮୦୪୬ ଶାଲିମାର-ହାଇଦ୍ରାବାଦ-ଶାଲିମାର ଇଷ୍ଟକୋଷ୍ଟ ଏକ୍ସପ୍ରେସ ଶାଲିମାର ଠାରୁ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଏବଂ ହାଇଦ୍ରାବାଦରୁ ୩୧ ଜାନୁୟାରୀରୁ ୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ହୋଇ ରହିବ। ୨୨୮୫୩/୨୨୮୫୪ ଶାଲିମାର-ବିଶାଖାପାଟନମ୍-ଶାଲିମାର ଏକ୍ସପ୍ରେସ ୧ ଫେବୃଆରୀ ଦିନ ଶାଲିମାରରୁ ଏବଂ ୨ ଫେବୃଆରୀ ଦିନ ବିଶାଖାପାଟନମରୁ ବାତିଲ ହୋଇ ରହିବ।୧୨୮୮୧/୧୨୮୮୨ ଶାଲିମାର-ପୁରୀ-ଶାଲିମାର ଏକ୍ସପ୍ରେସ ଶାଲିମାର ଠାରୁ ୦୧ ଏବଂ ୩ ଫେବୃଆରୀ ଦିନ ଏବଂ ପୁରୀ ଠାରୁ ୩୧ ଜାନୁୟାରୀ ଏବଂ ୨ ଫେବୃଆରୀ ଦିନ ପୁରୀରୁ ବାତିଲ ହୋଇ ରହିବ ।୧୨୨୪୫/୧୨୨୪୬ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ ହାଓଡ଼ା ଠାରୁ ୦୧ ଓ ୫ ଫେବୃଆରୀ ଦିନ ଏବଂ ଯଶୋବନ୍ତପୁର ଠାରୁ ୩୧ ଜାନୁଆରୀ ଏବଂ ୩ ଫେବୃଆରୀ ଦିନ ବାତିଲ ରହିବ।୨୨୮୩୫/୨୨୮୩୬ ଶାଲିମାର-ପୁରୀ-ଶାଲିମାର ଏକ୍ସପ୍ରେସ ଶାଲିମାର ଠାରୁ ୨ ଫେବୃଆରୀ ଦିନ ଏବଂ ପୁରୀ ଠାରୁ ୧ ଫେବୃଆରୀ ୨ ଦିନ ବାତିଲ ରହିବ। ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ ୩ ଫେବୃଆରୀରେ ଭଞ୍ଜପୁରରୁ ଏବଂ ୪ ଫେବୃଆରୀରେ ପୁରୀରୁ ବାତିଲ ରହିବ।୨୨୮୭୪/୨୨୮୭୩ ବିଶାଖାପାଟନମ୍-ଦିଘା-ବିଶାଖାପାଟନମ୍ ଏକ୍ସପ୍ରେସ ୩ ଫେବୃଆରୀରେ ବିଶାଖାପାଟନମରୁ ଏବଂ ୪ ଫେବୃଆରୀ ରେ ଦିଘା ଠାରୁ ବାତିଲ ହୋଇ ରହିବ।୧୨୮୯୫/୧୨୮୯୬ ଶାଲିମାର-ପୁରୀ-ଶାଲିମାର ଏକ୍ସପ୍ରେସ ୪ ଫେବୃଆରୀରେ ଶାଲିମାରରୁ ଏବଂ ୩ ଫେବୃଆରୀ। ୨୨୬୦୫/୨୨୬୦୬ ପୁରୁଲିଆ -ଭିଲୁପୁରମ୍-ପୁରୁଲିଆ ଏକ୍ସପ୍ରେସ ୪ ଫେବୃଆରୀରେ ପୁରୁଲିଆରୁ ଏବଂ ୨ ଫେବୃଆରୀରେ ଭିଲୁପୁରମରୁ ବାତିଲ ହୋଇ ରହିବ।

ଖଡ଼ଗପୁର ଏବଂ ବାଙ୍ଗାଲୋର ରଲମଣ୍ଡଳ ଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣକୁ ଦୃଷ୍ଟିରେ ରଖି ଫଲକନୁମା ଏକ୍ସପ୍ରେସ ଏବଂ ପ୍ରଶାନ୍ତି ଏକ୍ସପ୍ରେସକୁ ଆଂଶିକ ବାତିଲ କରାଯିବାକୁ ଏବଂ ପୁରୀ-ଯଶୋବନ୍ତପୁର ଏକ୍ସପ୍ରେସକୁ ପରିବର୍ତିତ ମାର୍ଗରେ ନିମ୍ନଲିଖିତ ଅନୁଯାୟୀ ଚଳାଚଳ କରାଯିବାକୁ ନିଷ୍ପତି ନିଆଯାଇଛି। ୪ ଫେବୃଆରୀରେ ପୁରୀରୁ ଏବଂ ୫ ଫେବୃଆରୀ ୨୦୨୨ ରେ ୟେସନ୍ତପୁରରୁ ଛାଡିବାକୁ ଥିବା ୨୨୮୮୩/୨୨୮୮୪ ପୁରୀ-ଯଶୋବନ୍ତପୁର-ପୁରୀ ଏକ୍ସପ୍ରେସ ଏହାର ନିର୍ଧାରିତ ମାର୍ଗ ପରିବର୍ତେ ଯଶୋବନ୍ତନ୍ତପୁର- ବାଙ୍ଗାରାପେଟ - ଜୋଲାରପେଟାଇ - ରେନିଗୁଂଟା - ଗୁଡୁର - ବିଜୟୱାଡା ମାର୍ଗରେ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ ଏବଂ ଏହା ୟେଲହଙ୍କା, ହିନ୍ଦୁପୁର, ଧର୍ମାଭରମ, ଅନନ୍ତପୁର, ଧୋନ, ମାରକାପୁର ରୋଡ଼, ନରସାରାଓପେଟ ଏବଂ ଗୁଂଟୁର ଷ୍ଟେସନ ମାନଙ୍କଠାରେ ରହଣି କରିବ ନାହିଁ।

# ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସୁବିଧା ସମ୍ପର୍କିତ ବୈଠକ

ଭୁବନେଶ୍ୱର ,୩୦/୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧକ୍ଷତାରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଓସେପା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଅଧୟନ କରୁଥିବା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ପରୀକ୍ଷାରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଅଧିକ ସଂଖ୍ୟକ ଭିନ୍ନକ୍ଷମ ପରୀକ୍ଷାର୍ଥୀ କିଭଳି ଏହି ସୁବିଧାସୁଯୋଗ ପାଇପାରିବେ, ସେଥି ପାଇଁ ବିହିତ ପଦକ୍ଷେପ ନେବାକୁ ନିଷ୍ପତି ନିଆଯାଇଛି। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସୁବିଧାଗୁଡିକ ଯଥା: ସହାୟକ ଲେଖାଳି, ଏକ ଘଂଟାର ପରୀକ୍ଷା ସମୟ ଅବଧି ପାଇଁ ଅତିରିକ୍ତ ୨୦ ମିନିଟ, ଯଥା ସମ୍ଭବ ତଳ ମହଲାରେ ପରୀକ୍ଷା ସ୍ଥାନର ବ୍ୟବସ୍ଥା, ଶ୍ରବଣ ବାଧିତଙ୍କ ନିମନ୍ତେ ଦ୍ୱିତୀୟ ଭାଷା ଏସଇପି ଓ ତୃତୀୟ ଭାଷା ଭାବେ ଭିଜୁଆଲ ଆର୍ଟ ଚୟନ କରିବାର ବିକଳ୍ପ ବ୍ୟବସ୍ଥା, ତଥା ଶତକଡା ୫୦ ଭାଗ ପର୍ଯ୍ୟନ୍ତ ଶ୍ରେଣୀ ଉପସ୍ଥାନରେ କୋହଳ । ଦ୍ୱାଦଶ ଶ୍ରେଣୀର ସମସ୍ତ ବର୍ଗର ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପରୋକ୍ତ ସୁବିଧା ସହ ପରୀକ୍ଷା ଫିସରେ କୋହଳ ଏବଂ ଶ୍ରବଣ ବାଧିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ସଂକ୍ଷିପ୍ତ ଉତରମୂଳକ ପ୍ରଶ୍ନୋତର ବ୍ୟବସ୍ଥା କରାଯାଇଛି । ଦଶମ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଏସଇଓଡିଶା ଡଟ୍ ଏସି ଡଟ୍ ଇନ୍ ଏବଂ ଦ୍ୱାଦଶ ପରୀକ୍ଷାର୍ଥୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସିଏଚଏସଇଓଡିଶା ଡଟ୍ ଏନଆଇସି ଡଟ୍ ଇନ୍ ରେ ଲଗ୍ ଇନ୍ କରି ଅଧିକ ବିବରଣୀ ହାସଲ କରିପାରିବେ । ଏହି ପରିପ୍ରେକ୍ଷୀରେ ଓସେପା ଦ୍ୱାରା ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ମାଧମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ତରଫରୁ ପ୍ରଦତ ରିହାତି/ସୁବିଧା ସମ୍ପର୍କିତ ଏକ ସୂଚନା ପୁସ୍ତିକାକୁ ପ୍ରମୁଖ ଶାସନ ସଚିବ ଉନ୍ମୋଚନ କରିଥିଲେ ।

ଆଜିର ବୈଠକରେ ଅନୁପମ ସାହା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ସଭାପତି ଏବଂ ସମ୍ପାଦକ, ମାଧମିକ ଶିକ୍ଷା ପରିଷଦ, ଓଡ଼ିଶା ତଥା ଉପାଧକ୍ଷ ଏବଂ ଉପ ପରୀକ୍ଷା ନିୟନ୍ତ୍ରକ, ଉଚ୍ଚ ମାଧମିକ ଶିକ୍ଷା ପରିଷଦ, ଓଡ଼ିଶା ପ୍ରମୁଖ ଯୋଗ ଦେଇଥିଲେ ।

# ସାମ୍ପ୍ରଦାୟିକ ଶକ୍ତିଙ୍କ ବିରୋଧରେ ସତ୍ୟାଗ୍ରହ: ‘ରାଷ୍ଟ୍ରପିତାଙ୍କ ଅପମାନ-ସହିବ ନାହିଁ ହିନ୍ଦୁସ୍ତାନ’

ଭୁବନେଶ୍ୱର ,୩୦/୧ (ନି.ପ୍ର): ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ଶିଖ ଆଦି ଧର୍ମାବଲମ୍ବୀଙ୍କୁ ଏକତ୍ର କରି ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମର ଫଳ ସ୍ୱରୂପ ଭାରତ ସ୍ୱାଧୀନତା ପାଇଥିଲା। ହେଲେ ମହାତ୍ମା ଗାନ୍ଧୀଙ୍କୁ ଭାରତରେ ଖଳନାୟକ ସଜାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି। କିଛି ସାଂପ୍ରଦାୟିକ ଶକ୍ତି ଏହି ଅପଚେଷ୍ଟା ଚଳାଇଛନ୍ତି। କିନ୍ତୁ ସେମାନେ ବୁଝିବା ଜରୁରୀ ଯେ, ଯେଉଁ ଗାନ୍ଧୀଙ୍କୁ ସେମାନଙ୍କ ଗୁଳି ଖତମ କରିପାରିନାହିଁ, ଗାଳିରେ ସେ କେମିତି ଖତମ ହେବେ ମହାତ୍ମାଙ୍କ ପ୍ରତି ସାମ୍ପ୍ରଦାୟିକ ଶକ୍ତିଙ୍କର ଏଭଳି ଅଶୋଭନୀୟ ଆଚରଣ ଯୋଗୁଁ ବିଶ୍ୱରେ ଭାରତର ଛବି ମଳିନ ହେଉଛି। ତେଣୁ ଏଭଳି ଏକ ସଂକଟମୟ ପରିସ୍ଥିତିରେ ଭାରତର ଜନଗଣଙ୍କୁ ଜାଗ୍ରତ କରାଇବା ଲକ୍ଷ୍ୟରେ ଏକ ରାଷ୍ଟ୍ରୀୟ ଅଭିଯାନ, ‘ରାଷ୍ଟ୍ରପିତାଙ୍କ ଅପମାନ- ସହିବ ନାହିଁ ହିନ୍ଦୁସ୍ତାନ’ ଆରମ୍ଭ ହୋଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଗାନ୍ଧୀଜୀଙ୍କ ବଳିଦାନ ଦିବସରେ ଶେଷ ହେବ। ଏହି ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ




ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଡ. ବିଶ୍ୱଜିତ୍, ରାମ ଶଙ୍କର ଦାସ, ରବି ଦାସ, ଜନାର୍ଦ୍ଦନ ପତି, ବିଜୟ ମହାନ୍ତି, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ଜୟନ୍ତ କୁମାର ଦାସ, ଅଶୋକ କୁମାର ସାହୁ, ସୁରେଶ ପାଣିଗ୍ରାହୀ, ବୀରେନ୍ଦ୍ର ପ୍ରତାପ ଦାସ, ଅମୀୟ ପାଣ୍ଡବ, ଦେବ ପ୍ରସାଦ ପରିଜା, କଲ୍ୟାଣ ଆନନ୍ଦ, ଅରୁଣ ଜେନା, ସତୀଶ ମିଶ୍ର, ବିନୋଦ ସାହୁ, ବିଶ୍ୱପ୍ରିୟ କାନୁନଗୋ, ବିଜୟ ପରିଡ଼ା, ମଧୁସୂଦନ ବିଶ୍ୱାଳ, ଡଲି ଅପା, ଅନୁରାଧା ସୁବୁଦ୍ଧି, କିଶୋର ନାୟକ, ଲଳିତ ମହାପାତ୍ର, ରକ୍ଷାକର ଅନୁପମ, ମୀର ଅହମ୍ମଦ ଅଲ୍ଲୀ, ଅଲିଭା ଦାଶ, ଅଂଶୁମାନ, ମାୟାଧର ନାୟକ, ପ୍ରିୟା ଗରାବଡୁ, ମିହିର ଜେନା, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ଦିଲ୍ଲୀ, ହରିଦ୍ୱାର ଓ ରାୟପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଧର୍ମସଭା ନାଁରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦିଆଯାଇଥିଲା। ଏହା ସହ ରାଷ୍ଟ୍ରପିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିଲା। ଏପରିକି ସଂଖ୍ୟାଲଘୁଙ୍କ ବିରୋଧରେ ମଧ ବିଷୋଦଗାରର କରାଯାଇଥିଲା। ଏହାକୁ ନେଇ ଦେଶବ୍ୟାପୀ ଗାନ୍ଧୀପ୍ରେମୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

# ଏନଟିଡିର ମୂଳୋତ୍ପାଟନ ପାଇଁ ପ୍ରୟାସ ଆବଶ୍ୟକ

ଭୁବନେଶ୍ୱର ,୩୦/୧ (ନି.ପ୍ର): ପ୍ରତ୍ୟେକ ବର୍ଷ ଜାନୁଆରୀ ୩୦କୁ ସମଗ୍ର ବିଶ୍ୱରେ ନେଗ୍‌ଲେକ୍ଟେଡ ଟ୍ରପିକାଲ ଡିଜିଜେସ୍ (ଏନଟିଡି) ଦିବସ ଭାବରେ ପାଳନ କରାଯାଉଛି। ୨୦୧୨ରେ ଐତିହାସିକ ଲଣ୍ଡନ ଘୋଷଣାନାମା ଅନୁଯାୟୀ ଏନଟିଡିର ମୂଳୋତ୍ପାଟନ ଉପରେ ଅଧିକ ଧ୍ୟାନ ଦିଆଯାଉଛି ଏବଂ ଏ ଦିଗରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ବିଭିନ୍ନ ରାଷ୍ଟ୍ର ଏବଂ ଜନସାଧାରଣଙ୍କ ସହଭାଗିତାକୁ ଅଧିକ ଗୁରୁତ୍ୱ ଦେଉଛି । ୨୦୨୦ରେ ସମୁଦାୟ ବିଶ୍ୱକୁ ଏହି ରୋଗରୁ ସୁରକ୍ଷିତ ରଖିବା ସକାଶେ ପ୍ରଥମ ଥର ପାଇଁ ବିଶ୍ୱ ଏନଟିଡି ଦିବସ ପାଳନ କରାଯାଇଥିଲା।

ଏନଟିଡି ଶରୀରକୁ ଦୁର୍ବଳ ଏବଂ ଜୀବନକୁ ପ୍ରଭାବିତ କଲାଭଳି ରୋଗଗୁଡିକର ସମାହାର ଯାହା ଅଧିକରୁ ଅଧିକ ଦରିଦ୍ର ଏବଂ ସବୁଠାରୁ ଦୁର୍ବଳ ଜନସାଧାରଣଙ୍କୁ ଆକ୍ରାନ୍ତ କରୁଛି। ଏନଟିଡିରେ ଗୋଦର ଗୋଡ (ଲିମ୍ଫାଟିକ ଫାଇଲେରିଆସିସ୍), କାଳାଜ୍ୱର (ଭିସେରାଲ ଲିଶମେନିୟାସିସ), କୁଷ୍ଠରୋଗ (ଲେପ୍ରସି), ଡେଙ୍ଗୁ, ଚିକୁନଗୁନିଆ, ରାବିଜ ଆଦି ଅନ୍ତର୍ଭୁକ୍ତ, ଯେଉଁଗୁଡିକର ନିୟନ୍ତ୍ରଣ ପୂର୍ଣ୍ଣମାତ୍ରାରେ ସମ୍ଭବ। କିନ୍ତୁ ସମୁଦାୟ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକ ଏହି ସମସ୍ତ ରୋଗରେ ସଂକ୍ରମିତ ହେଉଛନ୍ତି । ଭାରତରେ ମଧ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଲୋକ ଏନଟିଡି ରୋଗଗୁଡିକରେ ସଂକ୍ରମିତ ହେଉଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବିଶ୍ୱରେ ପ୍ରତି ୫ ଜଣରେ ଜଣେ ବ୍ୟକ୍ତି ଏହି ଏନଟିଡି ରୋଗରେ ଆକ୍ରାନ୍ତ। ଏହା ଅତ୍ୟନ୍ତ ମାରାତ୍ମକ ରୋଗ ଯାହା ପ୍ରତ୍ୟେକଙ୍କ ଶିକ୍ଷା, ପୋଷଣ ଏବଂ ଆର୍ଥିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। କିନ୍ତୁ ଏସବୁର ନିୟନ୍ତ୍ରଣ ଏବଂ ମୂଳୋତ୍ପାଟନ ସମ୍ଭବ। ଏହାର ମୂଳୋପିଟନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଗଲେ ଆର୍ଥିକ ବିକାଶ, ସମୃଦ୍ଧି ଏବଂ ସାମାଜିକ ସ୍ତରରେ ସମାନତାରେ ଅଭିବୃଦ୍ଧି ଘଟିପାରିବ। ବିଶ୍ୱରେ ପ୍ରାୟ ୧.୭ ବିଲିଅନ ଲୋକଙ୍କୁ ପ୍ରଭାବିତ କରୁଥିବା ଏହି ରୋଗଗୁଡିକ ପ୍ରତିବର୍ଷ ଘଟୁଥିବା ହଜାର ହଜାର ସଂଖ୍ୟାରେ ମୃତ୍ୟୁର ମଧ କାରଣ ପାଲଟିଛି, ଯାହାକୁ ରୋକାଯାଇ ପାରିବ।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନିରଞ୍ଜନ ମିଶ୍ର କହିଛନ୍ତି ଯେ ଏନଟିଡି ରୋଗଗୁଡିକୁ ଅବହେଳିତ ଅଥବା କମ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଇଥାଏ, କିନ୍ତୁ ବିଗତ କିଛି ବର୍ଷଧରି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯଦ୍ୱାରା ଏ କ୍ଷେତ୍ରରେ ଏକ ମିଶନ ଆଧାରରେ କାର୍ଯ୍ୟ କରାଯାଇପାରିବ। ବିଶ୍ୱ ଏନଟିଡି ଦିବସ ଅବସରରେ ଏନଟିଡି ରୋଗଗୁଡିକର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସାମୁଦାୟିକ ସହଭାଗିତା ସହିତ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି, ଯାହାଫଳରେ ଏକ ସୁସ୍ଥ ସମାଜ ଏବଂ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ।

# ମୌଳିକ ସୁବିଧାରୁ ବଞ୍ଚିତ କୁଷ୍ଠାଶ୍ରମ ଓ କୁଷ୍ଠ କଲୋନି ଅନ୍ତେବାସୀ

ଭୁବନେଶ୍ୱର ,୩୦/୧ (ନି.ପ୍ର): କୁଷ୍ଠ ରୋଗୀଙ୍କୁ ଯେମିତି ଭୁଲି ଗଲେଣି ସରକାର। କୁଷ୍ଠ ରୋଗୀଙ୍କ ଚିକିତ୍ସା ଏବଂ ଥଇଥାନ ପାଇଁ ରାଜ୍ୟରେ ଥିବା କୁଷ୍ଠାଶ୍ରମ ଏବଂ କୁଷ୍ଠ କଲୋନି ଗୁଡ଼ିକ ବର୍ତ୍ତମାନ ନ୍ୟୁନତମ ମୌଳିକ ସୁବିଧାରୁ ବଞ୍ଚିତ। କିଛି ଦିନ ପୂର୍ବରୁ ଏସଂକ୍ରାନ୍ତରେ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଅବସ୍ଥାର ସୁଧାର ପାଇଁ ରାଜ୍ୟ ସରକାରଙ୍କ ସାମାଜିକ ମଙ୍ଗଳ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟଦିଗରେ କୁଷ୍ଠାଶ୍ରମ ପରିଚାଳନା ପାଇଁ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଦାୟିତ୍ୱ ରହିଛି। ମାତ୍ର ପୂର୍ଣ୍ଣକାଳୀନ ସମ୍ପାଦକ ବିନା ସଂଘ କିଭଳି ତା’ର ଦାୟିତ୍ୱ ନିର୍ବାହ କରିପାରିବ ଏହାକୁ ନେଇ ଷ୍ଟେଟ ଲେପ୍ରୋସି ଫେଡରେସନ ଏବଂ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ରାଜ୍ୟରେ ୯୨ଟି କୁଷ୍ଠ କଲୋନି ଏବଂ ୧୦ କୁଷ୍ଠାଶ୍ରମ ରହିଛି। ଏହି କୁଷ୍ଠାଶ୍ରମ ମଧ୍ୟରୁ ସମ୍ବଲପୁର ସ୍ଥିତ ହାତୀବାରି କୁଷ୍ଠାଶ୍ରମ, କଟକ, ବାଲେଶ୍ୱର ଏବଂ ଗଜପତିସ୍ଥିତ କୁଷ୍ଠାଶ୍ରମରେ କୁଷ୍ଠ ରୋଗୀଙ୍କୁ ଚିକିତ୍ସା ସହିତ ଥଇଥାନ କରାଯିବା କଥା। ମାତ୍ର ଏହା ଅତ୍ୟନ୍ତ ବିପର୍ଯ୍ୟୟ ସ୍ଥିତିରେ ଥିବା ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଗଠିତ ଟିମ୍ ନିଜ ପରିଦର୍ଶନରେ ଦେଖିବାକୁ ପାଇଥିଲା। ସମ୍ବଲପୁର ହାତୀବାରି ହେଲ୍ଥ ହୋମରେ ୧୪୦ କୁଷ୍ଠରୋଗୀଙ୍କ ପାଇଁ ମାତ୍ର ୨ଜଣ ରୋଷେୟା ଏବଂ ଜଣେ ଡ୍ରେସରଙ୍କ ନିଯୁକ୍ତି ଆଉଟସୋର୍ସିଂରେ ହୋଇଛି। ଏଠାରେ ୨୦ କର୍ମଚାରୀଙ୍କ ଆବଶ୍ୟକତା ରହିଛି। କଟକ କୁଷ୍ଠାଶ୍ରମରେ ୨୦୫ ରୋଗୀଙ୍କ ପାଇଁ ୩୨ ଜଣ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ତେଣୁ ତୁରନ୍ତ ନୂତନ ପଦ ସୃଷ୍ଟି କରି ନିଯୁକ୍ତି ଦିଆଯିବା ଉଚିତ। ବାଲେଶ୍ୱର କୁଷ୍ଠାଶ୍ରମରେ ଜଣେ ହେଲେ କର୍ମଚାରୀ ନାହାନ୍ତି। ଏଠାରେ ସ୍ଥିତି ଏଭଳି ଥିଲା ଯେ ତୁରନ୍ତ ୧୦ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଥିଲା। ପାରଳାଖେମୁଣ୍ଡି କୁଷ୍ଠାଶ୍ରମର ସମାନ ସ୍ଥିତି ରହିଛି। କୁଷ୍ଠ କଲୋନି ଗୁଡ଼ିକ ମଧ୍ୟରୁ ଖୋର୍ଦ୍ଧା ସ୍ଥିତ ଭାଗବତ କଲୋନି, ଜଟଣୀର ଧାରାବତୀ, ବାପୁଜୀ କଲୋନିରେ ରାସ୍ତା, ଶୌଚାଳୟ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାକୁ ସଜାଡ଼ିବା ପାଇଁ ଆଦେଶ ଦିଆଯାଇଛି। ପୁରୀସ୍ଥିତ ସଂଜୟ କୁଷ୍ଠ କଲୋନି, ଜୀବରାମ କଲୋନି ମରାମତି ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଲୁଇସ କୁଷ୍ଠ କଲୋନିରେ ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଅନ୍ତେବାସୀଙ୍କୁ ଖାଦ୍ୟ ଦିଆଯାଉନଥିଲା। ଅଦାଲତଙ୍କ ହସ୍ତକ୍ଷେପ ପରେ ଖାଦ୍ୟ ଦିଆଗଲା। ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଆଜୀବନ ସଂଘ ସଦସ୍ୟଙ୍କ ଅଭିଯୋଗ ଅନୁସାରେ, ହିନ୍ଦ୍ କୁଷ୍ଠ ନିବାରଣ ସଂଘ ପ୍ରମୁଖ କର୍ମକର୍ତ୍ତାମାନେ ଏହି କୁଷ୍ଠାଶ୍ରମଗୁଡ଼ିକୁ ନିୟମିତ ପରିଦର୍ଶନ କରି ଏହାର ବିକାଶ ପାଇଁ କାର୍ଯ୍ୟ କରିବା କଥା। ବିଶେଷକରି ଏହାର ସମ୍ପାଦକ ସ୍ୱାସ୍ଥ୍ୟ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି। ତେଣୁ କୁଷ୍ଠାଶ୍ରମ ବିକାଶ ପାଇଁ ଧ୍ୟାନ ଦିଆଯିବା ସମ୍ଭବ ହେଉ ନାହିଁ। ତେଣୁ ସଂଘରେ ପୂର୍ଣ୍ଣକାଳୀନ ସମ୍ପାଦକ ନିଯୁକ୍ତିର ଆବଶ୍ୟକତା ରହିଛି। ଏହାକୁ ନେଇ କିଛି ମାସ ପୂର୍ବରୁ ସଂଘର ସଦସ୍ୟମାନେ ରାଜ୍ୟପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ଓରାଓଁ ଜନଜାତିଙ୍କ ପର୍ବପର୍ବାଣି ଓ ବେଶଭୂଷା

ଭୁବନେଶ୍ୱର , ୨୯ ଜାନୁଆରୀ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ ରେଦର୍ଶକମାନେ ଆସନ୍ତାକାଲି ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଓରାଓଁ ଜନଜାତିଙ୍କର ପରମ୍ପରା ଓ ସଂସ୍କୃତିର ନିଦର୍ଶନ ବିଭିନ୍ନ ପର୍ବପର୍ବାଣି ଓ ବେଶଭୂଷା ସଂପର୍କରେ ଜାଣିପାରିବେ। ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଓରାଓଁମାନେ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଛତିଶଗଡ଼ ଓ ମହାରାଷ୍ଟ୍ରରେ ବାସ କରିଥାନ୍ତି । ଓଡ଼ିଶାର ଓରାଓଁମାନେ କୃଷିଜୀବୀ ସଂପ୍ରଦାୟର। ସେମାନେ କୃଷିରେ ଆଧୁନିକ ଉପକରଣ ଯଥା: ସାର, କୀଟନାଶକ ଓ ଉନ୍ନତ ମାନର ମଂଜିର ଉପଯୋଗ କରିଥାନ୍ତି। ସେମାନଙ୍କ ଘରଗୁଡ଼ିକ ବେଶ୍ ପ୍ରଶସ୍ତ। ଓରାଓଁ ଜନଜାତିଙ୍କ ଘର ସମ୍ମୁଖ ଓ ପଛପଟେ ଅଗଣା ଥାଏ। ଓରାଓଁମାନେ ମାନବ ଜୀବନ ଓ ପ୍ରକୃତି ସହିତ ସଂପର୍କ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହାକୁ ସେମାନେ ସାମାଜିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ କରିଥାନ୍ତି । ବିଭିନ୍ନ ଋତୁ ପରିବର୍ତନ ସହ ସେମାନେ ନୃତ୍ୟ ଓ ସଂଗୀତ ଉତ୍ସବ ପାଳନ କରି ଆନନ୍ଦିତ ହୁଅନ୍ତି। ସେଥି ମଧ୍ୟରେ ଗୋଉତ୍ସବ ବା ଗୋପୂଜା ଅନ୍ୟତମ।

ଓରାଓଁମାନଙ୍କର ପାରମ୍ପରିକ ପୋଷାକ ନାଲି ଧଡ଼ି ବୁଣା ବା ମୋଟା ଖଦଡ଼ରେ ତିଆରି ହୋଇଥାଏ । ପୁରୁଷମାନେ ଲିଅନ୍ କପଡ଼ା ବା କେରିଆ ପରିଧାନ କରୁଥିବାବେଳେ ମହିଳାମାନେ କାନାରିଆ ପରିଧାନ କରିଥାନ୍ତି । ଉଭୟ ପୋଷାକ ସ୍ଥାନୀୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଓରାଓଁ ଜନଜାତିର ପୁରୁଷମାନେ ବେଳେବେଳେ ପଗଡ଼ି ବ୍ୟବହାର କରୁଥିବାବେଳେ ମହିଳାମାନେ ଅଳଙ୍କାର ବ୍ୟବହାର କରିଥାନ୍ତି, ଯାହାକି ମୂଲ୍ୟବାନ ଧାତୁ କିମ୍ବା ପିତଳରେ ତିଆରି ହୋଇଥାଏ। ସଂପ୍ରତି, ଏହି ଜନଜାତି ପାରମ୍ପରିକ ପୋଷାକ ସହିତ ପ୍ୟାଂଟ, ସାର୍ଟ ଓ ସିନ୍ଥେଟିକ୍ ଶାଢ଼ି ପରିଧାନ କରୁଛନ୍ତି। ନୃତ୍ୟ ସମୟରେ ସେମାନେ ନକଲି ପଇସାରେ ତିଆରି ହାର ଓ ବାହୁବନ୍ଧରେ ସଜାଇ ହୋଇଥାନ୍ତି ।

# ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୫ହଜାର ତଳକୁ ଖସିଲା : ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା

ଭୁବନେଶ୍ୱର ,୩୦/୧ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶେଷରେ ୫ ହଜାର ତଳକୁ ଖସି ଆସିଛି। ୧୯ ଦିନ ପରେ ଏହି ଧାରା ଦେଖିବାକୁ ମିଳିଛି। ଗତ ୯ ତାରିଖରେ ଦୈନିକ ସଂକ୍ରମଣ ୪୮୨୯ ରେକର୍ଡ କରାଯାଇଥିଲା। ଏହାପରେ କରୋନା ହୁ ହୁ ହୋଇ ବଢ଼ି ଚାଲିଥିଲା। ୧୮ ତାରିଖରେ ଏହା ସର୍ବୋଚ୍ଚ ସ୍ତରରେ ପହଂଚିଥିଲା। ସେଦିନ ଆକ୍ରାନ୍ତ ସଂଖ୍ୟା ସର୍ବାଧିକ ୧୧, ୬୦୭ ରେକର୍ଡ କରାଯାଇଥିଲା। ଏହାପରେ ସଂକ୍ରମଣ ଖସିବା ଆରମ୍ଭ କରିଥିଲା। ଆଜି ଏହି ସଂଖ୍ୟା ୫ ହଜାର ତଳକୁ ଖସିଥିବାରୁ ଲୋକେ କିଛି ପରିମାଣରେ ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ବିପଦ ଏବେ ବି ରହିଛି ଏବଂ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଗତ ୨୪ ଘଣ୍ଟାରେ ୪୮୪୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମାତ୍ର ଦୈନିକ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି, ଯାହାକି ଚଳିତ ବର୍ଷର ସର୍ବାଧିକ। ଗଞ୍ଜାମ ଓ ଖୋର୍ଦ୍ଧାରୁ ୩ ଲେଖାଏଁ, ଅନୁଗୁଳ, ବରଗଡ଼, କଟକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ରୁ ଜଣେ ଲେଖାଏଁ ମୃତକ ରହିଛନ୍ତି। ମୋଟ୍ ମୃତ୍ୟୁ ସଂଖ୍ୟା ୮୫୭୫କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୫୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ୪୪୩, ସୁନ୍ଦରଗଡ଼ ୧୫୯, ନୟାଗଡ଼ ୨୧୦, ସମ୍ବଲପୁର ୧୪୯, ବାଲେଶ୍ୱର ୧୬୯, ଯାଜପୁର ୧୩୪, ମୟୂରଭଞ୍ଜ ୧୭୯ ଓ ଷ୍ଟେଟ୍‌ପୁଲ୍‌ରୁ ୨୬୫ ଜଣଙ୍କୁ ଚିହ୍ନଟ କରାଯାଇଛି। ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪୧ହଜାର ୬୮କୁ ବୃଦ୍ଧି ପାଇଛି। ଅପରପକ୍ଷରେ ରାଜ୍ୟରେ ଏବେ ବି ଘାତକ ଡେଲ୍‌ଟା ପ୍ରଜାତି ନିଜର ପ୍ରଭାବ ବିସ୍ତାର କରିଛି। ରାଜ୍ୟରେ ଯେତିକି ପଜିଟିଭ୍ ନମୁନାର ଜିନୋମ ସିକ୍ୱେନ୍ସିଂ କରାଯାଇଛି, ତହିଁରୁ ୨୫-୩୦ ପ୍ରତିଶତ ପର୍ଯ୍ୟନ୍ତ ଡେଲ୍‌ଟା ପ୍ରଜାତି ଚିହ୍ନଟ ହୋଇଛି। ଏପରିକି ଜିନୋମ ସିକ୍ୱେନ୍ସିଂରେ ଦେଶବ୍ୟାପୀ ସର୍ବାଧିକ ଡେଲ୍ ?ଟା ପ୍ରଜାତି ଚିହ୍ନଟ ହୋଇଥିବା ରାଜ୍ୟ ଭିତରେ ଓଡ଼ିଶା ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ମଧ ଡେଲ୍‌ଟାର ପ୍ରଭାବ ରହିଥିବା ଦେଖିବାକୁ ମିଳିଛି। ରାଜ୍ୟରେ ଏବେ ବି ୨୦ ଲକ୍ଷ ଲୋକ ନିଜର ପ୍ରଥମ ଡୋଜ୍ ନେଇ ନାହାନ୍ତି ଓ ତୃତୀୟ ଲହରରେ ଲୋକମାନେ ଅଧିକ ଖାମଖିଆଲ ହୋଇଯାଇଛନ୍ତି। ତେଣୁ କୋଭିଡ୍ ସତର୍କତା ଅବଲମ୍ବନ ନ କଲେ, କରୋନାର ଦ୍ୱିତୀୟ ଲହର ଭଳି ଏଥର ମଧ ଗୁରୁତର ରୋଗୀଙ୍କ ସଂଖ୍ୟା ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଏବେ ବି ବିପଦ ଟଳିନି। ନିଜକୁ ବିପଦମୁକ୍ତ କରିବା ପାଇଁ ହେଲେ କୋଭିଡ୍ ନିୟମ ମାନିବା ସହିତ ଟିକା ନେବାକୁ ହେବ। ରାଜ୍ୟରେ ଏବେ ବି ଡେଲ୍‌ଟା ପ୍ରଜାତିର ପ୍ରଭାବ ରହିଛି। ବର୍ତ୍ତମାନ ରାଜ୍ୟରେ କୋଭିଡ୍ ସ୍ଥିତି ସୁଧୁରୁଛି। ଲଗାତାର ସଂକ୍ରମଣ ହାର କମୁଛି। ରାଜ୍ୟର କେଉଁ ଅଞ୍ଚଳର ପଜିଟିଭ୍ ବଢୁଛି, କେଉଁଠି କମୁଛି, ତାହାକୁ ନେଇ ରାଜ୍ୟ ସରକାରଙ୍କୁ ବୈଷୟିକ ଇନ୍‌ପୁଟ୍ ଦିଆଯିବ। ଅନ୍ୟ ବିଭାଗ ବି ଇନ୍‌ପୁଟ୍ ଦେଉଛନ୍ତି। ସବୁ ତଥ୍ୟକୁ ବିଶ୍ଳେଷଣ କରି ସରକାର ଫେବ୍ରୁଆରି କଟକଣା କୋହଳ ନେଇ ଶେଷ ନିଷ୍ପତ୍ତି ସରକାର ନେବେ ବୋଲି ଡା. ମହାପାତ୍ର କହିଛନ୍ତି। ରାଜ୍ୟରେ ସଂକ୍ରମଣ କମିଥିଲେ ମଧ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ କେତେ ଜଣ କରୋନା ଟିକା ନେଇ ନାହାନ୍ତି, ସେ ସଂପର୍କିତ ତଥ୍ୟ ସରକାରଙ୍କ ପାଖରେ ନାହିଁ। ଆଇସିୟୁରେ ୫ଶହରୁ ଅଧିକ ଆକ୍ରାନ୍ତ ଥିବା ବେଳେ ଏ ସଂପର୍କରେ ଜାଣିବା ଲାଗି ମଧ ସରକାରଙ୍କ ପାଖରେ କୌଣସି ବ୍ୟବସ୍ଥା ମଧ ନାହିଁ। କିଛି ଦିନ ତଳେ ମୁମ୍ବାଇ କମିସନର ମୁମ୍ବାଇର ବିଭିନ୍ନ ହସ୍ପିଟାଲରେ ଅକ୍ସିଜେନ୍ ଶଯ୍ୟାରେ ଥିବା ୯୬ପ୍ରତିଶତ ଆକ୍ରାନ୍ତ ନିଜର ପ୍ରଥମ ଡୋଜ୍ ନେଇ ନ ଥିବା କହିଥିଲେ।

# ଭୁବନେଶ୍ୱର ୩୦ ନଂ ଜୋନର ବିଜୁ ଜନତା ଦଳର ନିର୍ବାଚନ ଆୟୋଗଙ୍କ ନିୟମ ଉଲଙ୍ଘନ

ଭୁବନେଶ୍ୱର,୩୦/୧ (ନି.ପ୍ର): ଗତ ଦୁଇଦିନ ଧରି ଭୁବନେଶ୍ୱର, ୩୦ନଂ ଜୋନର ବିଜୁ ଜନତା ଦଳର ପ୍ରାର୍ଥିନୀ ବବିତା ରାଉତ ଶତାଧିକ କର୍ମୀଙ୍କ ଗହଣରେ ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ଅର୍ଥାତ ପଦଯାତ୍ରା ଓ କର୍ମୀସମ୍ମିଳନୀ କରିଥିଲେ। ଆଜି ଦୁଇ ତିନି ଜଣ ପୂର୍ବତନ କର୍ପୋରେଟର ବିଜୁ ଛାତ୍ର ଜନତା ଦଳର ସୁବାଷ ସାହୁ, ପୂର୍ବତନ ୩୦ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତଙ୍କ ସହିତ ବିଜୁ ଜନତା ଦଳର ଶତାଧିକ କର୍ମୀଙ୍କ ଗହଣରେ ତାଙ୍କର ପ୍ରଚାର କାର୍ଯ୍ୟ ଜାରିରଖିଛନ୍ତି। ନିର୍ବାଚନ ଆୟୋଗ ଘୋଷଣା କରିଥିବା ମହାମାରୀ କରୋନା ନିୟମକୁ ସିଧାସଳଖ ଭାବରେ ସେମାନେ ଉଲଙ୍ଘନ କରିଛନ୍ତି ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଓ ଭୁବନେଶ୍ୱର ଉତର ଦାୟୀତ୍ୱରେ ଥିବା ବ୍ଲକ ସଭାପତି ଅଶୋକ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ମାଧମରେ ବିଜୁ ଜନତା ଦଳ ସରକାରରେ ଥାଇ ଏଭଳି କାର୍ଯ୍ୟ କରିଥିବାରୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ଅଶୋକ ଦାସଙ୍କ ନେତୃତ୍ୱରେ କୋଭିଡ-୧୯ ର ନିୟମ ଅନୁଯାୟୀ ଏକ ଚାରିଜଣିଆ ପ୍ରତିନିଧି ଦଳ ବ୍ଲକ ସଭାପତି ମନୋରଞ୍ଜନ ଜେନା,ଶ୍ରୀ ବ୍ରହ୍ମାନନ୍ଦ ସାହୁ, ମିହିର ଆଚାର୍ଯ୍ୟ ପ୍ରମୁଖ ଆୟୋଗଙ୍କୁ ଭେଟି ନିର୍ବାଚନୀ ନିୟମର ଖୋଲାଖୋଲି ଉଲଙ୍ଘନ କରିଥିବାରୁ ବିଜେଡ଼ି ଦଳ, ୩୦ ନଂ ଜୋନର ପ୍ରାର୍ଥିନୀ ବବିତା ରାଉତ ଏବଂ ସଂପୃକ୍ତ ଅନ୍ୟ ବ୍ୟକ୍ତି ବିଶେଷ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଥିଲେ।

# କରୋନା ବିରୋଧି ଟିକାକରଣ ଅଭିଯାନରେ ରାଜ୍ୟରେ ଆଜିସୁଦ୍ଧା ଦିଆଗଲାଣି ୫.୬୬ କୋଟି ଟିକା

ଭୁବନେଶ୍ୱର ,୩୦/୧ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୫ କୋଟି ୬୬ ଲକ୍ଷ ୪୬ ହଜାର ୬୧୭ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ଶନିବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୧୯ ଲକ୍ଷ ୨୭ ହଜାର ୦୧୧ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୨କୋଟି ୪୩ ଲକ୍ଷ ୦୨ ହଜାର ୨୪୩ ଜଣ । ଏହା ସହିତ ବୃଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୪ ଲକ୍ଷ ୧୭ ହଜାର ୩୬୩ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରେ ସମୁଦାୟ ୫୦ ଲକ୍ଷ ୪୦ ହଜାର ୨୨୩ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

## ୟୁଥ୍ ସୋସିଆଲ୍ ୱାର୍କର ଟିମ୍ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୩୦/୧(ନିପ୍ର): ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତର ଏକତାଳି ଗ୍ରାମରେ ୟୁଥ୍ ସୋସିଆଲ ଟିମ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତଦାତାର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି । ଗାଁର ଦୁର୍ଗାପୂଜା ମଣ୍ଡପରେ ଗାଁର ଜଣେ ଥାଲେସେମିଆ ରୋଗୀ ପ୍ରାୟଂଶୁ ଦଳେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଓଡିଶା ରକ୍ତଦାନ କେନ୍ଦ୍ର ବାଲେଶ୍ୱର ଶାଖାର ଡାକ୍ତର ପ୍ରଶାସନ୍ତ କୁମାର ଦାସ, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ସାଂଗଠନୀକ ସଂପାଦକ ମନୋରଂଜନ ଦାସ, ଚନ୍ଦ୍ରମୋହନ ରାଉଳ, ଜଗଦୀଶ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଯୁବକଙ୍କୁ ଉତ୍ସାହିତ କରିଥିଲେ । ୟୁଥ୍ ସୋସିଆଲ ଟିମ୍ ସଭାପତି ଚନ୍ଦନ ଜେନା, ଅରବିନ୍ଦ ସାହୁ, ବଂକିମ ସାହୁ, ରାମଜିତ ଟୁଡୁ, ଜଗନ୍ନାଥ ଜେନା, ପୂର୍ଣ୍ଣିମା ସାହୁ, ରବିନ୍ଦ୍ର ଜେନା, ହିତେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ଅନ୍ୟ ରାଜନୈତିକ ଦଳରୁ ଆସି ବିଜେପିରେ ଯୋଗ ଦେଲେ

ଜଳେଶ୍ୱର, ୩୦/୧(ନିପ୍ର): ଜଳେଶ୍ୱରର ଶ୍ରୀରାମପୁର ପଂଚାୟତର ପୂର୍ବତନ ପଂଚାୟତ ସମିତି ସଦସ୍ୟ ପାଣ୍ଡୁ ହାଁସଦା ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିତି ଆଦର୍ଶ ଓ ବିଚାର ଧାରାରେ ଅନୁପ୍ରାଣିତ ହୋଇ ତଥା ସାଂସଦ ପ୍ରଥାପ ଷଡଙ୍ଗୀଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କ ସହଯୋଗୀମାନେ ମଧ୍ୟ ଏଥିରେ ଯୋଗ ଦେଇଥିବା ବେଳେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପ୍ରଭାରୀ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦିପ ଦାସ, ସୁବର୍ଣ୍ଣରେଖା ମଣ୍ଡଳର କାର୍ଯ୍ୟକାରୀ ସଭାପତି ସୁଧିର ଓଝା, ଜିଲାପରିଷଦ ପ୍ରାର୍ଥୀ ରାଜେନ୍ଦ୍ର ନାଥ ସିଂ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗର ପାଳ ପ୍ରବିର ପ୍ରଧାନ, ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ପଶ୍ଚିମବାର୍ଡ ପ୍ରଭାରୀ ଆଦିତ୍ୟ ନାରାୟଣ ପାତ୍ର, ଜିଲା ଉପସଭାନେତ୍ରୀ ସାବିତ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷ୍ଠରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୩୦/୦୧ (ନି.ପ୍ର): ଜାତୀୟ କୃଷ୍ଠରୋଗ ନିରାକରଣ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷ୍ଠରୋଗ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଦାସ, ଡିପିଏଚଓ ଡାକ୍ତର ମିର୍ଜା ବାବର ବେଗ, ମହାମାରୀ ବିଶେଷଜ୍ଞ ସୁଶାନ୍ତ ପଟ୍ଟନାୟକଙ୍କ ସମେତ କଳ୍ପନା ପଣ୍ଡା, ରବିନ୍ଦ୍ର ମଲିକ, ବସନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନନ୍ଦ, ରବିନ୍ଦ୍ର କୁମାର ମହାନ୍ତି, ଶାନ୍ତିଲତା ଚାନ୍ଦ, ମିନତୀ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମାର୍ଚ୍ଚ ୨୦୨୧ ଠାରୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଜିଲ୍ଲାରେ ମୋଟ ୬୫ ଜଣ କୃଷ୍ଠରୋଗୀ ଥିବାବେଳେ ଏମାନଙ୍କ ମଧ୍ୟରୁ ୨୭ ଜଣ ସଂପୂର୍ଣ୍ଣ ଆରୋଗ୍ୟ ହୋଇଥିବା ସୂଚନା ମିଳିଥିଲା । ଅନ୍ୟ ୩୮ ଜଣଙ୍କର ଚିକିତ୍ସା ଚାଲୁ ରହିଛି । ଏହି କୃଷ୍ଠରୋଗୀଙ୍କ ମଧ୍ୟରୁ ୩ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ରୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଥିବା ଜିଲ୍ଲା କୃଷ୍ଠରୋଗ ଅଧିକାରୀ ଡାକ୍ତର ଦାସ ପ୍ରକାଶ କରିଛନ୍ତି ।

# ହାତିଆଡିହା ଯୋଗାଶ୍ରମରେ ଦିବଙ୍ଗତ ଦୁଃଖିଆ ମୁର୍ମୁଙ୍କର ୨ୟ ଶ୍ରଦ୍ଧାଞ୍ଜଳି



ରୂପ୍‌ସା, ୩୦/୦୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଦିବଙ୍ଗତ ମୁନି ରାଜ ଦୁଃଖିଆ ମୁର୍ମୁଙ୍କର ୨ୟ ଶ୍ରଦ୍ଧାଞ୍ଜଳୀ ବ୍ରହ୍ମଜ୍ଞାନୀ ଯୋଗୀ ମଧୁସୂଦନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ଆତ୍ମଦର୍ଶୀ ଯୋଗୀ ଶଙ୍କର ପାଲ ମହୋଦୟ । ମୁଖ୍ୟ ବକ୍ତା ଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷିକା ଶାନ୍ତିଲତା ବେହେରା । ସମ୍ମାନୀତ ବକ୍ତା ଥିଲେ ଆଶ୍ରମର ସଭାପତି ମୁନି ରାଜ ଶୁଭ ସୁଧାକର ଗିରୀ । ସମ୍ମାନୀତ ଅତିଥି ଥିଲେ ଆଶ୍ରମର ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ମଞ୍ଚ ପରିଚାଳନା କରିଥିଲେ ଆଶ୍ରମର କୋଷାଧକ୍ଷ ଯୋଗୀ ଭିକାରି ଚରଣ ମୁନି । ଦିବଙ୍ଗତ ଆତ୍ମାର ବିଶ୍ରା ସେ ମୁଁନ୍ତୀ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ବିଶ୍ୱର କଲ୍ୟାଣ ନିମନ୍ତେ ସମୂହ ପ୍ରଣବ ଶୁଭ ଭାବନା, ଶାନ୍ତିପାଠ କରାଯାଇଥିଲା । ତୈଳ ଚିତ୍ରରେ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମଞ୍ଚାସୀନ ବକ୍ତାମାନେ ଦୁଃଖିଆ ମୁର୍ମୁଙ୍କର ସ୍ମୃତି ଚାରଣ ସହିତ ଆତ୍ମଜ୍ଞାନ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଥିଲେ-ମୁନିରାଜ ବିଦ୍ୟାଧର ପାତ୍ର, ଭାସ୍କର ରାଉତ, ଗଙ୍ଗାଧର ପ୍ରଧାନ, ହଙ୍ଗଲ ହାସଦା, ମୁନି ଯୋଗେନ୍ଦ୍ର ବେହେରା, ପରମାନନ୍ଦ ବେହେରା, ଶଙ୍କର, ଖଗେଶ୍ୱର, ତାପସ କୁମାର, ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, ପୂର୍ଣମା ବର, ଗୀତା ରାଣୀ ମଲ୍ଲୀକ, କୈକେୟୀ ଜେନା, ମଞ୍ଜୁଲତା ବେହେରା, ସୁମତୀ ଦଳାଇ, ଗେହ୍ଲମଣୀ ବେହେରା, ସୀତା ବେହେରା, ଉର୍ମିଳା ସେଠୀ, ଗୀତା ସେଠୀ, ସୁମତୀ ଜେନା, ସୁକାନ୍ତୀ ଜେନା, ମିନତୀ ଜେନା, ଆରତୀ ମଣ୍ଡଳ, ଯମୁନା ବର, ପ୍ରଭାସିନୀ ବର, ପ୍ରିୟଦର୍ଶନୀ ଦେ, ପ୍ରତ୍ୟାହାର ଦେ, ମୁନି ବସନ୍ତ ମିର୍ଜା, ଲୀଳାବତୀ ଜେନା, ଜୁଲୁ ଦଳାଇ, ଶାନ୍ତି ଦଳାଇ ଇତ୍ୟାଦି । ଶେଷରେ ଦୁହିତା ଯୋଗଶିକ୍ଷିକା ବିନିତା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ୫ଟି କାର୍ଯ୍ୟରେ ଚଂଚକତା : ଅଭିଯୋଗ ଆଣିଲେ ଗ୍ରାମବାସୀ

ନୀଳଗିରି, ୩୦/୦୧ (ନି.ପ୍ର): ମାଟିଆଳି ହାଇସ୍କୁଲ ପରିସରରେ ଥିବା ବହୁ ପୁରାତନ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠଚକ୍ର ୧୯୮୬ ମସିହାରେ ଗ୍ରାମବାସୀମାନଙ୍କ ସହଯୋଗରେ ମାଟିଆଳି ହାଇସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିଲା । ଅନେକ କୁନି କୁନି ପିଲା ଉକ୍ତ ଶିକ୍ଷାକେନ୍ଦ୍ରରେ ଶିକ୍ଷା ଲାଭ କରିଆସୁଥିଲା ବେଳେ ପାଠଚକ୍ର କାର୍ଯ୍ୟକ୍ରମରେ ଅନେକ ପ୍ରକାର ବହି ଗଛିତ ଥିବା ବେଳେ ବହୁ ଯୁବକ ଯୁବତୀ ବୟସ୍କ ବ୍ୟକ୍ତି ବିଭିନ୍ନ ପ୍ରକାର ବହି ପଢୁଥିଲେ । ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀମାନଙ୍କ ଅନୁଦାନରେ ଦରମା ପ୍ରଦାନ କରାଯାଉଥିଲା । ଆର୍ଥିକ ପରିସ୍ଥିତିରେ ସଂକଟ ଦେଖାଦେବାରୁ ଉକ୍ତ ଶିକ୍ଷାକେନ୍ଦ୍ରକୁ ପରିଚ୍ଛଳନା କରିବା ସମ୍ଭବ ହୋଇ ପାରି ନ ଥିଲା । ୨୦୦୦ ମସିହାରେ ତତ୍କାଳୀନ ବିଧାୟକଙ୍କ ହାତପାଣ୍ଠି ଓ ଗ୍ରାମବାସୀମାନଙ୍କ ସହଯୋଗରେ ଏକ ପକ୍କା ଘର ନିର୍ମାଣ ହୋଇଥିଲା । ୨୦୧୪ ମସିହା ପର୍ଯ୍ୟନ୍ତ ଏଠାରେ କୁନି କୁନି ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଆର୍ଥିକ ସଂକଟରୁ ଶିକ୍ଷାଦାନ କରୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଦରମା ପ୍ରଦାନ କରାଯାଇ ପାରୁ ନ ଥିଲା । ସେଥିପାଇଁ ଉକ୍ତ ଶିକ୍ଷାକେନ୍ଦ୍ରଟି ବନ୍ଦ ହୋଇଯାଇଥିଲା । ମାତ୍ର ଉକ୍ତ କେନ୍ଦ୍ରରେ ପାଠଚକ୍ର କାର୍ଯ୍ୟକ୍ରମ ପ୍ରତିଦିନ ହୋଇ ଆସୁଥିଲା । ଏବେ ୫ଟି ଯୋଜନାରେ ସ୍କୁଲର ପାରିପାର୍ଶ୍ୱିକ ପରିସ୍ଥିତି, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ନୂତନ କ୍ଲାସ ରୁମ ନିର୍ମାଣ ପାଇଁ ଅର୍ଥ ମଂଜୁର ହୋଇଥିବା ବେଳେ କାର୍ଯ୍ୟ କରୁଥିବା ଠିକାଦାର ଜଣକ ଶିକ୍ଷାକେନ୍ଦ୍ରର ପକ୍କାଘରକୁ ମୁଖ୍ୟ ଦ୍ୱାରକୁ ଇଟା ଯୋଡ଼ାଇ କରି ବନ୍ଦ କରିଦେଇଥିଲା ବେଳେ ପକ୍କା ଘରର ଉତର ଦିଗକୁ ଏକ ଝରକା କୁ ଭାଙ୍ଗି ମୁଖ୍ୟ ଦ୍ୱାରା ନିର୍ମାଣ କରିଚ୍ଛଲିଛନ୍ତି । ପୁରୁଣା ପକ୍କା ଘରକୁ ପ୍ଲାଷ୍ଟର କରି ନୂତନ ପକ୍କା ଘରର ପରିଚୟ ଦେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପୁରୁଣା ପକ୍କା ଘରକୁ ଲଗାଇ ୧୦ଫୁଟ ଲମ୍ବର ବାରଣ୍ଡା ନିର୍ମାଣ ପାଇଁ କେତୋଟି କଲମ ଛିଡ଼ା କରିଥିବା ଦେଖିବାକୁ ମିଳିଛି । ଏଥିରୁ ଜଣାପଡୁଛି ୫ଟି ଯୋଜନାର କାର୍ଯ୍ୟକୁ ଚଂଚକତା କରି କିଭଳି ଭାବେ ଅର୍ଥ ହରିଲୁଟ କରାଯାଉଛି ଏହାର ନଗ୍ନ ନମୁନା ମାଟିଆଳି ହାଇସ୍କୁଲରେ ଦେଖିବାକୁ ମିଳିଛି । ସ୍କୁଲ ପରିସରରେ ଅନେକ ଜାଗା ଥିବା ବେଳେ ଠିକାଦାର ଜଣକ ମନ୍ଦ ଉଦ୍ଦେଶ୍ୟ ରଖି ପୁରୁଣା ପକ୍କା ଘରକୁ ଗ୍ରାମବାସୀଙ୍କ ବିନା ପରାମର୍ଶରେ କନିଷ୍ଠ ଯନ୍ତ୍ରୀଙ୍କୁ ହାତବାରିଶ କରି ଏଭଳି କାର୍ଯ୍ୟ କରଉଥିବା ନେଇ ଗ୍ରାମର ମୃତ୍ୟୁଂଜୟ ପଣ୍ଡା, ରଘୁନାଥ ପ୍ରଧାନ, ପ୍ରଶାନ୍ତ କୁମାର ପଣ୍ଡା, ରତିକାନ୍ତ ଶତପଥି, ହେମେନ୍ଦ୍ର ସିଂ, ସନ୍ତୋଷ ପାତ୍ର, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

# ଶହୀଦ ଦିବସରେ ମାଲ୍ୟାର୍ପଣ ଓ ୨ ମିନିଟିଆ ନିରବତା ପାଳିତ



ଭଦ୍ରକ, ୩୦/୦୧ (ନି.ପ୍ର): ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଜାନୁୟାରୀ ୩୦ ତାରିଖକୁ ଶହୀଦ ଦିବସ ରୂପେ ଆଜି ପାଳନ କରାଯିବା ଅବସରରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଦ୍ୱାରା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଜିଲ୍ଲାପାଳ ସକାଳ ଘ୭.୩୦ମିନିଟ୍‌ରେ ଐତିହାସିକ ଗାନ୍ଧୀ ପଡ଼ିଆରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ମାଲ୍ୟାର୍ପଣ କରିବା ସହିତ ଥାନାଛକ ନିକଟସ୍ଥ ମହତାବ କୋଠି ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଜିଲ୍ଲାସ୍କୁଲ ପରିସରରେ ଥିବା ମହାତ୍ମାଗାନ୍ଧୀ ଓ ସୁବାସ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଠିକ୍ ଦିବା ୧୧ ଘଟିକା ସମୟରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇ ମିନିଟ୍‌ର ନୀରବତା ପାଳନ କରାଯାଇଥିଲା । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟି କଲେକ୍ଟର କସ୍ତୁରୀବାଳା ଜେନା, ଭୂତତ୍ତ୍ୱବିତ୍ ସୁଶ୍ମିଳା ଜେନା ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଜିଲ୍ଲାପାଳଙ୍କ ସହ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଚାରବାଟିଆ ର ଗାନ୍ଧୀ ସ୍ମାରକୀ ପୀଠରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ନୀରବତା ପାଳନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଭଦ୍ରକର ଗାନ୍ଧୀବାଳାଶ୍ରମ, ଧାମନଗର ବ୍ଲକର ଲୋକକଳା ଗ୍ରାମ ବନ୍ଧଟିଆ ଆଦି ଜାଗା ମାନଙ୍କରେ ମଧ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି ।

## ସିଆଡ଼ିମାଳ ପଂଚାୟତରେ ବିଜେଡିର ମାରାଥନ ପ୍ରଚାର

ନୀଳଗିରି, ୩୦/୦୧ (ନି.ପ୍ର): ନୀଳଗିରି ବ୍ଲକ ଅଧିନ ବିଭିନ୍ନ ପଂଚାୟତରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ଦଳର ପ୍ରାର୍ଥୀ ସମେତ ସମର୍ଥୀତ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଜୋରଦାର ଆରମ୍ଭ କରିଛନ୍ତି । ଆଜି ସିଆଡ଼ିମାଳ ପଂଚାୟତର ବାବନ୍ଧ ଅଂଚଳର ବିଜେଡିର ୧୨ନଂ. ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ରଂଜିତା ସିଂ, ବିଜେଡି ସମର୍ଥୀତ ସମିତିସଭ୍ୟ ପ୍ରାର୍ଥୀ ବିଜୟ କୁମାର ଲେଙ୍କା, ସରପଂଚ ପ୍ରାର୍ଥୀ ଜଗନ୍ନାଥ ସିଂ ଏକ କର୍ମୀ ସମ୍ମିଳନୀ କରିଥିଲେ । ଏହି ନିର୍ବାଚନରେ କିପରି ପଂଚାୟତ ଦଖଲ କରିହେବ ଏ ନେଇ ବ୍ଲୁପ୍ରିଂଟ ପ୍ରସ୍ତୁତ ହୋଇଥିବା ବେଳେ କର୍ମୀମାନେ ଘରେ ଘରେ ଯାଇ ଭୋଟରମାନଙ୍କୁ ବିଜେଡିର ଜନହିତକର କାର୍ଯ୍ୟ ବୁଝାଇବା ସହିତ ଚଳିତ ପଂଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଓ ବିଜେଡି ସମର୍ଥୀତ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ବିଜୟ ଲାଭ କରିବା ସହିତ ନବୀନ ପଟ୍ଟନାୟକ ସରକାରଙ୍କ ହାତମୁଠାକୁ ଟାଣ କରିବାକୁ କର୍ମୀ ଓ ଭୋଟରମାନଙ୍କୁ ଅନୁରୋଧ କରିଥିଲେ । ସମିତିସଭ୍ୟ ପ୍ରାର୍ଥୀ ବିଜୟ କୁମାର ଲେଙ୍କା କୌଣସି ଅର୍ଥ ପ୍ରଲୋଭନରେ ନ ପଡ଼ି ସଠିକ୍ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ ।

# ବନବିଭାଗ ଓ ନୀଳଗିରି ପୁଲିସର ମିଳିତ ଚଢ଼ାଉରେ ନକଲି ବନ୍ଧୁକ କାରଖାନା ଠାବ

ନୀଳଗିରି, ୩୦/୦୧ (ନି.ପ୍ର): କୁଲଡିହା ବନବିଭାଗ ଓ ନୀଳଗିରି ପୁଲିସ ରାତି ଅଧିଆ ମିଳିତ ଚଢ଼ାଉ କରି ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ାଉ କରି ବହୁ ସରଂଜାମ ଜବତ କରିଥିବାବେଳେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଥାଉକି ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର ଙ୍କ ନିର୍ଦ୍ଦେଶରେ ନୀଳଗିରି ପୁଲିସ ଓ କୁଲଡିହା ବନବିଭାଗ ନୀଳଗିରି ଥାନା ଅଧୀନସ୍ଥ ହାତିଖୋଲିଆ ଗ୍ରାମର ରୁବିଆ ସିଂର ପୁଅ ରବି ସିଂ (୩୦) ଏବଂ ବଟ ସିଂ ର ପୁଅ ରବିନ୍ଦ୍ର ସିଂ (୩୮) କୁ ଗିରଫ କରିବା ସହ ଘଟଣାସ୍ଥଳରୁ ଏକ ଅଧା ତିଆରି ଦେଶୀ ବନ୍ଧୁକ ଏବଂ ବନ୍ଧୁକ ନିର୍ମାଣ ପାଇଁ ସରଂଜାମ ଓ ଯନ୍ତ୍ରାଂଶ ପୁଲିସ ଜବତ୍ କରିଥିଲେ । ଏନେଇ ନୀଳଗିରି ଥାନାରେ ୬୮ନମ୍ବର ମାମଲା ରୁଜୁ ହୋଇଥିବା ବେଳେ ୨୫/୨୭ ଆର୍ମ ଆକ୍ଟ ଧାରାରେ ୨ଟି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଥାନାର ସବ୍‌ଇନିସପେକ୍ଟର ସୁବର୍ଣ୍ଣା ବେହେରା, ଏ.ଏସ.ଆଇ. ରମାକାନ୍ତ ସେଠୀ, କନେଷ୍ଟବଳ ଜେ.କେ. ପାତ୍ର, କୁଲଡିହା ବନଅଧିକାରୀ ସମେତ କର୍ମଚ୍ଛରି ସାମିଲ ଥିଲେ ।

# କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ : ମହାବୀର ୟୁନାଇଟେଡ ଚଳିତ ବର୍ଷ ଚମ୍ପିଆନ

ନୀଳଗିରି, ୩୦/୦୧ (ନି.ପ୍ର): ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ଚାଲିଥିବା ଫ୍ୟାଟଲକ୍ସ କ୍ଲବ ଆନୁକୂଲ୍ୟରେ କ୍ରିକେଟ ପ୍ରିମିୟର ଲିଗ୍ ଆଜି ଉଦଯାପିତ ହୋଇଯାଇଛି । ଆଜି ଉଦ୍‌ଯାପିତ ଦିବସର ଫାଇନାଲ ମ୍ୟାଚରେ ତାରିଣୀ କେୟାର ଫାଇଟର୍ସ୍ ଓ ମହାବୀର ୟୁନାଇଟେଡ ମଧ୍ୟରେ ୧୨ ଓଭର ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ମହାବୀର ୟୁନାଇଟେଡ ୧୩୧ ରନର ବିଶାଳ ଲକ୍ଷ୍ୟ ତାରିଣୀ କେୟାର ଫାଇଟର୍ସ ଆଗରେ ରଖିଥିଲା । ତାରିଣୀ କେୟାର ଫାଇଟର୍ସ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ପ୍ରଥମରୁ ସଂଘର୍ଷ କରିଥିଲା ବେଳେ ଶେଷ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିବାରେ ଅସମର୍ଥ ହୋଇଥିଲା । ଯାହାକି ମହାବୀର ୟୁନାଇଟେଡ ୨୨ରନରେ ବିଜୟ ହାସଲ କରି ଚମ୍ପିଆନ ଅର୍ଜନ କରିଥିଲା । ଏହି ଉଦ୍‌ଯାପନୀ ମ୍ୟାଚକୁ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ସେହିପରି ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ରଣଜୀ ଖେଳାଳୀ ତଥା ଅଣ୍ଡର ୧୯ ଟିମ୍‌ର ଚୟନକର୍ତ୍ତା ସୁଧିପ ବିଶ୍ୱାଳ ଯୋଗ ଦେଇ ଚମ୍ପିୟାନ ଟିମ୍‌କୁ ଏକ ଲକ୍ଷ ଟଙ୍କା ଓ ରନସଅପ ଟିମ୍‌କୁ ୬୦ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଂଟକୁ ଫ୍ୟାଟଲକ୍ସ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର, ସଦସ୍ୟ ଶିଶିର ରାଉତ ସୁରଂଜନ ମହାପାତ୍ର, ଭାସ୍କର ବିଶ୍ୱାଳ, ରାଜୀବ ମହାପାତ୍ର, ବ୍ରଜକିଶୋର ପାଣି, ବିଜୟ କୁମାର ଲେଙ୍କା, ସଂଜୀବ ମହାପାତ୍ର, ଓ ସମସ୍ତ ସହଯୋଗ କରିଥିଲେ । ଆଜିର ଖେଳକୁ କୁମାର ରାୟ ଓ ଜଗନ୍ନାଥ ଦାଶ ପରିଚ୍ଛଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କାହା କ୍ଷେତ୍ରରେ ଘାତକ....

ହେଲଥ କେୟାରର ବିଶେଷଜ୍ଞ ମାନେ କହିଛନ୍ତି, ଯେଉଁ ରୋଗୀ ଠାରେ ଗୁରୁତର ରୋଗ ରହିଛି ସେମାନଙ୍କ କ୍ଷେତ୍ରରେ ଓମିକ୍ରନ ଆହୁରି ସାଂଘାତିକ ସାବ୍ୟସ୍ତ ହେଉଛି । ଆକ୍ରାନ୍ତ ହେବାର ଅଳ୍ପ ଦିନ ଭିତରେ କିଡନୀ ଫେଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଚିକିତ୍ସାଧୀନ କ୍ୟାନସର ରୋଗୀ ମଧ ଓମିକ୍ରନ ପାଇଁ ଗୁରୁତର ଅବସ୍ଥାକୁ ଆସି ଯାଇପାରନ୍ତି । ଓଡିଶାରେ ମଧ ଡାକ୍ତର ମାନେ ଏହି ପ୍ରସଙ୍ଗକୁ ନେଇ ସହମତି ପ୍ରକାଶ କରିଛନ୍ତି । ଓମିକ୍ରନ ସେତେ ସାଂଘାତିକ ହେବ ନାହିଁ ବୋଲି କହିବା ଭିତରେ ଜାନୁୟାରୀ ୩୦ ତାରିଖ ସୁଦ୍ଧା ଏକ ମାସରେ ୧୩ ହଜାର ୧୧ ଜଣ ପ୍ରାର ହରାଇ ସାରିଲେଣି । ଓହିଶାରେ ମଧ ଏହି ସମାନ ସମୟରେ ୧୧୮ ଜଣଙ୍କ ମୃତ୍ୟୁ ହେଲାଣି । ଏଭଳି ପରିସ୍ଥିତି ବୟାନ କରୁଛି, ସମସ୍ତଙ୍କ ପାଇଁ ଓମିକ୍ରନ ଘାତକ ନହେଲେ ବି ଗୁରୁତର ରୋଗୀଙ୍କୁ ଯଦି ଏହା ସଂକ୍ରମିତ ହୁଏ, ତେବେ ସେ ଆହୁରି ସାଂଘାତିକ ଅବସ୍ଥାକୁ ଚାଲିଯାଇପାରନ୍ତି ।

## ଗ୍ଲାମର ଦୁନିଆରୁ ଗାଁ ରାଜନୀତି ....

ଏହି ପ୍ରଚାର ଶୈଳୀ ଅଞ୍ଚଳରେ ଚର୍ଚ୍ଚାରେ ରହିଛି । ପ୍ରଚାରର ଯାଉଥିବା ବେଳେ ଔଷଧ, ଚିକିତ୍ସା ସମ୍ପର୍କୀୟ ଉପକରଣ ଧରି ଯାଉଛନ୍ତି । ଅସୁସ୍ଥ ଲୋକଙ୍କୁ ମାଗଣା ଚିକିତ୍ସା କରିବା ସହ ଔଷଧ ଦେଉଥିବାର ଦୃଶ୍ୟ ମଧ ଦେଖିବାକୁ ମିଳିଛି । ଅନ୍ୟପଟେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ବରୁଣଡିଆ ପଞ୍ଚାୟତରେ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପେଟେନ୍ ଦୁର୍ଯ୍ୟୋଧନ ମହାନ୍ତି । କ୍ୟାପଟେନ୍ ପଞ୍ଚାୟତର ବିକାଶ ଓ ଖରସ୍ରୋତା ପାଣି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯାଉଛନ୍ତି । ନିର୍ବାଚନ ମୈଦାନରେ ତାଙ୍କୁ ଟକ୍କର ଦେଉଛନ୍ତି ଯୁବ ଶିଳ୍ପପତି ସନ୍ତୋଷ କର । ତେବେ ଭୋଟରଙ୍କୁ ଆକୃଷ୍ଟ କରି ଜନମତକୁ ନିଜ ସପକ୍ଷକୁ ଆଣିବା ପାଇଁ ପ୍ରାର୍ଥୀଙ୍କ ଭିନ୍ନ ଶୈଳୀରେ ପ୍ରଚାର ଚର୍ଚ୍ଚାରେ ରହିଛି । ହେଲେ ଭିନ୍ନ ଶୈଳୀରେ ପ୍ରଚାର ପ୍ରାର୍ଥୀଙ୍କ ବିଜୟରେ କେତେ ସହାୟକ ହେବ ସମୟ କହିବ ।

## ମୁଁ ଗାନ୍ଧୀଙ୍କୁ କାହିଁକି ମାରିଲି ସିନେମାକୁ ....

ଐତିହ୍ୟ ବିପନ୍ନ ହେବା ସହିତ ବହୁ ଅଶ୍ଲୀଳ ଚଳଚ୍ଚିତ୍ର ବଜାରକୁ ଆସିବ ଯାହା ଆମ ସାମାଜିକ ବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ସିନେକ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି । ତେଣୁ କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।

## ଫେବୃଆରୀ ଦ୍ୱିତୀୟ ସପ୍ତାହ....

ଦେଶରରେ ଅନ୍ୟ ରାଜ୍ୟରେ ସଂକ୍ରମଣ କମିବା ସହିତ ଓଡ଼ିଶାରେ ମଧ ସଂକ୍ରମଣ ହାର ଲଗାତାର କମିବାରେ ଲାଗିଛି । ଏହା ଗୋଟିଏ ଭଲ ସ୍ଥିତି । ଆଉ ଗୋଟିଏ ଦିନ ପରେ ଫେବୃଆରୀ ମାସ ପାଇଁ ଗାଇଡ ଲାଇନ ଆସିବ । ସରକାର ସ୍ୱାସ୍ଥ୍ୟ ବିଭାଗ ସମେତ ସମସ୍ତ ବିଭାଗରୁ ଫିଡ଼ବ୍ୟାକ୍ ନେଉଛନ୍ତି । ଫେବୃଆରୀ ମାସରେ କିଛିଟା କଟକଣା ଜାରି ରହିବ । ଲୋକମାନଙ୍କର ଜୀବିକା ଯେଭଳି ପ୍ରଭାବିତ ନହେବ ସେଥିପାଇଁ ସରକାର ସଚେତନ ଅଛନ୍ତି । ନୂଆ ଭାରିଆଂଟ ନିଓକପକୁ ନେଇ ଯେଉଁ କଳ୍ପନା ଜଳ୍ପନା ଆଶଙ୍କା ପ୍ରକାଶ ପାଇଛି ତାହା ଅମୂଳକ ଓ ଭିତିହୀନ । ଏହାର କୌଣସି ପ୍ରାମାଣିକ ତଥ୍ୟ ନାହିଁ ବୋଲି ହୁ ସ୍ୱଷ୍ଟ କରିସାରିଛି ବୋଲି ସେ କହିଛନ୍ତି ।

# ଶହୀଦ୍ ଦିବସ ପାଳନ ଅବସରରେ ଦୁଇମିନିଟ୍ ନୀରବ ପ୍ରାର୍ଥନା




ବାରିପଦା, ୩୦/୦୧ (ନି.ପ୍ର): ଭାରତର ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଦେଶପ୍ରେମୀ ମହାନ ସ୍ୱାଧିନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ତା ୩୦.୦୧.୨୦୨୧ରିଖ ଦିବା ୧୧ ଘଟିକା ସମୟରେ ଶହୀଦ ଦିବସ ଆନୁଷ୍ଠାନିକ ଭାବେ ପାଳିତ ହୋଇଯାଇଅଛି । ଶହୀଦ୍ ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ ସମ୍ମିଳନି କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ମୟୂରଭଞ୍ଜ, ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ହେମନ୍ତ କୁମାର ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସେମତ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପ-ବିଭାଗ ଓ ଅନ୍ୟାନ୍ୟ ସରକାରୀ ବିଭାଗର ପଦାଧିକାରୀ ତଥା କର୍ମରୀ ଗଣ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିବା ୧୧ ଘଟିକା ସମୟରେ ୨ ମିନିଟ୍ ନିରବ ପ୍ରାର୍ଥନା ସହ ସମ୍ମାନ ଜଣାଇଥିଲେ । ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ, ବ୍ଲକ, ତହସିଲ ତଥା ବିଭିନ୍ନ ସରକାରୀ ବିଭାଗ କାର୍ଯ୍ୟାଳୟର ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ତତ୍ୱାବଧାନରେ ସହୀଦ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ସକାଳ ୮ ଘଟିକା ସମୟରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକଲ୍ୟରେ ବାରିପଦା ପୌରପାଳିକା ଗାନ୍ଧିପାର୍କ ସ୍ଥିତ ପୂଜ୍ୟ ବାପୁଜୀ (ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନାୟକ, ବରିଷ୍ଠ ନାଗରିକ ତଥା ସମାଜସେବୀ ଶରତ ଚନ୍ଦ୍ର ନାୟକ, ବିଦ୍ୟାଧର ସାହୁ, ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ ।

# ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳୁନି : ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଖଇରା, ୩୦/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗର୍ସଙ୍ଗ ପଞ୍ଚାୟତରେ ମୃତବ୍ୟକ୍ତିଙ୍କୁ ପରିବାର ବର୍ଗଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳୁନଥିବା ନେଇ ୫୦ରୁ ଉର୍ଦ୍ଧ ଗ୍ରାମବାସୀ ବିଡିଓ ପର୍ଶୁରାମ ପଣ୍ଡାଙ୍କ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ମାନେ ରାଜନୈତିକ ମନୋଭାବ ରଖି କାର୍ଯ୍ୟ କରୁଥିବାରୁ ପ୍ରକୃତ ହିତାଧିକାରୀ ମାନେ ଏଥିରୁ ବଞ୍ଚିତ ହେଉଥିବା ର ଅଭିଯୋଗ କାରୀ ମାନେ କହିଛନ୍ତି । ୩ବର୍ଷ ଧରି ଆତ୍ମିୟସ୍ୱଜନ ମାନେ ମୃତ୍ୟୁବରଣ କରିସାରିଥିବା ବେଳେ ଏ ପର୍ଯ୍ୟନ୍ତ ଅସହାୟ ଅବସ୍ଥାରେ ଶୁଦ୍ଧିକର୍ମ କରୁଥିବା ପରିବାର ବର୍ଗଙ୍କୁ ମିଳୁଥିବା ୨ହଜାର ଟଙ୍କା ଲେଖାଏଁ ଅର୍ଥ ମିଳୁନଥିବାର ରମେଶ ଚନ୍ଦ୍ର ସିଂ, ଜଗବନ୍ଧୁ ରଣା, ଦ୍ରୌପଦୀ ଖିଲାର, ସରୋଜ କୁମାର ବାରିକ, ନକୁଳ ଚନ୍ଦ୍ର ସାହୁ, ଖଗେଶ୍ୱର ସାହୁ, ସନାତନ ମଣ୍ଡଳ, ମାୟାଧର ପାଣିଗ୍ରାହୀ, ଲକ୍ଷ୍ମୀଧର ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି । ବିଭିନ୍ନ ସମୟରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ଶିଅଳ ଓ ମହେନ୍ଦ୍ର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ହରିଶ୍ଚନ୍ଦ୍ର ଯୋଜନାରେ କୌଣସି ଆବେଦନ ପେଣ୍ଡିଂ ନାହିଁ ବୋଲି କହିଛନ୍ତି ।

# ପୂର୍ବତନ ମନ୍ତ୍ରୀ ଚୈତନ୍ୟ ମାଝିଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାରିପଦା, ୩୦/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଜନ ନେତା ତଥା ପୂର୍ବତନ କେନ୍ଦ୍ର ଓ ରାଜ୍ୟମନ୍ତ୍ରୀ ସ୍ୱର୍ଗତଃ ଚୈତନ୍ୟ ପ୍ରସାଦ ମାଝିଙ୍କ ୩ୟ ଶ୍ରାଦ୍ଧ ବାର୍ଷିକି ବାରିପଦା ବିଜୁ ଭବନ ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଚୈତନ୍ୟ ମାଝିଙ୍କର ସୁକନ୍ୟା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଙ୍କ ସହିତ ଚୈତନ୍ୟ ମାଝିଙ୍କୁ ଜାଣିଥିବା ବହୁ ବୁଦ୍ଧିଜିବୀ ତଥା ବିଜେଡି ନେତା ଓ କର୍ମୀ ବରିଷ୍ଠ ଆଇନଜିବୀ କୃଷ୍ଣଚନ୍ଦ୍ର ଦାସ, ଶାନ୍ତନୁ କୁମାର ଦାସ, ଜିତେନ୍ଦ୍ର ମହାନ୍ତି, ଦୂର୍ଗାମଣି ଆଚାର୍ଯ୍ୟ, କମଳାକୁମାରୀ ଭଂଜଦେଓ, ଶ୍ରବଣ ଗୋପ, ଶିବୁ ରଣା, ସୁଜିତ ମହାନ୍ତି, ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ଚୈତନ୍ୟ ପ୍ରସାଦ ମାଝି ବାସ୍ତବରେ ଜଣେ ଜନନେତା ଥିଲେ । ସେ ଓଡିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଓଡିଶାରେ ଶିକ୍ଷା ବିକାଶ କ୍ଷେତ୍ରରେ ଯେଉଁ ସଂସ୍କାର ମୂଳକ କାର୍ଯ୍ୟ କରିଯାଇଛନ୍ତି ତାହା ଅବିସ୍ମରଣିୟ ବୋଲି କହିଥିଲେ । ଏହି ଅବସର ରେ ସମସ୍ତେ ସ୍ୱର୍ଗତଃ ମାଝିଙ୍କର ଫୋଟଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

# ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

ବାଲେଶ୍ୱର,୩୦/୦୧ (ନି.ପ୍ର): ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ପାଇଁ ଆସନ୍ତା ବିଧାନସଭା ଅଧିବେଶନ କାଳରେ ଭୁବନେଶ୍ୱରରେ ଗଣଧାରଣା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛି ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି।ଏହି ପରିପ୍ରେକ୍ଷୀରେ କମିଟିର ଏକ ବୈଠକରେ ସଭାପତି ମମତା ମହାପାତ୍ର ଅଧ୍ୟକ୍ଷତା କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଜିଲାର ଭୁଶୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କମିଟିର ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ନିରଞ୍ଜନ ରାଉତ, ଡା. ତାରାକାନ୍ତ ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ରବି ନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତୀ ସାହୁ, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା, ଯଶୋଦାନନ୍ଦନ ଆସ, ବିଜନ ଦେ ପ୍ରମୁଖ ଯୋଗଦେଇ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସମସ୍ତ ସରକାରୀ ହାସପିଟାଲରେ ଡାକ୍ତର, ନର୍ସ ଓ କର୍ମଚାରୀ ପଦ ପୂରଣ ନହେବା, ସରକାରୀ ମଞ୍ଜୁରୀପ୍ରାପ୍ତ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ନହେବା, ଆୟୁଷ ହସପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା, ମେଡିକାଲ୍ କଲେଜକୁ ଜାତୀୟ ରାଜପଥକୁ ସଂଯୋଗ ରାସ୍ତା,ଏମ୍ସ ଓପିଡି ସେଣ୍ଟର କାର୍ଯ୍ୟକ୍ଷମ ନହେବା ଆଦି ଅବହେଳାକୁ ଅଧିକ ଦିନ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଶେଷରେ ସର୍ବ ସମ୍ମତି କ୍ରମେ ଆନ୍ଦୋଳନ ପାଇଁ ନିଆଯାଇଥିଲା। ଏନେଇ ଜିଲା କମିଟି ନେତୃତ୍ୱରେ ଫେବୃଆରୀ ମାସ ସାରା ସମସ୍ତ ବ୍ଲକ ଶାଖାର ବୈଠକ ଓ ସ୍ୱାସ୍ଥ୍ୟସେବା ପ୍ରତି ସରକାରୀ ଉଦାସୀନତା ବିରୋଧରେ ଜନଜାଗରଣ ସଭା, ଆଲୋଚନା ଚକ୍ର, ପଦଯାତ୍ରା ପ୍ରଭୃତି କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ପରେ ବିଧାନସଭା ସମ୍ମୁଖରେ ଗଣଧାରଣା ପାଇଁ ଚନ୍ଦନେଶ୍ୱରରୁ ଏକ ପଦଯାତ୍ରା ବାହାରି ବାଲେଶ୍ୱର ଜିଲା ପରିକ୍ରମା କରି ଭୁବନେଶ୍ୱରରେ ପହଞ୍ଚିବ।

## ମାଆ ବଗଳାମୁଖୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୩୦/୦୧ (ନି.ପ୍ର): ତାମୂଲିଆ ଅଞ୍ଚଳରେ ୩ ଦିନଧରି ଚାଲିଥିବା ପୀତାମ୍ବରା ସିଦ୍ଧ ମହାଶକ୍ତିପୀଠର ନବମ ବାର୍ଷିକ ପ୍ରତିଷ୍ଠା ଓ ମା ବଗଳାମୁଖୀଙ୍କ ଜନ୍ମ ଉତ୍ସବ ରବିବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି। ସରକାରଙ୍କ କୋଭିଡ କଟକଣାକୁ ଗୁରୁତ୍ୱ ଦେଇ ନିରଡାମ୍ବର ଭାବେ ଉତ୍ସବର ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପାଳନ ହୋଇଥିଲା। ବେଦଜ୍ଞ ପଣ୍ଡିତ ଏବଂ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ, ଶ୍ରୀମନ୍ଦିରରୁ ମା'ଙ୍କ ଯଜ୍ଞ ମଣ୍ଡପକୁ ଆଗମନ, ଅର୍ଚ୍ଚନ, ସହସ୍ରାଦି ବଗଳା ମନ୍ତ୍ରରେ ଯଜ୍ଞାହୁତି ପ୍ରଦାନ କରାଯିବା ସହ ସଂନ୍ଧ୍ୟାରେ ପୁନର୍ବାର ଶ୍ରୀମନ୍ଦିରକୁ ମା'ଙ୍କ ପ୍ରତ୍ୟାବର୍ତନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ଚାଲିଥିବା ଯଜ୍ଞରେ ପଣ୍ଡିତଙ୍କ ବେଦମନ୍ତ୍ରରେ ସିଦ୍ଧ ଶକ୍ତିପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସିଦ୍ଧ ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନ ହୋଇଥିଲା। ମାଆଙ୍କ ଜନ୍ମୋତ୍ସବ ଅବସରରେ ମା'ଙ୍କୁ ୧୦୦୮ ପ୍ରକାର ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ପ୍ରସାଦ ଲାଗି କରାଯାଇଥିଲା। ମହାଶକ୍ତିପୀଠ ପକ୍ଷରୁ ତିନିଦିନ ଧରି ଭକ୍ତମାନଙ୍କ ନିମନ୍ତେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଇଡ଼ିଦା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ବାଲେଶ୍ୱର,୩୦/୦୧ (ନି.ପ୍ର): ଇଡ଼ିଦା ଗୋଲକ ନାରାୟଣ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦଙ୍କ ଆନୁକୂଲ୍ୟରେ ଦେ'ପଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟ ବରିସରରେ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଉକ୍ତ ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କେତେକ ରୋଗୀଙ୍କୁ ଚଷମା ବଣ୍ଟନ କରାଯାଇଥିବା ବେଳେ ମୋତିଆବିନ୍ଦୁ ଚିହ୍ନଟ ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ବାଲେଶ୍ୱର ରୋଟାରୀ କ୍ଲବ ଓ ରଙ୍ଗାମାଟିଆ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯିବ ବୋଲି ପୁରାତନ ଛାତ୍ର ଶଚୀନ୍ଦ୍ର ଦାସ ସୂଚନା ଦେଇଥିଲେ। ଯୁବ ବିକାଶ ଓ ମୌନ ଧୃତ ଫାଉଣ୍ଡେସନର ସହଯୋଗରେ ଆୟୋଜିତ ଏହି ଶିବିରକୁ ପରମାନନ୍ଦ ଦାସ, ଅଜୟ କୁମାର ଦାଶ, ପ୍ରଶାନ୍ତ କୁମାର ପଟ୍ଟନାୟକ, କୈଳାସ ଚନ୍ଦ୍ର ସାହୁ, ଗୌରୀଶଙ୍କର ଦତ୍ତ, ଭାଗିରଥି ଦାସ, ରଜତ ନାରାୟଣ ପ୍ରହରାଜ, ଅଶୋକ କୁମାର ଦାଶ, ବସନ୍ତ କୁମାର ଜେନା, ସତ୍ୟନାରାୟଣ ଦାସ, ସଞ୍ଜୀବ କୁମାର ଦାସ, ସୁଦାମ ଚରଣ ବାରିକ, ହରଗୋପାଳ ସିଂହ, ଦେବୀ ପ୍ରସାଦ ଭଞ୍ଜ, ରତୀନ୍ଦ୍ର ନାରାୟଣ ପରିଡ଼ା, ଅଶୋକ କୁମାର ବେହେରା, ବିଦ୍ୟାଧର ପରିଡ଼ା ପ୍ରମୁଖ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

## ବ୍ରହ୍ମ ଅନ୍ୱେଷଣ ଗାନ୍ଧୀ ସେବା ଶିକ୍ଷା ଆଶ୍ରମରେ ୭୪ତମ ଗାନ୍ଧୀଜୀଙ୍କ ସହିଦ ଦିବସ ପାଳିତ




ବାଲିଆପାଳ, ୩୦/୦୧ (ନି.ପ୍ର): ବାଲିଆପାଳ ବ୍ଲକର ଇଡକୋ ଛକ ସ୍ଥିତ ବ୍ରହ୍ମଅନ୍ୱେଷଣ ଗାନ୍ଧୀ ସେବା ଶିକ୍ଷା ଆଶ୍ରମରେ ଗାନ୍ଧୀଜୀଙ୍କ ୭୪ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏଥିରେ ବାଲିଆପାଳର ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ଆଶ୍ରମ ସମ୍ମୁଖରେ ଥିବା ଗାନ୍ଧୀ ମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଙ୍ଗୀତଜ୍ଞ ରମାନାଥ କର ବୈଷ୍ଣବ ଜନତୁ ଓ ରଘୁପତି ରାଘବ ରାଜାରାମ ଗୀତ ଗାନ କରିଥିଲେ। ଆଶ୍ରମର ପ୍ରତିଷ୍ଠାତା ସଦସ୍ୟ ସନ୍ୟାସୀ ବେହେରା ପ୍ରାରମ୍ଭିକ ଭାଷଣ ଦେଇ ଆଶ୍ରମର ଉଦ୍ଦେଶ୍ୟ ବିଷୟରେ ବୁଝେଇଥିଲେ ଓ ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ମାର୍ଗରେ ଏ ଦେଶକୁ କିଭଳି ସ୍ୱାଧୀନ କରିଥିଲେ ସେ ଆଲୋକପାତ କରିଥିଲେ। ଏହା ପରେ ବାଲିଆପାଳର ଅନେକ ବୁଦ୍ଧିଜୀବି ଯଥା ଅବସରପ୍ରାପ୍ତ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର,କବି ବ୍ରଜେନ୍ଦ୍ର ଗିରି, ପଦାର୍ଥ ବିଜ୍ଞାନବିତ୍ ବୀରମାଧବ ଦାସ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଝାଡେଶ୍ୱର ପ୍ରଧାନ, କବି ବିଜୟ ପାତ୍ର, ଅବସରପ୍ରାପ୍ତ ସାମରିକ କର୍ମଚାରୀ କମଳଲୋଚନ ପିଳା, ଅବସରପ୍ରାପ୍ତ ପ୍ରାଧାପକ ଦେବୀଦାସ ମହାପାତ୍ର ଓ ପ୍ରଶାସନିକ ଅଧିକାରୀ ଗୁଣାକର ପାଲ ଗାନ୍ଧୀଜୀଙ୍କ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ଆଶ୍ରମର ପ୍ରତିଷ୍ଠାତା ସଦସ୍ୟା ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଭାରତୀ ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିଲେ ମନ୍ତ୍ରୀ

ଖଇରା, ୩୦/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ମହତୀପୁର ପଞ୍ଚାୟତର ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ରଶ୍ମିତା ମହାପାତ୍ର,ସରପଞ୍ଚ ଆରତି ମହାନ୍ତି,ସମିତି ସଭ୍ୟା ଭାନୁପ୍ରିୟା ସାହୁଙ୍କୁ ସପକ୍ଷରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ବିଭିନ୍ନ ୱାର୍ଡକୁ ଯାଇ ଭୋଟ ଭିକ୍ଷା କରିଛନ୍ତି । ପ୍ରଥମେ ମନ୍ତ୍ରୀ ପ୍ରାର୍ଥୀ ମନାଙ୍କ ସହ କଣ୍ଟାପଡା ଶାସନକୁ ଯାଇ ଭୋଟର ମାନଙ୍କୁ ଭେଟିବା ପରେ କଣ୍ଟାପଡା, ଗନ୍ଧାଳୀ, ଫଗୁଣା ଓ ମହତୀପୁର ଗ୍ରାମକୁ ଯାଇ ପ୍ରାର୍ଥୀଙ୍କ ସମର୍ଥନରେ ଭୋଟ ଜୁଟାଇଥିଲେ । ବିଜେଡି ନେତା ଶୁକଦେବ ପଣ୍ଡା,ଓମପ୍ରକାଶ ପାତ୍ର,ସଞ୍ଜୟ କୁମାର ବେହେରା,ଦୟାନିଧି ମହାପାତ୍ର, ରାମଚନ୍ଦ୍ର ବିଶ୍ୱାଳ, ରମାକାନ୍ତ ମହାରଣା, ଦାମୋଦର ସାମଲ, ପୂର୍ଣ୍ଣଚନ୍ଦ୍ର ମିଶ୍ର, କେଶବ ପଣ୍ଡା,ଦେବେନ୍ଦ୍ର ନାୟକ,ପ୍ରଦ୍ୟୁମ୍ନ ରାଉତ,କଟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାର୍ଥୀ ମାନଙ୍କୁ ବିଭିନ୍ନ ଗ୍ରାମର ଭୋଟର ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ଖଇରାରେ ଗାନ୍ଧୀ ଶ୍ରାଦ୍ଧୋତ୍ସବ

ଖଇରା, ୩୦/୦୧ (ନି.ପ୍ର): ସ୍ଥାନୀୟ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଦୁର୍ଗାମଣ୍ଡପ ପରିସରରେ ଗାନ୍ଧୀଶ୍ରାଦ୍ଧୋତ୍ସବ ନିରାଡମ୍ବରରେ ପାଳିତ ହୋଇ ଯାଇଛି । ସକାଳେ ରାମଧୂନ, ଗୀତାପାଠ ପ୍ରତିମୂର୍ତ୍ତୀ ଓ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଅନ୍ତର୍ଯ୍ୟାମୀ ପାତ୍ର, ସାଧାରଣ ସମ୍ପାଦକ ରାଧାକାନ୍ତ ପାତ୍ର, ସନ୍ତୋଷ କୁମାର ଶତପଥି, କରୁଣାକର ମହାନ୍ତି, ମାନସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଅହିଂସା ନିତି ପାଇଁ ବାପୁଆଜି ସାରାବିଶ୍ୱ ମହାମାନବ ରୂପେ ପୂଜା ପାଉଥିବାର ଅତିଥି ମାନେ ପ୍ରକାଶ କରିଥିଲେ ।

## ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ

ବ୍ରହ୍ମପୁର, ୩୦/୦୧ (ନି.ପ୍ର): ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ସ୍ଥାନୀୟ ଆମ୍ବପୁଆସ୍ଥିତ ପ୍ରତିଷ୍ଠାନର କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାନର ସଭାପତି ବିଜୟ କୁମାର ରଥ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ପ୍ରଫେସର ଡ଼ା. ପି.ସି. ସାହୁ ଯୋଗଦେଇ ଓଡ଼ିଶାର ଦୃଷ୍ଟିହୀନମାନଙ୍କ ଶିକ୍ଷା ଏବଂ ଥଇଥାନ ଦିଗରେ ବିଜୟ ରଥଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଂ. ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମାଜସେବୀ ଡ଼. ଡ଼ମ୍ବରୁଧର ସାହୁ, ଭଗବତ ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଇଂ. ଜୟଦେବ ପ୍ରଧାନ, ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ପ୍ରମୁଖ ଯୋଗଦେଇ ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ଦୀର୍ଘ ୨୫ ବର୍ଷର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ସହିଦ ଦିବସ



ବାଲେଶ୍ୱର,୩୦/୦୧ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସର ସ୍ମୃତି ତଥା ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଜୀବନ ଉତ୍ସର୍ଗୀକୃତ ସଂଗ୍ରାମୀଙ୍କ ଅମର ଆତ୍ମାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଜିଲା ପ୍ରଶାସନ ପକ୍ଷରୁ ରବିବାର ସହିଦ ଦିବସ ପାଳିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁଇ ମିନିଟ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭବେଶ କୁମାର ନାୟକ, ଆଇଏଏସ ପ୍ରୋବେସନର କୁନାଲ ଚୌହାନ, ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଏନଡିଆରଏଫ୍ ଯବାନ ଓ ଗଣମାଧ୍ୟମ ପ୍ରତିନିଧିମାନେ ନିରବ ପ୍ରାର୍ଥନାରେ ସାମିଲ ହୋଇ ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସାଇରନ ସୂଚନାନୁସାରେ ନିରବ ପ୍ରାର୍ଥନା ଆରମ୍ଭ ଓ ସମାପ୍ତି ଘୋଷଣା କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏହି ସହିଦ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଐତିହ୍ୟ କରିଡ଼ର ପାଇଁ ଭାଙ୍ଗିଲା ଦୋକାନ ଘର

ପୁରୀ,୩୦/୦୧ (ନି.ପ୍ର): ଶ୍ରୀମନ୍ଦିର ଐତିହ୍ୟକରିଡ଼ର ନିର୍ମାଣ ପାଇଁ ଆଜି ଶ୍ରୀମନ୍ଦିରସିଂହଦ୍ୱାର ସମ୍ମୁଖସ୍ଥ ରାଧାବଲ୍ଲଭମଠ ନିକଟରେ ଥିବା ୪ଗୋଟି ଦୋକାନ ଘରକୁ ଭାଙ୍ଗି ଦିଆଯାଇଛି। ବୁଲଡ଼ୋଜ୍‌ର ସହାୟତାରେ ଆଜି ଦୋକାନଘର ଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଦୋକାନଗୁଡ଼ିକ ଭଙ୍ଗାଯିବା ପୂର୍ବରୁ ଦୋଳମଣ୍ଡପସାହି ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା। ଇତିମଧ୍ୟରେ ଐତିହ୍ୟକରିଡ଼ର ଲାଗି ଶ୍ରୀମନ୍ଦିର ମେଘନାଦ ପାଚେରୀ ଠାରୁ ୭୫ମିଟର ପରିଧି ମଧ୍ୟରେ ପ୍ରାୟ ୯୭ପ୍ରତିଶତ ଜମି ଅଧିଗ୍ରହଣ ଶେଷ ହୋଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହି ଯାଇଥିବା ଅବଶିଷ୍ଟ ଛୋଟବଡ଼ ଘରକୁ ଭଙ୍ଗାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ମାର୍ଗ ପାଇଁ ଟେଣ୍ଡର କାର୍ଯ୍ୟ ଶେଷ ହୋଇଛ। ଜମି ଅଧିଗ୍ରହଣ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣେ ବରିଷ୍ଠ ଅଧିକରୀ କହିଛନ୍ତି।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ : ରୋଗୀ ଗୁରୁତର

ଜଳେଶ୍ୱର, ୩୦/୧(ନିପ୍ର): ପଶ୍ଚିମବଂଗ ବେଲଦା ଅଂଚଳର ଜନୈକ ରୋଗୀ କଟକ ବଡ ଡାକ୍ତରଖାନାକୁ ଚିକିତ୍ସାଲାଗି ଗଲାବେଳେ ୬୦ ନଂ ଜାତୀୟ ରାଜପଥ ଜଳେଶ୍ୱର ଥାନା ନିକଟ ଏକତାଳି ଛକ ଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ରୋଗୀ ଜଣକ ଗୁରୁତର ହୋଇଥିଲେ । ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲେଶ୍ୱର ସଦର ଡାକ୍ତରଖାନା ଓ ପରେ ୧୦୮ ଯୋଗେ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ଧରି ୩ଜଣ ଆତ୍ମୀୟ ବ୍ୟକ୍ତି ବିଳମ୍ବିତ ରାତିରେ ୬୦ ଜାତୀୟ ରାଜପଥର ଚାଲନ୍ତି ନିକଟ ଏକ୍ସିଡେଣ୍ଟ ଜୋନ୍ ନିକଟରେ ଗାଡିଟି ରାସ୍ତାକଡକୁ ଓଲଟି ପଡିଥିଲା । ଫଳରେ ରୋଗୀ କଷ୍ଟତରୁ ରାୟ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବାରୁ ରୋଗୀ ସହିତ ଅନ୍ୟ ୩ଜଣ ଆହତଙ୍କୁ ବାଲେଶ୍ୱର ପଠାଯାଇଥିଲା । ଚାଳକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିଲା ବୋଲି ସ୍ଥାନୀୟ ଲୋକଙ୍କ ନିକଟରୁ ପ୍ରକାଶ । ପ୍ରକାଶଯୋଗ୍ୟ ଜଳେଶ୍ୱର ଥାନା ଅଧିନରେ ପିସିଆର୍ ଭେନ୍ ନ ଥିବା ଏବଂ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଇଲାକାକୁ ବାଲେଶ୍ୱରରୁ ଆସୁଥିବା ପିସିଆର୍ ଭେନ୍ ପ୍ରବେଶ କରୁନଥିବାରୁ ଚାଳକମାନେ ବେପାରୁଆଭାବେ ଗାଡି ଚାଳନା କରିଆସୁଛନ୍ତି । ତେଣୁ ବାଲେଶ୍ୱରରୁ ଆସୁଥିବା ପିସିଆର୍ ଭେନ୍‌କୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ବହୁଦିନରୁ ଦାବି ହୋଇ ଆସୁଥିବାରୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ । ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା ସ୍କର୍ପିଓ, ୪ ଗୁରୁତର



ବାରିପଦା, ୩୦/୦୧ (ନି.ପ୍ର): ଭାରସାମ୍ୟ ହରାଇ ନଦୀ ପୋଲ ତଳକୁ ସ୍କର୍ପିଓ ଖସିପଡିବା ଫଳରେ ଦୁର୍ଘଟଣା ଘଟି ୪ ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତି କରି ଥିବାର ଜଣାଯାଇଛି । ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ହଳଦୀପାଳ ନଦୀ ପୋଲରେ ଘଟିଛି ଏଭଳି ଦୁର୍ଘଟଣା । ନଦୀ ପୋଲ ଉପର ଦେଇ ସ୍କର୍ପିଓଟି ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ନଦୀକୁ ଖସିପଡିଥିବା ଜଣାପଡିଛି । ଦୁର୍ଘଟଣା ଫଳରେ ଗାଡି ଭିତରେ ଥିବା ୭ଜଣ ଲୋକଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ମେଡିକାଲରେ ଚିକିତ୍ସା ପାଇଁ ଭର୍ତି କରିଥିବା ଜଣା ଯାଇଛି । ଖବର ପାଇ ମୋରୋଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଗୁରୁତରଙ୍କ ସଂପର୍କରେ ସ୍ୱଷ୍ଟ ସୂଚନା ମିଳିପାରିନଥିବା ବେଳେ, ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ରାସ୍ତା ଅବୋରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୋଲିସ ଓ ସ୍ଥାନୀୟ ପ୍ରସାଶନ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ରାସ୍ତାରୁ ହଟିଥିଲେ ।

## ବିଜେଡି ଓ ଭାଜପାରେ ବିଦ୍ରୋହୀ କଣ୍ଟା

ଖଇରା,୩୦/୦୧ (ନି.ପ୍ର): ନିର୍ବାଚନ ଯେତେ ପାଖେଇ ଆସୁଛି ବାଲେଶ୍ୱର ଜିଲା ଖଇରା ବ୍ଲକର ୪ଟି ଜୋନରେ ନିର୍ବାଚନୀ ଉଷ୍ମତା ବଢିବା ସହ ସମିକରଣ ମଧ୍ୟ ବଦଳିବାରେ ଲାଗିଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୩ନଂ ଜୋନରେ ୪ଜଣ,୪ନଂ ଜୋନରେ ୫ଜଣ,୫ନଂ ଜୋନରେ ୪ଜଣ,୬ନଂ ଜୋନରେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସମସ୍ତ ୪ଟି ଯାକ ଜୋନରେ ବିଜେଡି,ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇଥିବା ବେଳେ ୪ନଂ ଜୋନରେ ସପିଏମ,୩ ଓ ୪ନଂ ଜୋନରେ ବିଏସପି,୫ନଂ ଜୋନରେ ଆପ ଦଳ ମଧ୍ୟ ପ୍ରତିଦ୍ୱନ୍ଦିତାକୁ ଓହ୍ଲାଇଛନ୍ତି। ମୋଟ ୧୮ଜଣ ସମିତି ସଭ୍ୟା/ସଭ୍ୟ ଓ ୨୯ଜଣ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରୁ ଓହରିବା ପରେ ୯୪ଜଣ ସମିତିସଭ୍ୟା/ସଭ୍ୟ ଓ ୯୭ଜଣ ସରପଞ୍ଚ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । କିଛି ପଞ୍ଚାୟତରେ ବିଦ୍ରୋହୀ କଣ୍ଟା ସାଜି ଶାସକ ବିଜେଡି ଓ ମୁଖ୍ୟ ବିରୋଧି ଭାଜପା ସମର୍ଥୀତ ପ୍ରାର୍ଥୀ ମାନଙ୍କ ବିଜୟରେ ବାଟ ଓଗାଳିଛନ୍ତି । ବିଜେଡି ନେତୃବୃନ୍ଦ ଡାଲଙ୍ଗ-୨,ସୁଣ୍ଡିରାଗଣ୍ଡିବେଡ ଭଳି କିଛି ପଞ୍ଚାୟତରେ ଅସନ୍ତୁଷ୍ଟଙ୍କୁ ମନାଇବାରେ ସଫଳ ହୋଇଥିଲେ ହେଁ ଡୁଙ୍ଗୁରା,ଗଡପୋଖରୀ, ମହତୀପୁର,ନୟାଖଣ୍ଡି ଭଳି ଆଉକିଛି ପଞ୍ଚାୟତରେ ବିଦ୍ରୋହୀ ଙ୍କ ଜିଦଖୋର ଆଚରଣ ବିଜେଡି ସମର୍ଥୀତ ପ୍ରାର୍ଥୀ ମାନଙ୍କୁ ଅଡୁଆରେ ପକାଇପାରେ। ପଳସା ପଞ୍ଚାୟତରେ ଅସନ୍ତୁଷ୍ଟ ବିଜେଡି କୁହାଯାଉଥିବା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପୁନର୍ବାର ସମତି ସଭ୍ୟା ଭାବେ ଲଢୁଥିବା ବେଳେ ବିଜେଡି ମଧ୍ୟ ତାର ଜଣେ ସମର୍ଥୀତ ଟାଣୁଆ ପ୍ରାର୍ଥୀଙ୍କୁ ଛିଡା କରାଇଥିବାରୁ ଫଳାଫଳ ପାଇଁ ସମଗ୍ର ଖଇରା ବ୍ଲକ ଉତ୍ସୁକତାର ସହ ଚାହିଁ ବସିଛି । ସେହିଭଳି ମୁଖ୍ୟ ବିରୋଧି ଭାଜପାରେ ମଧ୍ୟ ବିଦ୍ରୋହ ଦେଖିବାକୁ ମିଳିଛି। ୪ନଂ ଜୋନରେ ଆଶାୟିଥିବା ଜଣେ ବରିଷ୍ଠ ଭାଜପା ନେତାଙ୍କୁ ଟିକେଟ ନମିଳିବା ପରେ ସେ ତାଙ୍କ ପତ୍ନୀଙ୍କୁ ଗୋବିନ୍ଦପୁର ପଞ୍ଚାୟତରେ ସମିତିସଭ୍ୟା ଭାବେ ଛିଡା କରାଇଛନ୍ତି। ପ୍ରାର୍ଥୀତ୍ୱ ଚୟନରେ ଅସନ୍ତୋଷ ପ୍ରକାଶ କରି ଏହି ଜୋନର ସମସ୍ତ ପୁରୁଖା ନେତା ନିରବ ରହିଛନ୍ତି ଏବଂ ସମସ୍ତ ବୈଠକ କୁ ବର୍ଜନ କରୁଥିବାର ଦେଖିବାକୁ ମିଳିଛି । ଯଦି ସେମାନଙ୍କୁ ମନାଇବାରେ ଭାଜପା ନେତୃବୃନ୍ଦ ବିଫଳ ହୁଅନ୍ତି ତେବେ ଏହା ଭାଜପା ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି କୁହାଯାଉଛି। କିଛି ପଞ୍ଚାୟତରେ ଅସନ୍ତୁଷ୍ଟ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଅଘୋଷିତ ମେଣ୍ଟ କରି ନିର୍ବାଚନ ଲଢୁଥିବାର ଦେଖିବାକୁ ମିଳିଛି। ଦଳୀୟ ନେତା ଏବେ ବିଦ୍ରୋହୀଙ୍କ ମାନଭଞ୍ଜନ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବାରୁ ଏଥିରେ ସଫଳ କି ବିଫଳ ହେବେ ଆଗାମୀ ଦିନରେ ଜଣାପଡିବ ।

## ଛାତ ଉପର ବାଇଗଣି ରଙ୍ଗର ଦୁର୍ଲ୍ଲଭ ଫୁଲ କୋବି ଫଳାଇ ଚର୍ଚ୍ଚାରେ ଚାଷୀ ଧରଣୀଧର



ବାରିପଦା, ୩୦/୦୧ (ନି.ପ୍ର): ସ୍ୱରୂପ ନଗର ସ୍ଥିତ ନିଜ ଘର ଛାତ ଉପରେ ଶୀତ ଋତୁ ରେ ଚାଷୀ ଧରଣୀ ଧର ବାଇଗଣି ରଙ୍ଗର ଦୁର୍ଲ୍ଲଭ ଫୁଲ କୋବି ଚାଷକରି ବେଶ ଚର୍ଚ୍ଚାରେ ଅଛନ୍ତି । ଛାତ ଉପରେ ଫୁଲଫଳ ଓ ସବୁଜ ପନିପରିବାରେ ଭର୍ତି ସୁନ୍ଦର ବଗିଚା । ବଗିଚାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଉଡ଼ି ଆସୁଛନ୍ତି କେତେପ୍ରକାର ପକ୍ଷୀ । ପକ୍ଷୀଙ୍କ କିଚିରି ମିଚିରି କାକଳିରେ ପରିବେଶ ଉଛୁଳି ପଡୁଛି। ପ୍ରଜାପତି ଓ ମହୁମାଛିଙ୍କ ଉପସ୍ଥିତି ଛାତ ଉପରେ ଭିନ୍ନ ଏକ ପରିବେଶ ସୃଷ୍ଟି କରୁଛି । ସ୍ଥାନୀୟ ଅମ୍ବିକା ମନ୍ଦିର ପଛପଟେ ଥିବା ସ୍ୱରୁପ ନଗରରେ ଧରଣୀ କୁମାର ଦେ ନିଜ ଘର ଛାତ ଉପରେ ସୃଷ୍ଟି କରିପାରିଛନ୍ତି ଏକ ସୁନ୍ଦର ସବୁଜ ବଳୟ । ଛାତ ଉପରେ ଭଳିକି ଭଳି କୁଣ୍ଡରେ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗର ଫୁଲ ସହିତ ଫଳ ଗଛ ପୁଣି ଛନଛନିଆ ପନିପରିବାର ସମ୍ଭାରକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହେବ। କାରଣ ଛାତ ଉପରେ ପ୍ରକୃତିକୁ ସଜାଡିବାରେ ଏଭଳି ପ୍ରୟାସ ବେଶ ନିଆରା। ଧରଣୀଙ୍କ ଛାତି ଉପରେ ସପେଟା , ଆମ୍ବ, ଲେମ୍ବୁ , ଜାମୁରୋଳ , ବାରମାସୀ ଗୟାକୁଳି, ପିଜୁଳି , ଡାଳିମ୍ବ ଫଳ ସବୁ ଭରପୁର ଥିବା ବେଳେ ସପୁରୀ, କଦଳୀ, ନଡ଼ିଆ ଗଛ ମଧ ରହିଛି । ବିଭିନ୍ନ ପ୍ରକାର ଫୁଲ ମଧ୍ୟରେ ଗୋଲାପ ସାଙ୍ଗକୁ ଗେଣ୍ଡୁ , ଡାଲିଆ , ଜିନିଆ , ସେବତୀ , ସାଇକାସ୍, ରଜନୀଗନ୍ଧା, ଟଗର, ଗନ୍ଧରାଜ , ଯୁଇ, ହେନା ଏବଂ ବିଭିନ୍ନ ସିଜିନାଲ ଫୁଲ ସହିତ ନାନାକିସମର କ୍ରଟନ ଗଛ ଓ ବିଭିନ୍ନପ୍ରକାର ଔଷଧୀୟ ଗୁଳ୍ମଲତା ମଧ୍ୟରେ ସତାବରୀ , ତୁଳସୀ , ଘିକୁଆଁରୀ , ପୁଦିନା ଏମିତି ଅନେକ ଦରକାରୀ ଗଛଲତା ରହିଛି। ଖାଲି ସେତିକି ନୁହେଁ । ପନିପରିବା ମଧ୍ୟରେ ବିଭିନ୍ନ ପ୍ରକାର ଶାଗଠୁ ଆରମ୍ଭ କରି ଧଣିଆପତ୍ର , ମେଥି , ଫୁଲକୋବି , ବନ୍ଧାକୋବି , ବ୍ରୋକଲି , ଉଲକୋବି , ବିଟ୍ , ଗାଜର , ମୂଳା , ଲଙ୍କା , ବାଇଗଣ , ବିଲାତି , କଲରା, କାକୁଡ଼ି , ବୋଇତାଳୁ , ଲାଉ , ପୋଟଳ , କୁନ୍ଦୁରୀ ଇତ୍ୟାଦି । ତେବେ ଗତ ବର୍ଷ ଛାତ ଉପରେ ଜୈବିକ ଉପାୟରେ ଚାଷକରି ୧୬ କିଲୋଗ୍ରାମର ଅଧିକ ଓଜନର ଏକ ବୋଇତାଳୁ ଫଳାଇ ଚର୍ଚ୍ଚାକୁ ଆସିଥିଲେ। ସେହିପରି ଚଳିତ ବର୍ଷ ଶୀତ ଋତୁରେ ଦୁର୍ଲ୍ଲଭ ପ୍ରଜାତିର ବାଇଗଣି ରଙ୍ଗର ଫୁଲ କୋବି ଚାଷକରି ଆସିଛନ୍ତି ଚର୍ଚ୍ଚାକୁ । କୌଣସି କେମିକାଲ ସାର କିମ୍ବା ଔଷଧ ବ୍ୟବହାର ନକରି ସୁନ୍ଦର ବଗିଚା ସୃଷ୍ଟି କରି ଫଳ ଓ ପନିପରିବା ଅମଳ କରିବାରେ ସଫଳତା ପାଇଥିବା ଚାଷୀ ଧରଣୀ ଧର ଦେ ଙ୍କର ଏହି ଛାତ ଉପର ବଗିଚାକୁ ଦେଖିବାକୁ ଲାଗିଛି ଲୋକଙ୍କ ଭୀଡ । ଛାତ ଉପରେ ଗଛର ଯତ୍ନ ନେବା ପାଇଁ ପ୍ରତ୍ୟେକ ଦିନ ୨ରୁ ୪ଘଣ୍ଟା ସମୟ ଦେଉଥିବା ସହ ସବୁଜ ବଳୟ ସୃଷ୍ଟି କରି ପରିବେଶର ଯତ୍ନ ନେବାରେ ସେ ଅପାର ଆନନ୍ଦ ପାଆନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଗାନ୍ଧି ଦର୍ଶନ ଓ ଚିନ୍ତନ ଅବକ୍ଷୟମୁଖୀ ସମାଜର ରକ୍ଷା କବଚ

ଜଳେଶ୍ୱର, ୩୦/୧(ନିପ୍ର): ସାମ୍ପ୍ରତିକ ସମାଜର ଅବକ୍ଷୟ ଘଟିଆସୁଥିବା ବେଳେ ଜାତିର ପିତା ମହାତ୍ମାଗାନ୍ଧିଙ୍କର ଦର୍ଶନ ଓ ଚିନ୍ତନ ରକ୍ଷା କବଚ ଭଳି କାର୍ଯ୍ୟ କରି ଆସୁଛି । ସମଗ୍ର ବିଶ୍ୱରେ ବିନା ରକ୍ତପାତରେ କୌଣସି ରାଷ୍ଟ୍ର ସ୍ୱାଧୀନତା ଲାଭ କରି ନଥିବା ବେଳେ ଭାରତ ଉଦାହରଣ ସୃଷ୍ଟି କରିଛି। କିନ୍ତୁ ସେପରି ମହାତ୍ମାଙ୍କର ମୃତ୍ୟୁରେ ଆଜିର ଦିନକୁ ଭାରତ ସହିଦ୍ ଦିବସ ଭାବେ ପାଳନ କରି ଆସୁଛି । ସୁବର୍ଣ୍ଣରେଖା ନଦୀକୂଳ ଶିଖରପୁର ପଂଚାୟତ କାର୍ଯ୍ୟାଳୟ ନିକଟରେ ଜାତିର ପିତା ମହାତ୍ମାଗାନ୍ଧିଙ୍କର ପ୍ରତିମୂର୍ତ୍ତିକୁ ସ୍ୱର୍ଗତ ନକୁଳି ଓଝା ସ୍ଥାପନ କରି ଗାନ୍ଧି ଦର୍ଶକୁ ଉଦ୍‌ଜିବୀତ କରି ରଖିଛନ୍ତି। କରୋନା କଟକଣା ମଧ୍ୟରେ ଆଜି ସେଠାରେ ଗାନ୍ଧିଙ୍କର ତିରୋଧାନ ଦିବସ ପାଳିତ ହୋଇ ଯାଇଛି । ଅତୁଲ କୁମାର ଓଝାଙ୍କ ସଭାପତିତ୍ୱରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଗାନ୍ଧିଙ୍କ ଜୀବନାଦର୍ଶ ବର୍ଣ୍ଣନା କରିବା ସହିତ ତାଙ୍କ ଦର୍ଶନ ଓ ଚିନ୍ତନ ବିଶ୍ୱରେ ନିଆରା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ପରିଡା, ବିଦ୍ୟାଧର ମଲ୍ଲିକ, ଡ. ଅଜିତ୍ ମହାନ୍ତି, ରାମଚନ୍ଦ୍ର ଜେନା, ନିତ୍ୟାନନ୍ଦ ଓଝା, ଅବନୀ ଚାନ୍ଦ ପ୍ରମୁଖ ଦେଶର ବିଭିନ୍ନ ସ୍ଥାନରେ ଗାନ୍ଧିଙ୍କ ନିତି ଆଦର୍ଶକୁ ଅମାନ୍ୟ କରିବା ବିରୋଧରେ ମତପୋଷଣ କରିଥିଲେ ଓ ଗାନ୍ଧିଙ୍କ ଆଦର୍ଶ ଓ ଅହିଂସା ନିତି ବହୁ ସ୍ଥାନରେ ପ୍ରତିଫଳନ ହେଉନଥିବା କହିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo